R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୬
ତିଥି : ଚତୁର୍ଥୀ
୨୨ ଅକ୍ଟୋବର ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ୨୩ରେ ବାତ୍ୟା 'ଦାନା'

## ପ୍ରବଳ ବର୍ଷିବ, ଜୋର୍‌ରେ ପବନ ବୋହିବ

## ୨୪ ସକାଳେ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଛୁଇଁବ

## ସମୁଦ୍ରରୁ ମତ୍ସ୍ୟଜୀବୀ ଫେରିଆସିବାକୁ ପରାମର୍ଶ

## ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ କଲେ ଏସ୍ଆରସି



ଭୁବନେଶ୍ୱର, ୨୧।୧୦ (ସବ୍ୟୁ) : ସମୁଦ୍ରରେ ଦାନା ବାନ୍ଧୁଛି 'ଦାନା' । ବାତ୍ୟା ସୁନିଶ୍ଚିତ । ୨୩ରେ ବାତ୍ୟା ରୂପ ନେବ, ୨୪ରେ ଉପକୂଳ ଛୁଇଁବ । ଓଡ଼ିଶାରୁ ପଶ୍ଚିମବଙ୍ଗ ଉପକୂଳ ମଧ୍ୟରେ ଏହା ପ୍ରବେଶ କରିପାରେ । ସେହି ସମୟରେ ଏହାର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ରହିବ । ଉପକୂଳରେ ପ୍ରବଳ ବର୍ଷିବ ଓ ଜୋରରେ ପବନ ବୋହିବ । ଏଭଳି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବା ଲାଗି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍ସି) ନିର୍ଦ୍ଦେଶ ଦେଇଛନ୍ତି ।

ପାଣିପାଗ ବିଭାଗର କହିବା ଅନୁସାରେ, ଶନିବାର କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟଟି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ପରେ ଏହା ଲଘୁଚାପରେ ପରିଣତ ହୋଇ ୨୨ ତାରିଖରେ ଅବପାତ ରୂପ ନେବ । ୨୩ ତାରିଖରେ ଏହା ବାତ୍ୟାରେ ପରିଣତ ହେବ । ବାତ୍ୟା ରୂପ ନେବା ପରେ ଏହାର ନାମ 'ଦାନା' ରହିବ ।

ଏହା ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୪ ତାରିଖ ସକାଳ ସୁଦ୍ଧା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଛୁଇଁବାର ସମ୍ଭାବନା ରହିଛି । ତେବେ ଏହି ସମ୍ଭାବ୍ୟ ବାତ୍ୟାଟି କେଉଁଠି ସ୍ଥଳ ଭାଗ ଛୁଇଁବ ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ । ଏହା ପ୍ରଭାବରେ ଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ।

୨୪ ତାରିଖରେ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । କଟକ, କେନ୍ଦ୍ରାପଡ଼ା, ନୟାଗଡ଼, କନ୍ଧମାଳ, ଗଜପତି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯିବା ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ସେହିପରି ଭଦ୍ରକ, ବାଲେଶ୍ୱର, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ । ତେବେ ସମ୍ଭାବ୍ୟ ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ । ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟଭାଗକୁ ଯାଇଛନ୍ତି, ସେମାନେ ତୁରନ୍ତ ଫେରିଆସିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ ।

## ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି : ଏସଆରସି

## ଆଜି ବାତ୍ୟା ଆଶ୍ରୟସ୍ଥଳୀ ଯାଞ୍ଚ କରିବେ ଜିଲ୍ଲାପାଳ



ଭୁବନେଶ୍ୱର(ସବ୍ୟୁ): ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ରବିବାର ସନ୍ଧ୍ୟାରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ପାଣିପାଗ ବିଭାଗର ତଥ୍ୟ ଅନୁସାରେ ବାତ୍ୟା ହୋଇପାରେ । ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ବୈଠକ ପରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସ) ଡିକେ ସିଂ କହିଛନ୍ତି ।

ଏସଆରସି ଶ୍ରୀ ସିଂ କହିଛନ୍ତି, (୯ ପୃଷ୍ଠାରେ)

# ୩୦୦୦ ହବିଷ୍ୟାଳୀଙ୍କ ପାଇଁ ବନ୍ଦୋବସ୍ତ



## ଦଣ୍ଡବତ ହୋଇ ଆଶୀର୍ବାଦ କାମନା କଲେ ମୁଖ୍ୟମନ୍ତ୍ରୀ

## ବ୍ରତ ସରଞ୍ଜାମ ପ୍ରଦାନ କଲେ

ଭୁବନେଶ୍ୱର,୨୧।୧୦(ସବ୍ୟୁ): ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପୁରୀରେ କାର୍ତ୍ତିକ ବ୍ରତ କରିବାକୁ ଆସିଥିବା ହବିଷ୍ୟାଳୀ ମା' ମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରତ ସରଞ୍ଜାମ ପ୍ରଦାନ କରିଛନ୍ତି । ଏଥିରେ ଶାଢୀ, ଚଦର, ଉତ୍ତରୀୟ, ରାଇ ଦାମୋଦର ବ୍ରତ ବହି, ଶୁଖିଲି ମହାପ୍ରସାଦ ପ୍ରଭୃତି ରହିଛି । ପ୍ରାୟ ୩୦୦୦ ହବିଷ୍ୟାଳୀ ମା'ଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ହବିଷ୍ୟାଳୀ ମା' ମାନଙ୍କୁ ଦଣ୍ଡବତ ହୋଇ ଆଶୀର୍ବାଦ କାମନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଏସବୁ ପ୍ରଦାନ କରି ଏହା ମୋ ନିଜର ମା'ଙ୍କୁ ଦେବା ପରି ଅନୁଭବ କରୁଛି' । ସେ କହିଛନ୍ତି ଯେ, ଆପଣ ମାନେ ସମସ୍ତେ ଏହାକୁ ବ୍ରତ ପାଳନ ବେଳେ ବ୍ୟବହାର କରିବେ । ଏ ମାସ ସାରା ଆପଣ ମାନେ ଯେପରି ଖୁବ୍ ଭଲ ଭାବରେ ହବିଷ କରିବେ, ମହାପ୍ରଭୁଙ୍କ ଦର୍ଶନ କରିବେ, ମହାପ୍ରସାଦ ସେବନ କରିବେ, ଭଜନ କୀର୍ତ୍ତନ ଶୁଣିବେ ଓ ଖୁସି ମନରେ ଘରକୁ ଫେରିବେ, ସେଥିପ୍ରତି ଯତ୍ନବାନ ହେବାକୁ ମୁଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି ବୋଲି ସେ କହିଥିଲେ । ମା' ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଡାକ୍ତର ବ୍ୟବସ୍ଥା ମଧ୍ୟ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଭଲରେ ରୁହନ୍ତୁ, ଆନନ୍ଦରେ ରୁହନ୍ତୁ । ନିଜ ପରିବାର ତଥା ରାଜ୍ୟର ସମୃଦ୍ଧି ଓ ବିକାଶ ପାଇଁ ମହାପ୍ରଭୁଙ୍କୁ (୯ ପୃଷ୍ଠାରେ)

## ଜର୍ମାନୀରେଭାରତୀୟ ବିମାନ ଜରୁରୀ ଅବତରଣ

ନୂଆଦିଲ୍ଲୀ,୨୧।୧୦: ଭାରତର ୩୨ଟି ବିମାନକୁ ବୋମା ଧମକ ମିଳିଛି । ଫଳରେ ଦିଲ୍ଲୀରୁ ଲଣ୍ଡନ ଅଭିମୁଖେ ଯାଉଥିବା ୟୁକେ-୧୭ ଭିସ୍ତାରା ବିମାନକୁ ଜର୍ମାନୀର ଫ୍ରାଙ୍କଫର୍ଟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଅବତରଣ ପରେ ଯାଞ୍ଚ କରାଯାଇଛି ।ଏହାପରେ ଲଣ୍ଡନକୁ ଉଡାଣ ଭରିଛି ବିମାନ । ସେହିପରି ଅନ୍ୟ ସମସ୍ତ ବିମାନର କୌଣସି ଦିଗ ପରିବର୍ତ୍ତନ କରାଯାଇ ନାହିଁ । ସମସ୍ତ ବିମାନ ଗନ୍ତବ୍ୟସ୍ଥଳରେ ଅବତରଣ କରିଛନ୍ତି । ଏହାପରେ ଯାଞ୍ଚ କରାଯାଇଛି । ଯାଞ୍ଚ ପରେ ସେପରି କୌଣସି ବୋମା ସାମଗ୍ରୀ ମିଳିନାହିଁ । ଲଗାତାର ଭାବେ ଏପରି ଘଟଣା ଘଟିଚାଲିଛି । ଫଳରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଳାୟର ଚିନ୍ତା ବଢ଼ିଛ । ଏହାକୁ ନେଇ ଉଚ୍ଚସ୍ତରୀୟ ବୈଠକ ବସିବା ସହ ତଦନ୍ତ ମଧ୍ୟ ଚାଲିଛି । (୯ ପୃଷ୍ଠାରେ)

# ଧରାପଡ଼ିଲା ସନ୍ଦିଗ୍ଧ ପାରା

## ଗୋଡ଼ରେ ଲାଗିଛି ଟ୍ୟାଗ୍



କେନ୍ଦ୍ରାପଡା,୨୧।୧୦(ସବ୍ୟୁ):କେନ୍ଦ୍ରାପଡ଼ାରୁ ଧରା ପଡ଼ିଛି ଏକ ସନ୍ଦିଗ୍ଧ ପାରା । ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଏହି ପାରାଟିକୁ ଧରିଛନ୍ତି । ପାରାର ୨ ଗୋଡରେ ଟ୍ୟାଗ ଲଗାଯିବା ସହ ଇଂରାଜୀରେ କିଛି ଶବ୍ଦ ଏବଂ କୋଡ୍ ଲେଖାଯାଇଥିଲା । ଟ୍ୟାଗରେ ଇଓକ୍ତ-୧୯-୨୦୨୪ (୯ ପୃଷ୍ଠାରେ)

ଗୋଡରେ ଟ୍ୟାଗ ଲଗାଯିବା ସହ ଇଂରାଜୀରେ କିଛି ଶବ୍ଦ ଏବଂ କୋଡ୍ ଲେଖାଯାଇଛି । ଗୁପ୍ତଚର କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରାଯାଉଥିଲା ବୋଲି ଆଶଙ୍କା ପ୍ରକାଶ ପାଇଛି । ମହାକାଳପଡା ଜମ୍ବୁ ଗାଁର ରତନ ଦାସ ନାମକ ଜଣେ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲେ । ପାରାଟି ଗଭୀର ସମୁଦ୍ରରେ ଉଡ଼ି ଆସି ରତନଙ୍କ ମାଛଧରା ବୋଟରେ ବସିଥିଲା । ରତନ ଏହି ସନ୍ଦିଗ୍ଧ ପାରାଟିକୁ ଧରି ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ । ପାରାର ୨

# ଇରାନ୍‌କୁ ଇସ୍ରାଏଲର ଟାର୍ଗେଟ: ଗୁପ୍ତ ଡକ୍ୟୁମେଣ୍ଟ ଲିକ୍



ତେଲଆଭିଭ,୨୧।୧୦: ଇରାନ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ଇସ୍ରାଏଲର ଯୋଜନା ବିଷୟରେ ଅତ୍ୟଧିକ ଗୋପନୀୟ ତଥ୍ୟ ଲିକ୍ ହେବା ପରେ ଏହାକୁ ନେଇ ଆତଙ୍କ ଖେଳି ଯାଇଛି ।ସିଏନ୍ଏନ୍ ରିପୋର୍ଟ ଅନୁଯାୟୀ, ଦୁଇଟି ଅତ୍ୟଧିକ ଗୋପନୀୟ ଆମେରିକାର ଗୁଇନ୍ଦା ଡକ୍ୟୁମେଣ୍ଟ ଲିକ୍ ହୋଇଛି । ଏଥିରେ ଇରାନ ଉପରେ ସମ୍ଭାବ୍ୟ ଆକ୍ରମଣ ପାଇଁ ଇସ୍ରାଏଲର ସାମରିକ ପ୍ରସ୍ତୁତି ବିଷୟରେ ଖୁଲାସା ହୋଇଛି । ଏହି ଗୁଇନ୍ଦା ତଥ୍ୟ ଡକ୍ୟୁମେଣ୍ଟ ନ୍ୟାସନାଲ ଜିଓସ୍ପୋଟିକ୍ ଇଣ୍ଟେଲିଜେନ୍ସି ଏଜେନ୍ସି ନିକଟରୁ ମିଳିଛି । ଏହି ଏଜେନ୍ସି ଆମେରିକା ଗୁଇନ୍ଦା ସାଟେଲାଇଟର ଚିତ୍ର ଏବଂ ସୂଚନାକୁ ଆଧାର କରି ବିଶ୍ଳେଷଣ କରିଥାଏ । ଏହି ଗୁପ୍ତ ଦସ୍ତାବିଜରୁ ଇସ୍ରାଏଲ ସେନାର ଗତିବିଧି ଏବଂ ଆଗାମୀ ପ୍ରସ୍ତୁତି ବାବଦରେ ସୂଚନା ମିଳିଛି ।ଅକ୍ଟୋବର ୧୫ ଏବଂ ୧୬ ତାରିଖରେ ଏହି ଗୁପ୍ତ ଡକ୍ୟୁମେଣ୍ଟ ଇରାନୀ ସମର୍ଥକଙ୍କ ଟେଲିଗ୍ରାମ ମିଡିଲ ଇଷ୍ଟ ସ୍ପେକ୍ଟେଟରରେ ପ୍ରକାଶିତ ହୋଇଥିଲା ।ଏଥିରେ ଆଇଡିଏଫର ସାଟେଲାଇଟ୍ ଚିତ୍ର ରହିଛି । ଇସ୍ରାଏଲ ସେନା କୌଣସି ଯୋଜନା କରୁଥିବା ଦେଖିବାକୁ ମିଳିଛି ।ତେବେ ଏହି ଗୁଇନ୍ଦା ଡକ୍ୟୁମେଣ୍ଟ କେଉଁଠାରୁ ଲିକ୍ ହେଲା ତା' ବିଷୟରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଗୁପ୍ତଚର ତଥ୍ୟ ଲିକକୁ ନେଇ ଆମେରିକା ବେଶ୍ ଚିନ୍ତିତ ହୋଇପଡିଛି । ଗୁପ୍ତ ଡକ୍ୟୁମେଣ୍ଟ କିଭଳି ଲିକ୍ ହେଲା ଓ କିଏ କଲା ତା'ର ଅନୁସନ୍ଧାନ ଜାରି ରଖିଛି । ପେଣ୍ଟାଗନ, ଆମେରିକା ଗୁଇନ୍ଦା ବିଭାଗ ଓ ଏଫବିଆଇ ଏହି ମାମଲାର ଯାଞ୍ଚ କରୁଛନ୍ତି । ଅକ୍ଟୋବର ପହିଲାରେ ଇରାନ ସମର୍ଥିତ ଆତଙ୍କୀ ସଂଗଠନ ଇସ୍ରାଏଲ ଉପରେ ହମଲା କରିଥିଲା । କୁହାଯାଇଛି, ଇସ୍ରାଏଲ ଏହାର ବଦଲା ନେବାକୁ ଆକ୍ରମଣ ପ୍ଲାନ୍ ପ୍ରସ୍ତୁତି କରୁଛି । ବର୍ତ୍ତମାନ ସମୟରେ ଇସ୍ରାଏଲ ସେନା ଗାଜାପଟ୍ଟୀ ଏବଂ ଲେବାନନ ଉପରେ ଆକ୍ରମଣ ଜାରି ରଖିଛି । ଏହି ଆକ୍ରମଣରେ ଇସ୍ରାଏଲ ହମାସର ଅନେକ ଶୀର୍ଷ ନେତାଙ୍କୁ ହତ୍ୟା କରିଛି ।

ନିଜ କ୍ୟାମେରାରେ ତୋଳି
ଧରନ୍ତୁ ଓଡ଼ିଶାର ସମୃଦ୍ଧ
ସାଂସ୍କୃତିକ ବିଭବ ଓ ଐତିହ୍ୟକୁ

ଫଟୋ ଉଠାନ୍ତୁ, ଆମକୁ ପଠାନ୍ତୁ ଏବଂ ଜିତନ୍ତୁ!

ଆକର୍ଷଣୀୟ ପୁରସ୍କାର ରାଶି | ନିଜ ନାମ ସହ ଫଟୋକୁ ଆମ ୨୦୨୫ କ୍ୟାଲେଣ୍ଡରରେ ସ୍ଥାନିତ କରିବାର ସୁଯୋଗ | ଫଟୋ ଦାଖଲ କରିବାର ଶେଷ ତାରିଖ ୫ ନଭେମ୍ବର,୨୦୨୪ | ଅଂଶଗ୍ରହଣ କରିବା ପାଇଁ ସ୍କାନ କରନ୍ତୁ




TPCODL | TPNODL | TPSODL | TPWODL
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପ୍ରତ୍ୟାଖ୍ୟାନ: ଟାଟା ପାୱାର, ଦାଖଲ ହୋଇଥିବା ଏଣ୍ଟ୍ରି ଗୁଡିକ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରିବାର ଅଧିକାର ଧାରଣ କରିବ । ଚିତ୍ର ଗୁଡିକ ନିଶ୍ଚିତ ଭାବରେ ମୂଳ, ଅପ୍ରକାଶିତ କାର୍ଯ୍ୟ ହେବା ଆବଶ୍ୟକ ଯାହାକି ଏକ ତୃତୀୟ ପକ୍ଷ କିମ୍ବା ସଂସ୍ଥାର ମାଲିକାନାରେ ଥିବା କୌଣସି ବିଷୟବସ୍ତୁ, ସାମଗ୍ରୀ କିମ୍ବା ଉପାଦାନ ଗୁଡିକୁ ଧାରଣ, ଅନ୍ତର୍ଭୁକ୍ତ କିମ୍ବା ଅନ୍ୟଥା ବ୍ୟବହାର ହୋଇନଥିବ କିମ୍ବା ଏକ ତୃତୀୟ ପକ୍ଷର ପ୍ରଚାର, ଗୋପନୀୟତା କିମ୍ବା ବୌଦ୍ଧିକ ଅଧିକାରକୁ ଉଲ୍ଲଂଘନ କରୁନଥିବ । ସର୍ତ୍ତାବଳୀ ଏବଂ ସର୍ତ୍ତ ପ୍ରଯୁଜ୍ୟ ।

## ସୋସିଆଲ କୋଟ୍ସ



ଜୀବନରେ ସବୁବେଳେ ରିଅଲ ରହିବାକୁ ଚେଷ୍ଟା କରିଥାଏ । କାରଣ ଦର୍ଶକଙ୍କ ପାଖରେ ଯେତେ ରିଅଲ ରହିବ ସେମାନେ ତୁମକୁ ସେତିକି ଭଲ ପାଇବା ଦେବେ ।

**ଶ୍ରଦ୍ଧା କପୁର, ଅଭିନେତ୍ରୀ**



ପ୍ରିୟଙ୍କା ସବୁ ଚରିତ୍ରରେ ଖୁବ ଭଲ ଅଭିନୟ କରନ୍ତି । ତାଙ୍କ ଠାରୁ ଅନେକ ସମୟରେ ଅନେକ କିଛି ଶିଖିଛି । ତାଙ୍କର ସବୁ ପ୍ରୋଜେକ୍ଟ ୟୁନିକ ହୋଇଥାଏ ।

**ବରୁଣ ଧୱନ, ଅଭିନେତା**



କିଛି ଦିନ ଅଭିନୟରୁ ବ୍ରେକ୍ ନେବି । ବର୍ତ୍ତମାନ କ୍ୟାରିୟର ଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ପରିବାର । ଝିଅ ଓ ନାତୁଣିକୁ ସମୟ ଦେବାକୁ ଇଚ୍ଛା ଅଛି ।

**ନୀନା ଗୁପ୍ତା, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୨୯୬– ଆଲ୍ଲାଉଦ୍ଦିନ ଖିଲିଜ୍ ଦିଲ୍ଲୀର ଶାସନଭାର ସମ୍ଭାଳିଲେ ।
୧୭୨୭– ସୀମା ସହ ଜଡ଼ିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରୁଷ୍ ଓ ଚୀନ୍ ମଧ୍ୟରେ ଚୁକ୍ତି ।
୧୮୭୧– ଆମେରିକାରେ ପ୍ରଥମ ଅବ୍ୟବସାୟୀ ଆଉଟଡୋର୍ ଆଥ୍ଲେଟିକ୍ ଖେଳ ନ୍ୟୁୟର୍କରେ ଆୟୋଜିତ ହେଲା ।
୧୯୩୪– ଜୟପ୍ରକାଶ ନାରାୟଣ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଗଠନ କଲେ ।
୧୯୩୪– ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ଆଜାଦ୍ ହିନ୍ଦ୍ ଫୌଜର ସ୍ଥାପନା କଲେ ।
୧୯୫୪– ଫ୍ରାନ୍ସରେ ମହିଳାମାନଙ୍କୁ ପ୍ରଥମ ଥର ପାଇଁ ମତଦାନ ଅଧିକାର ।
୧୯୫୦– ବେଲଜିଅମ୍‌ରେ ମୃତ୍ୟୁଦଣ୍ଡ ସମାପ୍ତ ।
୧୯୫୧– ଭାରତୀୟ ଜନସଂଘର ସ୍ଥାପନା ।
୨୦୧୨– ସାଇନା ନେହୱାଲ ଡେନ୍‌ମାର୍କ ଓପନ୍ ସୁପର ସିରିଜ୍ ଟାଇଟଲ୍ ଜିତିଲେ ।

# ଶୈଶବରେ ନିଅନ୍ତୁ ମସ୍ତିଷ୍କର ଯତ୍ନ



ପିଲାଙ୍କୁ ଗଢିବାର ବୟସ ହେଲା ଶୈଶବ । ଏହି ବୟସରେ ସେମାନଙ୍କ ମସ୍ତିଷ୍କର ଦ୍ରୁତ ଗତିରେ ବିକାଶ ଘଟିଥାଏ । ତେଣୁ ଏହି ସମୟରେ ପିଲାଙ୍କ ସହିତ ଟିକେ ସଂଯମତାର ସହ ବ୍ୟବହାର କରିବାକୁ ହୋଇଥାଏ । ସେମାନଙ୍କୁ ଗାଳି ଦେଲେ କିମ୍ବା ବାଡେଇଲେ ଏହାର ନକରାତ୍ମକ ପ୍ରଭାବ ସାଙ୍ଗେ ସାଙ୍ଗେ ମସ୍ତିଷ୍କ ଉପରେ ପଡିଥାଏ । କର୍ନାଲ ଅଫ୍ ବାୟୋଲୋଜିକାଲ ସାଇକ୍ରିଆଟିକ୍ ମାଗାଜିନ୍‌ରେ ପ୍ରକାଶିତ ତଥ୍ୟ ଅନୁସାରେ ଆମ ମସ୍ତିଷ୍କରେ ଥିବା ଆମିଗୋଡାଲା ଓ ହିପୋକାମ୍ପସ୍ ଶୈଶବର ଭାବନା ସହିତ ସ୍ମୃତିଶକ୍ତି ପ୍ରଖର କରିବାରେ ସହାୟକ ହୁଅନ୍ତି । ବୟସ ବଢିବା ସହିତ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଦୁଇଟିର ବିକାଶ ଘଟିଥାଏ । ପିଲାଙ୍କ ଉପରେ ଚାପ ପଡିଲେ ଏହା ଠିକ୍ ଭାବେ ବିକାଶ ହୁଏ ନାହିଁ । ତେଣୁ ପିଲାଙ୍କୁ ସର୍ବଦା ସକରାତ୍ମକ କଥା କହିବା ଦରକାର । ସେମାନଙ୍କୁ ଚାପ ମୁକ୍ତ ରଖିବାର ଆବଶ୍ୟକ ରହିଛି । ଯାହା ସେମାନଙ୍କ ମସ୍ତିଷ୍କକୁ ଠିକ୍ ରୂପେ ବିକଶିତ ହେବାରେ ସାହାଯ୍ୟ କରିବ । ସର୍ବଦା ସେମାନଙ୍କୁ ଉତ୍ତମ ପରିବେଶ ଦେବାକୁ ଚେଷ୍ଟା କରନ୍ତୁ । ଏହାସହିତ ସେମାନଙ୍କ ଖାଦ୍ୟର ମଧ୍ୟ ଧ୍ୟାନ ରଖନ୍ତୁ ।

## ବଜ୍ରାଘାତ ଦେଶ

ଆଜିକାଲି ବିଜ୍ଞାନ ଅନେକ ପ୍ରଗତି କଲାଣି । ବିଭିନ୍ନ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ସମ୍ଭବ କରୁଛି ବିଜ୍ଞାନ । ହେଲେ ବ୍ରହ୍ମାଣ୍ଡରେ ଏବେ ମଧ୍ୟ ଏଭଳି କିଛି କଥା ଅଛି ଯାହା ପାଖରେ ବିଜ୍ଞାନ ପହଞ୍ଚି ପାରିନାହିଁ । ପ୍ରକୃତିର କିଛି ଘଟଣା ପଛର ରହସ୍ୟକୁ ଉନ୍ମୋଚନ କରିବାରେ ବିଜ୍ଞାନ ପଛରେ ରହିଛି । ସେହିଭଳି ଏକ ରହସ୍ୟକୁ ବିଜ୍ଞାନ ଭେଦ କରିବାରେ ବିଫଳ ହୋଇଛି । ଦକ୍ଷୀଣ ଆମେରିକାର ଦେଶ ବେନେଜୁଏଲ୍ । ଯେଉଁଠାରେ ଏକ ହ୍ରଦଉପରେ ସର୍ବଦା ବିଜୁଳି ମାରିବା ସହିତ ବ୍ରଜାଘାତ ହେଉଛି । ଯାହାର ରହସ୍ୟ ବୈଜ୍ଞାନିକ ମାନେ ଏ ପର୍ଯ୍ୟନ୍ତ ଖୋଜି ପାଉନାହାନ୍ତି । ଏଠାରେ ଏକ ଘଣ୍ଟାରେ ହଜାରଥର ବିଜୁଳି ମାରିବା ସହ ଅନେକଥର ବଜ୍ରାଘାତ ହୋଇଥାଏ । ଯେଉଁ କାରଣରୁ ଏହି ସ୍ଥାନକୁ ଅନେକ ନାଁରେ ନାମିତ କରାଯାଇଛି । ବେନେଜୁଏଲାର କୈଟାଁଟୁମ୍ବା ନଦୀ ଯାହା ଆଖପାଖରେ ଏହି ବଜ୍ରାଘାତ ହୋଇଥାଏ । ସୂଚନା ଅନୁସାରେ ଏଠାରେ ୨୬୦ ଦିନ ବାତ୍ୟା ମଧ୍ୟ ହୋଇଥାଏ । ଏହି ବାତ୍ୟ ସମୟରେ ସର୍ବଦା ବିଜୁଳି ସହ ଘଡଘଡି ମଧ୍ୟ ମାରିଥାଏ ।



## ବାସ୍ତୁରେ ସକରାତ୍ମକତା



- ସର୍ବଦା ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ ଗଛ, ପୋଲ୍ କିମ୍ବା ପିଲାରକୁ ରଖନ୍ତୁ ନାହିଁ । ସେହିଭଳି ମରିଯାଇଥିବା ଗଛ ଘର ପାଖରେ ରଖନ୍ତୁନି ।
- ଗାଧୁଆଘରର କବାଟ ଓ ସେଠାରେ ଲାଗିଥିବା ଟ୍ୟାପକୁ ସର୍ବଦା ବନ୍ଦ ରଖନ୍ତୁ
- ସେହିଭଳି ଘରେ ଆକ୍ୱାରିୟମ୍ ରଖିବାକୁ ଚାହୁଁଥିଲେ ଏହାକୁ ଉତ୍ତରପୂର୍ବ ଦିଗରେ ରଖନ୍ତୁ ।
- ଶୋଇବା ସମୟରେ ବ୍ୟବହାର ହେଉନଥିବା ବୈଦ୍ୟୁତିକ ଉପକରଣକୁ ବନ୍ଦ ରଖନ୍ତୁ ।
- ଘରର ପ୍ରବେଶ ଦ୍ୱାର ପାଖରେ ଅଳିଆ ରଖନ୍ତୁ ନାହିଁ ।
- ଘରେ କେବେ ବି ଭଙ୍ଗା ବାସନ ବ୍ୟବହାର କରନ୍ତୁ ନାହିଁ ।
- ସୂର୍ଯ୍ୟକିରଣ ଓ ସତେଜ ପବନ ଘରେ ସକରାତ୍ମକତା ଭରିଥାଆନ୍ତି । ତେଣୁ ଘରେ କିଭଳି ସର୍ବଦା ସୂର୍ଯ୍ୟକିରଣ ଓ ପବନ ଯିବା ଆସିବା ହେବ ସେନେଇ ଧ୍ୟାନ ଦିଅନ୍ତୁ । ଏଥିପାଇଁ ଘରର ଝରକା ସର୍ବଦା ଖୋଲା ରଖନ୍ତୁ ।

## ପ୍ରଥମ ସୂର୍ଯ୍ୟୋଦୟ ଦେଖୁଥିବା ସ୍ଥାନ

ସୂର୍ଯ୍ୟ ଉଦୟ ଦେଖିବାକୁ ସମସ୍ତେ ଭଲ ପାଆନ୍ତି । ତେବେ ସବୁଠାରୁ ବଡ ଗ୍ରହରେ ହେଉଥିବା ସୂର୍ଯ୍ୟ ଉଦୟ ସବୁବେଳେ ଏକ ଆଇଲାଣ୍ଡର ଲୋକ ପ୍ରଥମେ ଦେଖିଥାଆନ୍ତି । ଆଇଲାଣ୍ଡର ନାଁ ହେଉଛି ମିଲେନିୟମ୍ ଆଇଲାଣ୍ଡ୍ ଯେଉଁଥିରେ ବସବାସ କରୁଥିବା ଲୋକ ପ୍ରଥମେ ସୂର୍ଯ୍ୟ ଉଦୟ ଦେଖିଥାଆନ୍ତି । ଏହି ସ୍ଥାନରେ ସବୁଠାରୁ ଆଗ ଦିନ ହୋଇଥାଏ । ସେହିଭଳି ଭାରତରେ ଅରୁଣାଞ୍ଚଳ ପ୍ରଦେଶର ଅଞ୍ଜାୱା ଜିଲ୍ଲାର ଏକ ସହରରେ ସବୁଠାରୁ ଆଗ ଦିନ ହୋଇଥାଏ । ଏଠିକାର ଲୋକମାନେ ସବୁଠାରୁ ଆଗ ସୂର୍ଯ୍ୟଙ୍କୁ ଦେଖିଥାଆନ୍ତି ।



## ପର୍ଯ୍ୟଟକ ନଥିବା ପର୍ଯ୍ୟଟନସ୍ଥଳୀ



ଦୁନିଆରେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠିକି ଯିବାକୁ ସମସ୍ତେ ଭଲ ପାଆନ୍ତି । ହେଲେ ବିଶ୍ୱରେ ଏଭଳି ମଧ୍ୟ କେତେକ ଦେଶ ଅଛି ଯାହାର ପ୍ରାକୃତିକ ପରିବେଶ ବହୁତ ସୁନ୍ଦର କିନ୍ତୁ ସେଠାକୁ ପର୍ଯ୍ୟଟକ ଯାଆନ୍ତି ନାହିଁ । ବହୁତ କମ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସନ୍ତି । ଯାହାର କାରଣ ଅସ୍ପଷ୍ଟ । ସେହିଭଳି କିଛି ଦେଶ ବିଷୟରେ..

**ତୁବାଲୁ :** ଦକ୍ଷିଣ ପ୍ରଶାନ୍ତ କ୍ଷେତ୍ରରେ ରହିଛି ତୁବାଲୁ ଦେଶ । ଏଥିରେ ପ୍ରାୟ ୧୦୦ରୁ ଅଧିକ ଛୋଟବଡ ଦ୍ୱୀପ ରହିଛି । ଏଠାକୁ ଯିବା ପାଇଁ ସମସ୍ତ ସୁବିଧା ମଧ୍ୟ ରହିଛି । ହେଲେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ବହୁତ କମ । ପ୍ରତି ବର୍ଷ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ମାତ୍ର ଦୁଇ ହଜାର ଭିତରେ ।

**କୀରାବିତ :** ସେଣ୍ଟ୍ରାଲ ପ୍ୟାସିଫିକ୍‌ରେ ଥିବା ଏହି ଦେଶରେ ଅନେକ ଦ୍ୱୀପ ରହିଛି । ଯାହା ଏହାର ପରିବେଶକୁ ଖୁବ ସୁନ୍ଦର କରିଥାଏ । ଏଠିକାର ପରିବେଶ ଭଳି ଏଠିକାର ବାସିନ୍ଦା ମଧ୍ୟ ଖୁବ ଭଲ । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କର ସେମାନେ ଖୁବ ଧ୍ୟାନ ରଖନ୍ତି । ହେଲେ ଏଠାକୁ ପ୍ରତିବର୍ଷ ବହୁତ କମ ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସନ୍ତି । ଯାହା ଏଠିକାର ଅଧିବାସୀଙ୍କୁ ନିରାଶ କରିଥାଏ । ଏଠାରେ ପ୍ରତିବର୍ଷ ମାତ୍ର ୬ହଜାର ଲୋକ ବୁଲିବାକୁ ଆସନ୍ତି ।

**ନିଏଉ :** ପୋଲିନୋଶିଏନ୍ ଆଇଲ୍ୟାଣ୍ଡର ଶାନ୍ତ ଲହରି ଓ ନରମ ବାଲି ଭିତରେ ଅବସ୍ଥିତ ନିଏଉ । ଏହି ସ୍ଥାନର ଅନ୍ୟଏକ ଆକର୍ଷଣ ହେଲା ହ୍ୱେଲମାଛ ଏଠିକାର ସମୁଦ୍ର କୂଳରେ ଅଣ୍ଡା ଦେଇଥାଏ । ଏଠାରେ ହିଁ ଛୁଆ ମାନେ କିଛି ଦିନ ରୁହନ୍ତି । ହେଲେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ନଥାଏ । ଏଠାକୁ ବର୍ଷକୁ ମାତ୍ର ୧୦ ହଜାର ପର୍ଯ୍ୟଟକ ଛୁଟି କାଟିବାକୁ ଆସନ୍ତି ।

**ସୋଲୋମନ ଆଇଲାଣ୍ଡ :** ସ୍କୁବା ଡାଇଭିଂ ନିମନ୍ତେ ବେଶ୍ ଉପଯୋଗୀ ଯାଗା ହେଲା ସୋଲୋମନ ଆଇଲାଣ୍ଡ । ଏହା ସ୍କୁବା ଡାଇଭିଂ କରିବାକୁ ଏକ ପ୍ରକୃତ ପରିବେଶ ଯୋଗାଇଥାଏ । ଏଠାରେ ଏତେ ସୁବିଧା ଅଛି, କିନ୍ତୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ବଢିନଥାଏ । ଏଠାକୁ ବର୍ଷକୁ ମାତ୍ର ୨୬ ହଜାର ଲୋକ ଛୁଟି କାଟିବାକୁ ଆସିଥାଆନ୍ତି ।

**କୋମୋରୋସ :** ମାଡାଗସ୍କର ଓ ମୋଜାବିସ୍କର ମଝିରେ ଅବସ୍ଥିତ ଏହି କୋମୋରୋସ । ଏଠିକାର ସମୁଦ୍ରର ପାଣି ବେଶ୍ ସଫା । ଏଠିକାର ପରିବେଶ ବେସ୍ ସୁନ୍ଦର । ଏହାର ପାଣି ପବନ ସବୁଥିରେ ଏକ ନିଆରା ସୌନ୍ଦର୍ଯ୍ୟ ଭରିରହିଛି । ହେଲେ ଏଠାକୁ ବର୍ଷକୁ ମାତ୍ର ୨୮ ହଜାର ଲୋକ ବୁଲିବାକୁ ଆସନ୍ତି ।





## ୧୨ ବର୍ଷ ପରେ ହେବେ ମା’

ଅଭିନେତ୍ରୀ ରାଧିକା ଆପ୍ଟେ ମା’ ହେବାକୁ ଯାଉଛନ୍ତି । ଦୀର୍ଘ ୧୨ ବର୍ଷ ପରେ ରାଧିକା ମା’ ହେବାକୁ ଯାଉଥିବାରୁ ଖୁବ ଖୁସି ଅଛନ୍ତି । ରାଧିକା ୨୦୧୨ରେ ବ୍ରିଟିଶ୍ ସିଙ୍ଗର ବେନିଡିକଟ୍ ଟେଲର୍‌ଙ୍କ ସହିତ ବିବାହ କରିଥିଲେ । ନିକଟରେ ହୋଇଥିବା ବିଏଫ୍‌ଆଇ ଲଣ୍ଡନ୍ ଫିଲ୍ମ ଫେଷ୍ଟିଭାଲରେ ରାଧିକାଙ୍କୁ ତାଙ୍କର ବେବି ବମ୍ପ ସହିତ ଦେଖିବାକୁ ମିଳିଥିଲା । ଇଭେଣ୍ଟରୁ ରାଧିକାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଅପଲୋଡ ହେବା ପରେ ଭାଇରାଲ ହୋଇଥିଲା । ତାଙ୍କ ଫ୍ୟାନମାନେ ଏହି ଖବର ଜାଣିବା ପରେ ଖୁବ ଖୁସି ସହିତ ଉତ୍ସୁକ ଅଛନ୍ତି । ଏତେ ବର୍ଷ ପରେ ରାଧିକା ନିଜର ଫ୍ୟାମିଲି ଷ୍ଟାର୍ଟ କରିବାକୁ ଯାଉଥିବାରୁ ତାଙ୍କୁ ଅନେକ ଶୁଭେଚ୍ଛା ମିଳିବାରେ ଲାଗିଛି । ରାଧିକାଙ୍କୁ ଅନେକ ଫିଲ୍ମ ଯେପରି ଶୋର୍ ଇନ୍ ଦି ସିଟି, ବଦଲାପୁର, ପ୍ୟାଡ୍ ମ୍ୟାନ୍, ମାଝି ଦ ମାଉଣ୍ଟେନ୍ ମ୍ୟାନ୍, ଅନ୍ଧାଧୁନ୍ ଆଦି ଫିଲ୍ମରେ ଦେଖିବାକୁ ମିଳିଛି ।






ପୁରୀ ଠାରେ ହବିଷ୍ୟାଳି ମା ମାନଙ୍କୁ ବ୍ରତ ସରଞ୍ଜାମ ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ସିଙ୍ଗାପୁରରେ ପ୍ରବାସୀ ଭାରତୀୟଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ସିଙ୍ଗାପୁର-ଭାରତ ଭାଗିଦାରୀକୁ ମଜଭୁତ କରିବାରେ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ

ଭୁବନେଶ୍ୱର (ସବ୍ୟୁ): ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ସହ ଶିକ୍ଷା କ୍ଷେତ୍ରରେ ସମ୍ପର୍କକୁ ମଜଭୁ କରିବା ପାଇଁ ୭ ଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତର ପ୍ରଥମ ଦିନରେ ସିଙ୍ଗାପୁରରେ ରହୁଥିବା ଭାରତୀୟ ସମୁଦାୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରବାସୀ ଭାରତୀୟମାନଙ୍କ ଆତିଥେୟତାକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଦେଶରେ ଭାରତୀୟଙ୍କ ଗହଣରେ ରହିବା ଏବଂ ସେମାନଙ୍କ ସହ ଭୋଜନରେ ସାମିଲ ହେବା ମୋ ପାଇଁ ଖୁସିର ବିଷୟ । ସିଙ୍ଗାପୁର- ଭାରତ ଭାଗିଦାରୀକୁ ଅଧିକ ମଜଭୁତ୍ କରିବାରେ ଆମର ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ସେମାନେ ବାହାରେ ରହି ମଧ୍ୟ ଭାରତର ସଂସ୍କୃତିକୁ ପାଳନ କରୁଛନ୍ତି । ସିଙ୍ଗାପୁରର ପ୍ରଗତିରେ ତାଙ୍କର ଯୋଗଦାନ ଅନେକ ରହିଛି । ବର୍ତ୍ତମାନ ସମୟରେ ପୁଞ୍ଜିନିବେଶ ଏବଂ ସୁଯୋଗ ପାଇଁ ଭାରତ ହେଉଛି ବିଶ୍ୱର ସବୁଠୁ ଆକର୍ଷଣୀୟ ସ୍ଥାନ । ପ୍ରବାସୀମାନେ ଭାରତରେ ଥିବା ନିଜର ଆତ୍ମୀୟ ଏବଂ ସଂସ୍କୃତି ସହିତ ସବୁବେଳେ ଯୋଡ଼ି ହୋଇ ରହିବା ସହ ଭାରତର ଅଭିବୃଦ୍ଧି ଯାତ୍ରାରେ ଯୋଗଦାନ ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଭାରତ ଓ ସିଙ୍ଗାପୁରକୁ ଗର୍ବିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସିଙ୍ଗାପୁରରେ ପ୍ରବାସୀଙ୍କ ସହ ଆଲୋଚନା କାଳରେ ଭାରତର ଯୁବକମାନଙ୍କୁ ଦକ୍ଷ କରିବାରେ ଜାତୀୟ ଶିକ୍ଷା ନୀତି – ୨୦୨୦ର ଭୂମିକା ଏବଂ ଭାରତରେ ଶିକ୍ଷାର ବ୍ୟାପକତା ଉପରେ ଆଲୋକପାତ କରିଥିଲେ ଶିକ୍ଷା ମନ୍ତ୍ରୀ । ଭାରତ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ନେଇ କାମ କରିବା ତଥା ଏହା ଦ୍ୱାରା ହେବାକୁ ଥିବା ବିକାଶ ଉପରେ ଚର୍ଚ୍ଚା କରିଥିଲେ । ସେହିପରି ୨୦୭୦ ସୁଦ୍ଧା ନେଟ୍ ଜିରୋ ଆଡକୁ ଅଗ୍ରସର ହେବା ଏବଂ ବିଶ୍ୱ ସବୁଜ ଉର୍ଜା ମଡେଲକୁ ଆକାର ଦେବା ପାଇଁ ପ୍ରବାସୀଙ୍କ ସମ୍ଭାବନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଭାରତର ଐତିହ୍ୟ ସହ ଜଡ଼ିତ ବିଷୟ ସହ ଯୋଡି ହୋଇ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଶ୍ରୀ ପ୍ରଧାନ ପ୍ରବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ସିଙ୍ଗାପୁର ଗସ୍ତ କାଳରେ ଶ୍ରୀ ପ୍ରଧାନ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍, ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍, ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।




## ଆଗ୍ରିଆ ମହୋତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ (ସବ୍ୟୁ) : ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ସ୍ଥିତ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ଆଗ୍ରିଆ ମହୋତ୍ସବ-୨୦୨୫ ଲାଗି ପ୍ରସ୍ତୁତି ବୈଠକ ହୋଇଯାଇଛିଛ ଆଗ୍ରିଆ ମହୋତ୍ସବ ଆସନ୍ତା ୨୦୨୫ ଜାନୁଆରୀ ମାସ ୨୬,୨୭,୨୮,୨୯ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ବହୁ ଧୁମ୍ ଧାମରେ ପାଳନ ହେବ ବୋଲି ସଂଘ ର ସଂପାଦକ ଜୀବନ ପରିଡ଼ା ସୂଚନା ଦେଇଛନ୍ତିଛ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ସହ ମେଲୋଡି ନାଇଟ ରେ ୪ ଦିନ ଧରି ଝୁମିବ ଆଗ୍ରିଆ ମହୋତ୍ସବଛଏହା ସହିତ ସଂଘ ତରଫରୁ ପ୍ରତ୍ୟେକ ବର୍ଷ ଭଳି ଏକ ବିଶାଳ ରକ୍ତଦାନ ଶିବିର ମଧ୍ୟ ଆୟୋଜନ ହେବ ବୋଲି ବୈଠକରେ ସ୍ଥିର ହୋଇଛି । ଏଥିରେ ସଂଘର ସଭାପତି ଶିବନାରାୟଣ ଘୋଷ ସଭାପତିତ୍ୱ କରିଥିଲେ ।

# ବାତ୍ୟା ଆତଙ୍କ, ହୋଟେଲରେ ତାଲିମ କର୍ମଶାଳା

ଭୁବନେଶ୍ୱର, (ତଥ୍ୟ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ଦିନ ରାତି ଏକ କରିଦେଇଥିବାବେଳେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କିନ୍ତୁ ୨୨ ତାରିଖ ଦିନ ରାଜଧାନୀରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଏଥିରେ ଯୋଗ ଦେବାପାଇଁ ୨ଶହରୁ ଅଧିକ ଅଧିକାରୀଙ୍କୁ ଆମନ୍ତ୍ରଣ କରିଛି । ଏଥିରେ ଯୋଗ ଦେବାପାଇଁ ବିଏମସି, ସିଏମସି, ୱାଟକୋ, ହାଉସିଂବୋର୍ଡ, ବିଡିଏ, ସିଡିଏ, କୁଟ, ଭୁବନେଶ୍ୱର ମେଟ୍ରୋ ରେଲ ନିଗମ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇଛି ।

ଗୋଟିଏ ବେସରକାରୀ ସଂସ୍ଥା ସହଯୋଗରେ ରାଜଧାନୀର ଏକ ତାରକା ହୋଟେଲରେ ଆସନ୍ତା ୨୨ ତାରିଖ ଦିନ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ ସମସ୍ତଙ୍କୁ ପତ୍ର ଲେଖିଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କୁ ନେତୃତ୍ୱ, ଯୋଗାଯୋଗ ଓ କାର୍ଯ୍ୟକ୍ରମରେ ଯୌନ ନିର୍ଯାତନାକୁ ପ୍ରତିରୋଧ କରାଯିବା ଆଦି ସଂକ୍ରାନ୍ତରେ ତାଲିମ ଦିଆଯିବ ।

ଉଲ୍ଲେଖନୀୟ ଯେ ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇ ଓଡିଶା ଉପକୂଳ ମୁହାଁ ହୋଇଥିବାବେଳେ ଏହା ବାତ୍ୟାରେ ପରିଣତ ହେବ ଏବଂ ଆସନ୍ତା ୨୩ ତାରିଖରେ ଓଡିଶା ଉପକୂଳର କୌଣସି ସ୍ଥାନରେ ସ୍ଥଳଭାଗ ଛୁଇଁବା ନେଇ ଆକଳନ କରାଯାଉଛି । ଏଭଳି ସୂଚନା ପାଇବାପରେ ରାଜ୍ୟ ପ୍ରଶାସନ ଏବେ ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହିତ ପ୍ରଶାସନକୁ ସଜାଗ କରିବାରେ ଲାଗିଛନ୍ତି ।

ସମ୍ଭାବ୍ୟ ବାତ୍ୟା ଓ ଏହାର ପ୍ରଭାବରେ ବଡ ବର୍ଷା ଆସୁଥିବାରୁ ରାଜର ପୌର ପ୍ରଶାସନଗୁଡ଼ିକ ମଧ୍ୟ ଏ ଦିଗରେ ସଜାଗ ରହିବାକୁ କୁହାଗଲାଣି । ଭୁବନେଶ୍ୱର ମହାନଗର ନିଗମରେ ବଡ ବର୍ଷା ସମୟରେ କିଭଳି ଅବସ୍ଥା ସୃଷ୍ଟିହୁଏ ତାହା ସମସ୍ତେ ଦେଖିଛନ୍ତି। କଟକରେ ମଧ୍ୟ ଅସରାଏ ବର୍ଷା ବନ୍ୟା ସ୍ଥିତିର ମୁକାବିଲା କରିବାକୁ ପଡେ । ଆସୁଥିବା ଅବପାତ ପ୍ରଭାବରେ ବାତ୍ୟା ନହେଲେ ବି ଉପକୂଳରେ ବଡ ବର୍ଷା ହେବା ଏକ ପ୍ରକାର ନିଶ୍ଚିତ । ଇତି ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ ଅବପାତର ଅପଡେଟ ଜାରି କରୁଥିବାବେଳେ ରାଜ ସ୍ୱତନ୍ତ୍ର ରିଲିଫ କମିଶନର ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଭଳି ସ୍ଥିତିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଘରୋଇ ସଂସ୍ଥା ସହଯୋଗରେ ତାରକା ହୋଟେଲରେ ଏଭଳି କର୍ମଶାଳାର ଆୟୋଜନ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି କର୍ମଶାଳାକୁ ଓଡିଶା ଓଡିଶା ଅର୍ବାନ ଏକାଡେମୀ ଏବଂ ସମ୍ପୃକ୍ତ ବେସରକାରୀ ଅନୁଷ୍ଠାନ ମିଳିତ ଭାବେ ଆୟୋଜନ କରିଥିବାବେଳେ ଏଥିରେ ଯୋଗଦେବାକୁ ଥିବା ଅଧିକାରୀମାନଙ୍କୁ ସେମାନଙ୍କ ନିଜ ନିଜ ସଂସ୍ଥା ଦକ୍ଷତା ବିକାଶ ପାଣ୍ଠିରୁ ଅର୍ଥକୁ ଟିଏ ଡିଏ ଆକାରରେ ଦେବାକୁ ପରାମର୍ଶ ଦିଆଯାଇଛି ।

# ରେକର୍ଡ: କିସ୍‌ର ୧୫ ଛାତ୍ରଛାତ୍ରୀ ଓସିଏସ୍ ପାଇଲେ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା (ଓସିଏସ୍)ରେ କିସ୍‌ର ୧୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । କୌଣସି ଗୋଟିଏ ଜନଜାତି ଶିକ୍ଷାନୁଷ୍ଠାନର ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଓସିଏସ୍ ପାଇବା ଓଡ଼ିଶାରେ ରେକର୍ଡ ବୋଲି କୁହାଯାଉଛି । କିସ୍‌ର ଛାତ୍ର କଳାହାଣ୍ଡି ଜିଲ୍ଲାର ନନ୍ଦ କିଶୋର ପାତ୍ର ଓ ନୀଳମାଧବ ପାତ୍ର, ମୟୂରଭଞ୍ଜ ଜିଲ୍ଲା ସଞ୍ଜୀବ ହାଁସଦା, ରାମେଶ୍ୱର ହେମ୍ବ୍ରମ୍, ଲମ୍ବୋଦର ହେମ୍ବ୍ରମ୍, ଟିକିଲିମଣୀ ସୋରେନ୍, ସମ୍ବଲପୁର ଜିଲ୍ଲାର ରାଜେଶ କିଷାନ, ସୁମନ୍ କୁଜୁର, ବଲାଙ୍ଗୀର ଜିଲ୍ଲାର ଜଗଜ୍ଜୀବନ ମାଝୀ, କନ୍ଧମାଳର ରୁନିତା ପ୍ରଧାନ, ମାଲକାନଗିରି ଜିଲ୍ଲାର ଶ୍ୟାମ ମାଦି ଓ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ୱନାଥ ରଞ୍ଜନ କିଷାନ ଆଦି ଛାତ୍ରଛାତ୍ରୀ ଏହି ସଫଳତା ହାସଲ କରିଛନ୍ତି । କିସ୍‌ର ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ କିସ୍ର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀମାନେ ଏହି ସଫଳତା ପାଇ ଆସୁଥିଲେ ମଧ୍ୟ ଚଳିତବର୍ଷ ୧୫ଜଣ ଛାତ୍ରଛାତ୍ରୀ ପିଲା ଓସିଏସ୍‌ରେ କୃତକାର୍ଯ୍ୟ ହୋଇଛନ୍ତି । ପ୍ରତିବର୍ଷ କିସ୍‌ର ଅନେକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଆସୁଛନ୍ତି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଲେ, କିସ୍‌ରେ ଛାତ୍ରଛାତ୍ରୀମାନଙ୍କର ସର୍ବୋତ୍କୃଷ୍ଟ ଯତ୍ନ ନିଆଯାଇଥାଏ । ଏହା ସହିତ କିସ୍‌ରେ ଶିକ୍ଷା ସହ କ୍ରୀଡ଼ା ଓ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦିଆଯାଇଥାଏ । ଜାତୀୟ ଓ ଆଞ୍ଚଳିକସ୍ତରର ପ୍ରବେଶିକା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପିଲାଙ୍କୁ ଏଠାରେ ସ୍ୱତନ୍ତ୍ର ଭାବେ କୋଚିଂ ଦିଆଯିବାର ବ୍ୟବସ୍ଥା ରହିଛି । ଏହି ଅବସରରେ ଶ୍ରୀ ସାମନ୍ତ କିସ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ମଧ୍ୟ ସେମାନଙ୍କ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି ।



## ବିଷ ପିଇ ଯୁବକଙ୍କ ମୃତ୍ୟୁ

ବେତନଟୀ (ସବ୍ୟୁ) : ବୈଶିଙ୍ଗା ଥାନା ମାଣତ୍ରୀ ଫାଣ୍ଡି ଅଧୀନ ଭୁରୁଡିହା ଗ୍ରାମର ଜନୈକ ବିବାହିତ ଯୁବକଙ୍କ ବିଷ ପିଇବା ଯୋଗୁଁ ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି । ମିଳିଥିବା ସୂଚନା ମୁତାବକ ଭୁରୁଡ଼ିହା ଗ୍ରାମର ରସାନନ୍ଦ ହାତୀଙ୍କ ୨୫ ବର୍ଷିୟ ପୁଅ ସୁବ୍ରତ ହାତୀ ଗତ କିଛି ବର୍ଷ ହେବ ବିବାହ କରିଥିଲେ । ପାରିବାରିକ କଳହ କାରଣରୁ କିଛି ଦିନ ହେବ ଚାପଗ୍ରସ୍ତ ହୋଇଥିବା ବେଳେ ଶନିବାର ଅପରାହ୍ଣ ସମୟରେ ବିଷ ପିଇ ଦେଇଥିଲେ । ଫଳରେ କିଛି ସମୟ ମଧ୍ୟରେ ନିଶ୍ଚଳ ହୋଇ ପଡିରହିଥିଲେ । ଏହା ଦେଖି ପରିବାରବର୍ଗ ସଙ୍ଗେ ସଙ୍ଗେ ତାଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ।

# ଶ୍ରୀମନ୍ଦିର ସୁପରଭାଇଜରଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ପୁରୀ, (ସବ୍ୟୁ): ଗତ ୧୮ ତାରିଖ ସନ୍ଧ୍ୟାରେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ସମ୍ମୁଖ ପରିକ୍ରମା ମାର୍ଗ ନିକଟରେ ଘଟିଥିବା ଶ୍ରୀମନ୍ଦିର ସୁପର ଭାଇଜର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କୁ ହତ୍ୟା ଉଦ୍ୟମ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ସିଂହଦ୍ୱାର ଥାନା ପୋଲିସ ଦୁଇ ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଟାଉନ ଥାନା ଅଧୀନ ବରେହୀ ଲେନର ଦାମୋଦର ସାମନ୍ତରାଙ୍କ ଦୁଇ ପୁତ୍ର ଚନ୍ଦନ ଓରଫ ସୁମନ କୁମାର ସାମନ୍ତରା (୩୨) ଓ ଜୁଝୀ ଓରଫ ଅମ୍ରିତାନଂଶୁ ସାମନ୍ତରା (୨୪) ଅଟନ୍ତି । ରବିବାର ଅପରାହ୍ଣରେ ଟାଉନ ଥାନା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୁଚନା ଦେଇଛନ୍ତି ପୁରୀ ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର । ଶ୍ରୀ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଅଭିଯୁକ୍ତ ଚନ୍ଦନର ଶ୍ରୀମନ୍ଦିର ଭିତର ଆନନ୍ଦ ବଜାର ଭିତରେ ଏକ ଭୋଗ ଦୋକାନ ଅଛି । ସେ କେତେକ ବାହାର ଲୋକଙ୍କୁ ନିୟୋଜିତ କରି ଦୋକାନ ସମ୍ମୁଖରେ ମିଠା ରାବିଡ଼ି ବିକ୍ରି କରୁଥିଲା । ଏହା ଦେଖି ମନ୍ଦିର ଭିତର ଭୋଗ ବ୍ୟତୀତ ବାହାର ମିଠା ନ ବିକ୍ରି କରିବା ପାଇଁ ବକ୍ସି ଚନ୍ଦନଙ୍କୁ ବାରଣ କରି ଥିଲେ । ଯାହା ଫଳରେ ଚନ୍ଦନ ମନରେ ରାଗ ସୃଷ୍ଟି ହୋଇ ଥିଲା । ପ୍ରତିଶୋଧ ନେବା ପାଇଁ ଚନ୍ଦନ ଓ ତାର ସାନ ଭାଇ ଯୁଜି ୧୮ ତାରିଖ ସନ୍ଧ୍ୟାରେ ବକ୍ସି ମନ୍ଦିର ପଶ୍ଚିମ ଦ୍ୱାର ପରିକ୍ରମା ମାର୍ଗ ନିକଟରେ ଥିବା ତାଙ୍କ ବାଇକ ଚାବି ଖୋଲିବା ବେଳେ ହଠାତ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଅତର୍କିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରି ଥିଲେ । ଏହି ଘଟଣାରେ ପୋଲିସ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲ କଡ଼ା ନିର୍ଦ୍ଦେଶ ଦେଇ ଥିଲେ । ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସିଟି ଡିଏସ୍‌ପି ଆରଏନ୍ ଭଞ୍ଜ ଓ ଟାଉନ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଉପସ୍ଥିତ ଥିଲେ ।




## ରାଜଧାନୀରେ ବିଲ୍ଡରଙ୍କ ଦାଦାଗିରି

# ରାସ୍ତା, ପ୍ରାକୃତିକ ନାଳକୁ ଛାଡୁଛନ୍ତି ବର୍ଜ୍ୟ ଜଳ

ଭୁବନେଶ୍ୱର(ସବ୍ୟୁ): ଦିନେ କି ମାସେ ନୁହେଁ ପୂରା ଏକ ବର୍ଷ ବିତିଲା । ହେଲେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହେଲାନି । କେବଳ ନୋଟିସ କରି ବସି ପଡ଼ିଲେ ବିଏମସି ଦକ୍ଷିଣ-ପଶ୍ଚିମ ଜୋନର ଅଧିକାରୀ । ଏବେ ବି ପ୍ରାକୃତିକ ନାଳ, ସରକାରୀ ରାସ୍ତା ଏବଂ ଘରୋଇ ଜମିରେ ଭାସୁଛି ବର୍ଜ୍ୟ ଜଳ । ବର୍ଜ୍ୟ ଜଳ ନିର୍ଗତ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଚର୍ମ ରୋଗ ବ୍ୟାପୁଛି । ଘାଟିକିଆରେ ଥିବା 'ସମଷ୍ଟି ୧୦୦୧ ଗ୍ରୀନ୍ସ' ଆପାର୍ଟମେଣ୍ଟ ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି ।

ରଶ୍ମି ରଞ୍ଜନ ପାତ୍ର ୨୨ ମେ' ୨୦୨୩ରେ ବିଏମସି ଦକ୍ଷିଣ-ପଶ୍ଚିମ ଜୋନରେ ଲିଖିତ ଅଭିଯୋଗ କରିଥିଲେ ଯେ, ଘାଟିକିଆ ମୌଜାର ପ୍ଲଟ ନମ୍ବର ୩୯୧, ୩୭୦, ୩୮୫, ୩୮୩, ୩୮୬, ୩୮୪ ଓ ୩୮୪/୧୬୨୦ ରେ 'ସମଷ୍ଟି ୧୦୦୧ ଗ୍ରୀନ୍ସ'ଆପାର୍ଟମେଣ୍ଟ ନିର୍ମାଣ ହୋଇଛି । ଉକ୍ତ ଆପାର୍ଟମେଣ୍ଟ ବେଆଇନ ଭାବେ ନିର୍ମାଣ ହୋଇଛି । ଏହି ଆପାର୍ଟମେଣ୍ଟରେ ୧୪୬ଟି ଫ୍ଲାଟ ରହିଛି । ଏଠାରୁ ଦୈନିକ ୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ବର୍ଜ୍ୟ ଜଳ ବାହାରୁଛି । ବର୍ଜ୍ୟ ଜଳ ପରିଚାଳନା ପାଇଁ ଉକ୍ତ ଆପାର୍ଟମେଣ୍ଟରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନାହିଁ । ତେଣୁ ଆପାର୍ଟମେଣ୍ଟରୁ ଦୈନିକ ନିର୍ଗତ ହେଉଥିବା ବର୍ଜ୍ୟ ଜଳକୁ ନିର୍ମାଣକାରୀ ସଂସ୍ଥା ସମଷ୍ଟି ବିଲ୍ଡର ବାହାରେ ଛାଡୁଛି ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି । ଘାଟିକିଆ ଗାଁ ଦେଇ ଏକ ପ୍ରାକୃତିକ ନାଳ ଯାଇଛି । ଏହି ନାଳରେ ମଧ୍ୟ ବର୍ଜ୍ୟ ଜଳ ମିଶୁଛି । ଫଳରେ ଗାଁର ଲୋକମାନେ ନାଳରେ ପ୍ରବେଶ କରିବା ମାତ୍ରେ ସ୍ୱାସ୍ଥ୍ୟାବସ୍ଥା ବିଗୁଡ଼ିଛି । କେବଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉନି, ବରଂ ଚର୍ମ ରୋଗ ମଧ୍ୟ ବ୍ୟାପୁଛି । ଲୋକମାନେ ଏବେ ବହୁ ଦୂରା ରୋଗରେ ପିଡ଼ୀତ ଅଛନ୍ତି । ଏହା ସହିତ ଉକ୍ତ ଆପାର୍ଟମେଣ୍ଟକୁ ଲାଗି କିଛି ବ୍ୟକ୍ତି ଜମି ମଧ୍ୟ କିଣିଛନ୍ତି । ହେଲେ ସେମାନେ ନିଜ ଜମିକୁ ବ୍ୟବହାର କରିପାରୁନାହାନ୍ତି । ସେମାନଙ୍କ ଜମିରେ 'ସମଷ୍ଟି ୧୦୦୧ ଗ୍ରୀନ୍ସ' ଆପାର୍ଟମେଣ୍ଟରୁ ନିଗତ ବର୍ଜ୍ୟ ଜଳ ଭାସୁଛି । ଏଭଳି ସମ୍ବେଦନଶୀଳ ଘଟଣା ବିଏମସି ଦକ୍ଷିଣ-ପଶ୍ଚିମ ଜୋନ ନଜରକୁ ଆଣିଥିଲେ ମଧ୍ୟ କିଛି ସୁଫଳ ମିଳୁନି ।

ଶ୍ରୀ ପାତ୍ରଙ୍କ ଅଭିଯୋଗକ୍ରମେ ବିଏମସି ୨୩ ନମ୍ବର ୱାର୍ଡର ୱାର୍ଡ ଅଫିସର ୨୨ ମେ' ୨୦୨୩ ଓ ୧୬ ଅଗଷ୍ଟ ୨୦୨୩ରେ 'ସମଷ୍ଟି ୧୦୦୧ ଗ୍ରୀନ୍ସ' ଆପାର୍ଟମେଣ୍ଟ ବିକ୍ରେତା ନିଶିଥ ରଞ୍ଜନ ନନ୍ଦ ବିରୋଧରେ ଦୁଇଟି ନୋଟିସ ଲଗାଇଥିଲେ । ହେଲେ ସମ୍ପୃକ୍ତ ବିଲ୍ଡର ବିଏମସିର କୌଣସି ନୋଟିସକୁ ମାନିନଥିଲେ । ଏହା ପରେ ୱାର୍ଡ ଅଫିସର କି ଦକ୍ଷିଣ-ପଶ୍ଚିମ ଜୋନର ଅଧିକାରୀ ସେଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନି । ଏହାରି ଭିତରେ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି ।

**ଦକ୍ଷିଣ-ପଶ୍ଚିମ ଜୋନକୁ ତାଗିଦ କଲେ ବିଏମସି କମିଶନର**
**୭ଦିନ ଭିତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ**

ତେବେ ଏହି ଘଟଣା ସମ୍ପର୍କରେ ବିଏମସି କମିଶନରଙ୍କୁ ଅଭିଯୋଗ କରିଥିଲେ ଶ୍ରୀ ପାତ୍ର । ବିଏମସି କମିଶନର ଦକ୍ଷିଣ-ପଶ୍ଚିମ ଜୋନ ଅଧିକାରୀଙ୍କୁ ୭ଦିନ ଭିତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



## ମୁନମୁନ ଗିରିଙ୍କ ଓଏଏସ୍ ରେ କୃତିତ୍ୱ ପାଇଁ ରଘୁନାଥ ଉଚ୍ଚ ବିଦ୍ୟାଳୟ ଗର୍ବିତ

ବେତନଟୀ(ସବ୍ୟୁ) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁନାଥ ଉଚ୍ଚ ବିଦ୍ୟାଳୟ ଶିକ୍ଷା ପରିବାରରେ ଅତ୍ୟନ୍ତ ଖୁସିର ଲହରୀ । ଆଜି ବିଦ୍ୟାଳୟ ଇତିହାସରେ ଆଉ ଏକ ସଫଳତାର ପୃଷ୍ଠା ଯୋଡ଼ି ହୋଇ ଯାଇଛି । ବିଦ୍ୟାଳୟର ଛାତ୍ରୀ ମୁନମୁନ ଗିରି ୨୦୨୨ ମସିହା ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ସାରା ରାଜ୍ୟରେ ୩୧ ତମ ସ୍ଥାନ ଅଧିକାର କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେ ନିଜ ଉଦ୍ୟମରେ ପ୍ରଥମ ଥର ପରୀକ୍ଷା ଦେଇ ସଫଳତା ପାଇଛନ୍ତି । ସେ ୨୦୧୪ ମସିହାରେ ବାର୍ଷିକ ପରୀକ୍ଷାରେ ରଘୁନାଥ ଉଚ୍ଚ ବିଦ୍ୟାଳୟ ରୁ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱର ସ୍ଥିତ ବିଜେବି କଲେଜରୁ ୨ବିଜ୍ଞାନରେ ସଫଳତା ପାଇ ପରବର୍ତ୍ତୀ ସମୟରେ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଅର୍ଥନୀତି ସମ୍ମାନ ରେ ଇଣ୍ଟିଗ୍ରେଟେଡ ବିଏଡ କରି ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଜାମଦା ବ୍ଲକ୍ ଅଧିନ ପସନା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଭାବରେ ଅଧୁନା କାର୍ଯ୍ୟରତା ଅଛନ୍ତି । ଅତି ଧୀର ନମ୍ର ସ୍ୱଭାବର ଝିଅ ମୁନମୁନ ଙ୍କ ଏଇ ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟ ସଦସ୍ୟା ,ପୁରାତନ ଛାତ୍ର ଛାତ୍ରୀ ,ଅଭିଭାବକ ତଥା ବହୁ ବୁଦ୍ଧିଜୀବି ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଅଭୁଲା ମଣିଷକୁ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ: ୦୧.୦୪.୧୯୫୯
ତିରୋଧାନ : ୦୨.୧୧.୨୦୨୩



ସ୍ୱର୍ଗୀୟା ସୁନୀତି ମିଶ୍ର
ବାର୍ଷିକ ଶ୍ରାଦ୍ଧ : ତା ୨୧.୧୦.୨୦୨୪ ରିଖ
ମାତା : ଶ୍ରୀମତୀ ସରସ୍ୱତୀ ମିଶ୍ର, ପିତା : ସ୍ୱର୍ଗତ ଦିବାକର ମିଶ୍ର
ଜ୍ୟେଷ୍ଠା ଭଗ୍ନୀ : ମିନତୀ ମିଶ୍ର, ଜ୍ୟେଷ୍ଠ ଭ୍ରାତା : ବିଶ୍ୱେଶ୍ୱର ମିଶ୍ର

ନିନୁ ନାନୀ, ତୋ ଆବର୍ତ୍ତନରେ ତୋର ଗୁରୁତ୍ୱ ସମସ୍ତେ ଉପଲବ୍ଧି କରୁଛନ୍ତି । ପ୍ରତି ପଦକ୍ଷେପରେ ଆମ ସହିତ ତୋର ଆତ୍ମିକ ଉପସ୍ଥିତି ଆମେ ସଦା ସର୍ବଦା ଅନୁଭବ କରୁଛୁ । ହୃଦୟର ଗଭୀରତମ ପ୍ରଦେଶରୁ ଶ୍ରଦ୍ଧାଞ୍ଜଳି ସହିତ ତୋର ଟୁକୁ, ରାନୁ, ବାପୁ, ସାତୁ, ସିଧୁ, ଓ ମାମୁନୁ ।

Your guiding light from the heaven is enlightening our path. With your blessing, our every action will fulfill the trust your name enjoys.

SIDHESWAR MISHRA, President
KIRTIMATI MISHRA, Managing Trustee
& Staff
Dr. Sunit Mishra Memorial Trust
Singh Sahi, Talcher Town, 759107

Suniti Ma'am, you are our foundation. We are striving hard and with your heavenly blessings, will surely succeed in putting in place, a structure that will stand upright for ages to come.

KABITA BEHERA
PRINCIPAL & STAFF
The Foundation Public School,
Singh Sahi, Talcher Town - 759107

### ପୁରୀରେ ଦୁଇ ଦିନିଆ 'ଲାଇଟ୍‌ହାଉସ ପର୍ଯ୍ୟଟନ ମହୋତ୍ସବ' ଉଦ୍‌ଯାପିତ

# ଆମର ବତୀଘର ଗୁଡିକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇଛନ୍ତି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ପୁରୀରେ ଦୁଇ ଦିନିଆ 'ଲାଇଟ୍‌ହାଉସ ପର୍ଯ୍ୟଟନ ମହୋତ୍ସବ' ଉଦ୍‌ଯାପିତ ହୋଇଛି । ଭାରତରେ ଲାଇଟହାଉସ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରାଳୟ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଓଡିଶାର ପର୍ଯ୍ୟଟନ ସ୍ଥଳଗୁଡିକ ମଧ୍ୟରେ ବତୀଘର ଗୁଡିକ ମଧ୍ୟ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବ । ଗତ ବର୍ଷ ଗୋଆରେ ପ୍ରଥମ ଲାଇଟହାଉସ ପର୍ଯ୍ୟଟନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏ ବର୍ଷ ଓଡିଶାରେ ଦ୍ୱିତୀୟ ଲାଇଟହାଉସ ପର୍ଯ୍ୟଟନ ମହୋତ୍ସବ ଅନୁଷ୍ଠିତ ହେଉଛି । ବତୀଘର ପର୍ଯ୍ୟଟନରେ ଓଡିଶାକୁ ଯେଉଁ ଗୁରୁତ୍ୱ ଦିଆଯାଇଛି, ସେଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିଲେ ।

ସ୍ୱାଧୀନତାର ୭୫ ବର୍ଷ ଅବସରରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଦେଶର ୭୫ଟି ଲାଇଟହାଉସର ବିକାଶ କରାଯାଇଛି । ଏଥିରେ ଓଡିଶାର ୫ଟି ଲାଇଟହାଉସ ସ୍ଥାନ ପାଇଛି । ଏଗୁଡିକ ହେଲା- ଗୋପାଳପୁର, ପୁରୀ, ଚନ୍ଦ୍ରଭାଗା, ଫଲ୍ସ ପଏଣ୍ଟ ଓ ପାରାଦୀପ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବତୀଘରକୁ ଯେ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ, ଏହା ସାମାନ୍ୟ ଚିନ୍ତାଧାରାର ବାହାରେ ଥିଲା । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ଚିନ୍ତାଧାରା ଓ ଦୂରଦୃଷ୍ଟି ଯୋଗୁ ଆଜି ଆମର ବତୀଘର ଗୁଡିକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବା ସହିତ ଆମର ନୌବାଣିଜ୍ୟ ଐତିହ୍ୟର ପ୍ରସାର କରୁଛନ୍ତି । ଲାଇଟହାଉସ ଗୁଡିକୁ ବିକଶିତ କରାଯାଇ ଏଥିରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଅନେକ ସୁବିଧାର ବିକାଶ ମଧ୍ୟ କରାଯାଇଛି । ଏଥିରେ ଦର୍ଶକଙ୍କ ବସିବା ପାଇଁ ସେଡ୍, ଝରଣା, ପିଲାଙ୍କ ଖେଳିବା ପାଇଁ ବ୍ୟବସ୍ଥା, ପଥର କାରୁକାର୍ଯ୍ୟ ଓ ଅନ୍ୟାନ୍ୟ ସୁବିଧାର ବିକାଶ ମଧ୍ୟ କରାଯାଇଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ସ୍ୟାଣ୍ଡ ଆର୍ଟ, ବୋର୍ଟ ଆର୍ଟ, ବିଚ୍ କ୍ଲିନ୍-ଅପ୍ ଡ୍ରାଇଭ୍, ଯୋଗ ଆଦି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଛି । ଏହା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫୁଡ୍ ଫେଷ୍ଟିଭାଲ୍ ଆଦିର ଆୟୋଜନ ମଧ୍ୟ କରାଯାଉଛି । ମୁଖ୍ୟମନ୍ତ୍ରୀ କହିଲେ ଯେ, ପୁରୀ ହେଉଛି ଏକମାତ୍ର ବେଳାଭୂମି ଯେଉଁଠି ବର୍ଷସାରା ଏକ ପ୍ରକାର ଉତ୍ସବମୁଖର ବାତାବରଣ ଦେଖିବାକୁ ମିଳିଥାଏ । ଏହି ଉତ୍ସବର ମାହୋଲ ପୁରୀ ବେଳାଭୂମିକୁ ଦେଶର ଅନ୍ୟାନ୍ୟ ବେଳାଭୂମିଠାରୁ ଅଲଗା ପରିଚୟ ଦେଇଥାଏ ।

ଏହି ଅବସରରେ ପାରାଦୀପ ବନ୍ଦରରେ ଦୁଇଟି ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ କରାଗଲା । ପାରାଦୀପ ବନ୍ଦରରେ ମାଲ ପରିବହନର ସୁବିଧା ପାଇଁ ଗୋଟିଏ ଫ୍ଲାଇ-ଓଭର ଏବଂ ଚାରି ଲେନ୍ ବିଶିଷ୍ଟ ଏକ ସଡକ ମଧ୍ୟ ନିର୍ମାଣ କରାଯାଇଛି । ଏହା ସହିତ କାର୍ଗୋ ହାଣ୍ଡଲିଙ୍ଗରେ ସୁବିଧା ପାଇଁ ଏହାର ଆଧୁନିକୀକରଣ ମଧ୍ୟ କରାଗଲା । ଏହା ଦ୍ୱାରା ଘଣ୍ଟାକୁ ୩୦ ହଜାର ଟନ ଲୁହା ପଥର କାରବାର କରାଯାଇପାରିବ । କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଥିଲେ ଯେ ପାରାଦୀପ ବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ପାରାଦୀପ ବନ୍ଦରରେ ଜାହାଜ ନିର୍ମାଣ ଓ ମରାମତି ପାଇଁ ଏକ କ୍ଲଷ୍ଟର ର ବିକାଶ କରାଯିବ ବୋଲି ସେ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ବିଭାଗର ସଚିବ ଶ୍ରୀଟି.କେ. ରାମଚନ୍ଦ୍ରନ୍ ସ୍ୱାଗତ ଭାଷଣ ଦେଇଥିଲେ । ପାରାଦୀପ ବନ୍ଦର ଅଧ୍ୟକ୍ଷ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଯୋଗ ଦେଇଥିଲେ ।

### ବିଜେଡିକୁ ଯାଇ ଭୁଲ୍ କରିଥିଲି କହିଲେ ପ୍ରକାଶ

# ସାଲେପୁରରେ ସଂଗଠନକୁ ମଜବୁତ୍ କରିବାକୁ ପୁଣି ଲୋଡିଲେ ସମର୍ଥକଙ୍କ ପରାମର୍ଶ

କଟକ,(ସବ୍ୟୁ ): ସଦ୍ୟ ବିଜେଡିରୁ ଇସ୍ତଫା ଦେଇଥିବା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ପୁଣି ଗେରୁଆ ଦଳକୁ ଫେରିବା ଆପାତତଃ ସ୍ପଷ୍ଟ ହେବାକୁ ଲାଗିଲାଣି । ବିଜେଡି କୁ ଯାଇ ସେ ମସ୍ତବଡ ଭୁଲ୍ କରିଥିବା ସ୍ୱୀକାର କରିଥିବା ଆଜି ପାଗା ଛକ ଜୋୟା ମଣ୍ଡପ ପରିସରରେ ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କୁ ନେଇ ସାଙ୍ଗଠାନିକ ପରାମର୍ଶ ବୈଠକରେ କହିଛନ୍ତି । ତେବେ ସେ ଜଣେ ସଂଗଠକ ହୋଇଥିବାରୁ ଇସ୍ତଫା ଦେବା ପରେ ପ୍ରକାଶ ଟାଙ୍ଗୀ-ସାଲେପୁରରେ ରାଜନିତୀ କରିବେ ବୋଲି ଦୃଢୋକ୍ତିର ସହ କହିଥିଲେହେଁ କେଉଁ ଦଳରେ ରାଜନିତୀ କରିବେ ସେ ନେଇ ସ୍ପଷ୍ଟ କରିନଥିଲେ । ତାଙ୍କର ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କ ସହ ପରାମର୍ଶ ଓ ଆଲୋଚନା ପରେ ସେମାନଙ୍କ ନିଷ୍ପତି ଅନୁସାରେ କୌଣସି ଦଳରେ ଯୋଗଦେବେ ବୋଲି ସୂଚନା ଦେଇଥିଲେ । ତଦନୁଯାୟୀ ଆଜି ଶ୍ରୀ ବେହେରା ଟାଙ୍ଗୀ-ସାଲେପୁର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶହ ଶହ ସଂଖ୍ୟାରେ ସମର୍ଥକଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ସହିତ ଥିଲି ଏଂ ଶେଷ ଜୀବନ ଯାଏଁ ରହିବି ବୋଲି କହିଥିଲେ । ମୋ ପ୍ରତି



ଆପଣମାନଙ୍କ ସମର୍ଥନ ଏବେବି ଅତୁଟ ରହିଛି । ଆଗାମୀ ଦିନରେ ସାଲେପୁରରେ ମୋର ରାଜନୈତିକ କାର୍ଯ୍ୟଧାରା ଜାରିରଖିବି ବୋଲି କହିଥିଲେ । ଉପସ୍ଥିତ ସମର୍ଥକ ମାନେ ପ୍ରକାଶ ବିଜେପିକୁ ପୁଣି ଫେରନ୍ତୁ ବୋଲି ତାଙ୍କୁ ପରାମର୍ଶ ଦେଇଥିଲେ ଏଂ ଗେରୁଆ ଗାମୁଛା ତାଙ୍କୁ ପ୍ରଦାନ କରିଥଲେ । ପରାମର୍ଶକୁ ପରୋକ୍ଷରେ ପ୍ରକାଶ ଗ୍ରହଣ କରିବା ସହ ଟାଙ୍ଗୀ ସାଲେପୁରର ପ୍ରତ୍ୟେକ ପଞ୍ଚାୟତ ଠୁଁ ଆରମ୍ଭ କରି ୱାର୍ଡ ପର୍ଯ୍ୟନ୍ତ ସଂଗଠନକୁ ଆହୁରି ମଜବୁ କରିବା ସହ ସାଂଗଠାନିକ କାର୍ଯ୍ୟକୁ ରାନିତ କରିବା ନିଷ୍ପତ୍ତି ନେଇଥିବା କହିଥିଲେ ।

### ଭୁବନେଶ୍ୱରରେ ଅରୁନ୍ଧତୀ ଜୁଏଲର୍ସ

# ନୂତନ ଓ ବୃହତ ଅତ୍ୟାଧୁନିକ ଫ୍ଲାଗସିପ୍ ସୋରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଜନପଥ ଶାଖା ଏବେ ନୂତନ ଏବଂ ବୃହତ ରୂପରେଖ ନେଇ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା



ଯୋଗାଇ ଦେବା ପାଇଁ ଚଳିତମାସ ୨୦ତାରିଖରେ ଉଦ୍‌ଘାଟିତ ହୋଇଯାଇଛି । ଅରୁନ୍ଧତୀର ରୌପ୍ୟ ଜୟନ୍ତୀକୁ ମଜଭୁତ୍ କରିବା ପାଇଁ ଏହା ହେଉଛି ଗ୍ରାହକଙ୍କୁ ପ୍ରାବଣ ଭେଟି । ଅରୁନ୍ଧତୀ ଜୁଏଲର୍ସ ବ୍ରାଣ୍ଡ ଆମ୍ବାସଡର ତଥା ଅଲିଉଡ୍ ଦିବା ଅର୍ଚ୍ଚିତା, ଅରୁନ୍ଧତୀର ଏମ୍‌ଡି ବ୍ରହ୍ମନନ୍ଦ ମେହେର, ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ଓ ଡାଇରେକ୍ଟର ଅରୁନ୍ଧତୀ ମେହେରଙ୍କ ଉପସ୍ଥିତିରେ ଏହି ବିଶାଳ ସୋରୁମ୍‌ର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଜୁଏଲର୍ସ ତରଫରୁ ନୂତନ କଲେକ୍ସନ୍ ଭରା ଡିଜାଇନ୍ ଅର୍ଘ୍ୟ ଓ ଆରାଧା ମଧ୍ୟ ଉନ୍ମୋଚିତ ହୋଇଛି । ଶତାଧିକ ଗ୍ରାହକଙ୍କ ଉପସ୍ଥିତିରେ ଏହି ୧୯ହଜାର ସ୍କୋୟାରଫିଟ୍ ବିଶିଷ୍ଟ ଅତ୍ୟାଧୁନିକ ସୋରୁମ୍‌ର ଉଦ୍‌ଘାଟନୀ ସମାରୋହରେ ୨୫ହଜାରରୁ ଉର୍ଦ୍ଧ୍ୱ ନୂଆ ଫେଷ୍ଟିଭ୍ କଲେକ୍ସନ୍ ପ୍ରଦର୍ଶିତ ହୋଇଛି । ଏହି ଅବସରରେ ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶିକ ଶ୍ରୀ ମେହେର କହିଛନ୍ତି ଦୀର୍ଘ ୨୫ବର୍ଷର ସ୍ନେହ, ଶ୍ରଦ୍ଧା ଭଲ ପାଇବା ପାଇଁ ଓଡ଼ିଶାବାସୀଙ୍କ ପ୍ରତି ଅରୁନ୍ଧତୀ ପରିବାର ସର୍ବଦା ମତମସ୍ତକ । ଗ୍ରାଣ୍ଡ ରିଓପନିଂର ସର୍ବଶ୍ରେଷ୍ଠ ଅଫରରେ ଗ୍ରାହକ ବନ୍ଧୁ ସୁନା ଗହଣାର ଗଢ଼ା ମଜୁରୀରେ ସୁନିଶ୍ଚିତ ସର୍ବନିମ୍ନ ଫ୍ଲାଟ୍ ୨୫ ପ୍ରତିଶତ ରିହାତି, ବାଏ ମୋର, ଗେଟ୍ ମୋରରେ ଅଧିକ ସୁନା ଗହଣା କିଛି ସର୍ବାଧିକ ଫ୍ଲାଟ୍ ୫୦ ପ୍ରତିଶତ ରିହାତି ପାଇପାରିବେ । ଏହା ସହିତ ପ୍ରଥମ ଥର ପାଇଁ ଗଢ଼ା ମଜୁରୀ ସଂପୂର୍ଣ୍ଣ ମାଗଣା, ସ୍ୱର୍ଣ୍ଣ ସଂମୃଦ୍ଧି ଯୋଜନା ମାଧ୍ୟମରେ ତା ସହ ପ୍ରତ୍ୟେକ ଅଗ୍ରୀମ ବୁକିଂ ଉପରେ ସୁନା ସର୍ବନିମ୍ନ ବଜାର ଦର ସହିତ ମାଗଣା ସ୍ୱର୍ଣ୍ଣ ଓ ରୌପ ମୁଦ୍ରା ତଥା ପୁରୁଣା ସୁନା ଗହଣାର ବଦଳିରେ ପ୍ରତ୍ୟେକ ୧୦ ଗ୍ରାମ ଉପରେ ୧୦୦୦ ଟଙ୍କାର ଅତିରିକ୍ତ ବୋନସ୍ ପାଇପାରିବେ ।

# ଆସନ୍ନ ବାତ୍ୟା କୁ ନେଇ ଚିନ୍ତାରେ ଧାନ ଓ ପରିବା ଚାଷୀ

ବେତନଟୀ(ସବ୍ୟୁ) : ପାଣି ପାଗ ବିଭାଗର ପୂର୍ବାନୁମାନ କୁ ନେଇ ସରକାର ଜାରୀ କରିଥିବା ସତର୍କ ସୂଚନା ପାଇଁ ବର୍ତ୍ତମାନ ବିଶେଷ କରି ଧାନ ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି ସାଧାରଣତଃ ଗର୍ଭଣା ସଂକ୍ରାନ୍ତି ବେଳକୁ ଧାନଗଛ ରେ ଥୋଡ ଆସିଯାଇଥାଏ । ପ୍ରାୟ ଏକ ସପ୍ତାହ ମଧ୍ୟରେ ଧାନ କେରା ଗଛ ପେଟରୁ ବାହାରି ପଡ଼େ ଏଥିପାଇଁ ଏକ ପ୍ରବାଦ ଅଛି ଆଗେ ବୁଣ ପଛେ ବୁଣ ଗର୍ଭଣା କୁ ଠୁଣ ଠୁଣ । ଏହି ସମୟରେ ବାତ୍ୟା ଆସିଲେ ଧାନ ସବୁ ଅଗାଡି ପାଲଟିଯାଏ ଚାଷୀ ବର୍ଷକର ଖାଦ୍ୟ ହରାଇ ବସେ । ତେଣୁ ଚାଷୀ ମନରେ ଆଶଙ୍କା ଆସିବା ସ୍ୱାଭାବିକ କଥା । ଏପଟେ ରାଜ୍ୟ ସରକାର ବାତ୍ୟା ଭୟ ଥିବା ଅଞ୍ଚଳ ଗୁଡିକରେ ସତର୍କ ରହିବାକୁ ଜିଲ୍ଲାପାଳ ମାନଙ୍କୁ ସୂଚନା ଦିଆ ଯାଇଛି । ଆମ୍ଭ ବେତନଟୀ ବ୍ଲକ ଅଧୀନ ପ୍ରତି ପଞ୍ଚାୟତ କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆ ଯାଇଥିବା କଥା ବିଡିଓ ପ୍ରକାଶ କରିଛନ୍ତି ଛ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରୁ ସମସ୍ତ ପଞ୍ଚାୟତ ରେ ଆସନ୍ନ ବାତ୍ୟା ଆଶଙ୍କା ପାଇଁ ସାଧାରଣ ଲୋକଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିବାର ଜଣାଯାଇଛି । ମାତ୍ର ଧାନ ଚାଷୀ ବ୍ୟତୀତ ପରିବା ଚାଷୀ ମଧ୍ୟ ଆଶଙ୍କାରେ ଥିବା ଜଣାଯାଇଛି । ଅଳ୍ପ କିଛି ଦିନ ପୂର୍ବରୁ ଲଗାଣ ବର୍ଷାରେ ପରିବା ଚାଷ ପୁରା ଧୋଇଯାଇଥିବା ପରେ ଶୀତ ଦିନିଆ ପନିପରିବା ଚାଷ ପାଇଁ ଚାଷୀ ଅଣ୍ଟା ଭିଡିଥିବା ବେଳେ ଆସନ୍ନ ବାତ୍ୟା ର ପ୍ରକୋପ କଣ ରହିବ ସେଥିପାଇଁ ଚାଷୀ ଚିନ୍ତାରେ । ତେବେ ଘୁର୍ଣ୍ଣିଝଡ ର ଅବପାତ ,ତାର ଗତିବିଧି, ପବନର ବେଗ , କୁ ନେଇ ପାଣିପାଗ ବିଭାଗ ର ସଠିକ୍ ସୂଚନା ପ୍ରକାଶ ପରେ ବାତ୍ୟାର ସ୍ୱରୂପ ଆକଳନ କରା ଯାଇ ପାରେ । ଏହି ବାତ୍ୟାକୁ ଲକ୍ଷ୍ୟ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅଧିକାରୀ/ କର୍ମଚାରୀ ଙ୍କ ଛୁଟି ବାତିଲ କରାଯାଇଥିବା ଜଣା ଯାଇଛିଛ ଏଥି ସହିତ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ ରୋକିବାକୁ ଜିଲ୍ଲା ତରଫରୁ ସ୍କ୍ୱାର୍ଡ ଗଠନ କରାଯାଇ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିବା ଜଣାଯାଇଛି ।

### ଓଏଏସ ପରୀକ୍ଷାରେ କାକ୍ସର ଅଭୂତପୂର୍ବ ସଫଳତା

# ଶୀର୍ଷ ୧୦ରେ ଦୁଇ ଜଣ, ସହ ମୋଟ ୯୨ ଜଣ ସଫଳ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୨୨ ମସିହା ପାଇଁ ଅନୁଷ୍ଠିତ ଓଡ଼ିଆ ସିଭିଲ ସର୍ଭିସେସ ପରୀକ୍ଷାର ଫଳ ପ୍ରକାଶ ପାଇଛି ଓ ଏଥିରେ ଚୂଡାନ୍ତ ରାଉଣ୍ଡରେ ଇଣ୍ଟରଭିଉ ଦେଇଥିବା ୧୩୬୭ ପରୀକ୍ଷାର୍ଥୀ ମଧ୍ୟରୁ ମୋଟ ୭୮୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଇଛନ୍ତି ଓ ଏଥି ମଧ୍ୟରୁ କଳିଙ୍ଗ ଏକାଡେମୀ ଅ ସିଭିଲ ସର୍ଭିସେସ (କେଏସିଏସ) କାକ୍ସ ଦ୍ୱାରା ପ୍ରଶିକ୍ଷିତ ହୋଇଥିବା ୨୧୩ ଜଣଙ୍କ ମଧ୍ୟରୁ ୯୨ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ବେଳେ ପ୍ରଥମ ଦଶଜଣଙ୍କ ମଧ୍ୟରେ ଦୁଇଜଣ ସ୍ଥାନ ପାଇଛନ୍ତି ଓ ସେଥିରୁ ୭ତମ ସ୍ଥାନରେ ଦେବବ୍ରତ ଗୌଡ଼ ଏବଂ ୯ମ ସ୍ଥାନରେ କପିଳ କୁମାର ମହାନ୍ତି ସ୍ଥାନ ପାଇ ଅନୁଷ୍ଠାନକୁ ଗୌରବାନିତ କରିଛନ୍ତି । ପ୍ରକାଶ ଥାଉ ଯେ ଚଳିତ ବର୍ଷ କାକ୍ସ ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓ ଏହି ସଫଳତାର ପଛରେ ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ଆଲେକଜାଣ୍ଡର ଦାସ ଏବଂ ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ, ଶ୍ରୀ ରଞ୍ଜନ କୁମାର ଦାସ ଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ସଫଳତା ପାଇଥିବା ପରୀକ୍ଷାର୍ଥୀ ମାନେ ପ୍ରକାଶ କରିଛନ୍ତି ଓ କେବଳ ସିଭିଲ ସର୍ଭିସ ନୁହେଁ ଏନଇଟି, ଜେଇଇ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କେଜିଆଇ ଯାଜପୁର ତଥା ଓଡ଼ିଶାର ସମସ୍ତ ଜିଲ୍ଲାରୁ ଗରିବ ମେଧାବୀ ତଥା ବିଶେଷ କରି ଗ୍ରାମୀଣ ଛାତ୍ରଛାତ୍ରୀ ମାନଙ୍କୁ ପ୍ରସ୍ତୁତ କରି ସଫଳ କରେଇବା ପାଇଁ ପ୍ରତିବଦ୍ଧ ବୋଲି କେଜିଆଇର ଅଧ୍ୟକ୍ଷ ଇଂ ଆଲେକଜାଣ୍ଡାର ଦାସ କହିଛନ୍ତି ।

# ଉପନ୍ୟାସ ପ୍ରାଧାନ୍ୟ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

କଟକ, (ସବ୍ୟୁ): ରାଜଭବନଠାରେ କଥାକାର ଉମାଶଙ୍କର ମିଶ୍ରଙ୍କ ଭାଷା ପ୍ରକାଶନ ପକ୍ଷରୁ ପ୍ରକାଶିତ ପଞ୍ଚଦଶତମ ପୁସ୍ତକ ଉପନ୍ୟାସ ପ୍ରାଧାନ୍ୟ ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପୁସ୍ତକକୁ ଉନ୍ମୋଚନ କରି ରାଜ୍ୟପାଳ କହିଲେ ସମାଜକୁ ଶୃଙ୍ଖଳିତ ଓ ଉଚିତ୍ ମାର୍ଗରେ ପରିଚାଳନା କରିବାରେ ଲେଖକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିକରୁ ଅଧିକ ମୂଲ୍ୟବୋଧଭିତ୍ତିକ ଉଚ୍ଚକୋଟୀର ଲେଖା ଲେଖିବା ପାଇଁ ସେ ଲେଖକମାନଙ୍କୁ ଆହ୍ୱାନ ଦେବା ସହିତ ପ୍ରାଧାନ୍ୟ ପୁସ୍ତକର ପାଠକୀୟ ଆଦୃତି କାମନା କରିଥିଲେ। ଉତ୍ସବରେ ଲେଖକ



ପ୍ରଫେସର ଉମାଶଙ୍କର ମିଶ୍ର ପୁସ୍ତକ ସଂପର୍କରେ ଅଭିମତ ରଖିଥିଲେ। ଭାଷା ପ୍ରକାଶନ ସନ୍ଧାଧିକାରୀ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସନ୍ଦିପ ମିଶ୍ର, ରମାଦେବୀ ବିଶ୍ୱବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡକ୍ଟର ମନୀଷା ମିଶ୍ର, ଚିକିତ୍ସାବିତ୍ ପ୍ରଫେସର ଆନନ୍ଦ ଗରାବଡ୍ଡୁ, କନ୍ଟେ ଲେଖକ ସୁପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁସ୍ତକର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ।

## ଦିନ ଦ୍ୱିପହରରେ ଘରୁ ଲୁଟିନେଲେ ଟଙ୍କା

ବାରଙ୍ଗ(ସବ୍ୟୁ)ବାରଙ୍ଗ ଥାନା ଅଧୀନସ୍ଥ ଗଦେଇକୁଦରେ ଥିବା ବାବା କପିଳେଶ୍ୱର ମନ୍ଦିର ପୂଜକଙ୍କଘରୁ ଶନିବାର ଅପରାହ୍ଣରେ ଚୋରି ହୋଇଛି । ଚୋରମାନେ ଝରକା ଦେଇ ଘରେ ପଶି ଆଲମିରାରୁ ନଗଦ ୧୫ହଜାରରେ ଟଙ୍କା ନେଇ ପଳାଇ ଯାଇଛନ୍ତି । ପ୍ରକାଶଯେ,ପୂଜକ ପରେଶ୍ ଜେନା ମନ୍ଦିରକୁ ଲାଗି ରହିଥିବା ଘରେ ପରିବାର ସହ ରହୁଥିଲେ । ଶନିବାର ଅପରାହ୍ଣରେ ପରେଶ୍ ଓ ତାଙ୍କ ପୁଅ ବାହାରକୁ ଯାଇଥିଲେ । ସ୍ତ୍ରୀ ଘର ବନ୍ଦ କରୀ ମନ୍ଦିରରେ ଥିଲେ । ଏହି ସୁଯୋଗରେ ଘରର ଝରକା ଭାଙ୍ଗି ଚୋରମାନେ ଅଲ୍ମିରାରେ ଥିବା ନଗଦ ୧୫ହଜାରରେ ଟଙ୍କା ନେଇ ପଳାଇଥିଲେ । ପରେଶଙ୍କ ସ୍ତ୍ରୀ ଘରକୁ ଫେରିବା ପରେ ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ । ତେବେ ପରେଶ୍ ଏ ନେଇ ଥାନାରେ ଅଭିଯୋଗ କରିନଥିବାର ଜଣାପଡିଛି ।

# ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ମିଳିବ ପେନସନ

ଭୁବନେଶ୍ୱର(ସବ୍ୟୁ): ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ପେନସନ୍ ମାମଲାରେ ରାଜ୍ୟ ସରକାରଙ୍କୁ ଝଟକା ଲାଗିଛି । ହାଇକୋର୍ଟଙ୍କ ରାୟକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ରାଜ୍ୟ ସରକାର କରିଥିବା ଅପିଲ୍ ଖାରଜ ହୋଇଯାଇଛି । ଅର୍ଥାତ ହାଇକୋର୍ଟଙ୍କ ରାୟ କାଏମ ରହିଛି । ଏବେ ସରକାର ହାଇକୋର୍ଟଙ୍କ ରାୟ ମୁତାବକ କାମ କରିବେ । ଅର୍ଥାତ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀମାନେ କିଭଳି ପେନସନ ପାଇବେ ସେନେଇ ସରକାର ବ୍ୟବସ୍ଥା କରିବେ ।

ଏହି ଖବର ପହଞ୍ଚିବା ପରେ ବିଡିଏ କର୍ମଚାରୀମାନେ ଉତ୍ସାହିତ ହୋଇଛନ୍ତି । ପୂର୍ବରୁ ଥିବା ବିଜେଡି ସରକାର ସମୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍ ହାଇକୋର୍ଟଙ୍କ ରାୟକୁ ଚାଲେଞ୍ଜ କରି ଅପିଲ କରିବାକୁ ଯୋଜନା କରିଥିଲେ । ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମ୍ ବିଭିନ୍ନ ସମୟରେ ସରକାରଙ୍କୁ ହାଇକୋର୍ଟଙ୍କ ରାୟ ପାଳନ



କରିବାକୁ ନିବେଦନ କରିଥିଲେ । ହେଲେ କିଛି ଫଳ ହୋଇନଥିଲା । ଶେଷରେ ସରକାର ଏହି ରାୟକୁ ଚାଲେଞ୍ଜ କରିଥିଲେ । ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସରକାରଙ୍କ ଅପିଲକୁ ଖାରଜ କରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୧୫ ମସିହାରେ କଟକ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀମାନେ ପେନସନ୍ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟରେ ଦାଖଲ ହୋଇଥିବା କେସ୍ ନଂ- ୧୮୫୫୯/୨୦୧୫ର ବିଚାର ୯ ବର୍ଷ ପରେ ହୋଇଥିଲା । ୨୦୨୩ ମସିହା ଡିସେମ୍ବର ୪ ତାରିଖରେ ହାଇକୋର୍ଟ କଟକ ସମେତ ଅନ୍ୟ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ସରକାରୀ ପେନସନ ନୀତି ନିୟମ ପ୍ରଣୟନ କରି ତିନି ମାସ ମଧ୍ୟରେ ପେନସନ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହାକୁ ଚାଲେଞ୍ଜ କରି ସରକାର ସୁପ୍ରିମକୋର୍ଟ ଯାଇଥିଲେ । ଚଳିତ ବର୍ଷ ଜୁଲାଇ ୧୧ ତାରିଖରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ସୁପ୍ରିମକୋର୍ଟରେ ଅପିଲ ଦାଖଲ କରିଥିଲେ । ବିଚାରପତି ଜଷ୍ଟିସ୍ ଅଭୟ ଏସ୍ ଓକା ଓ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମାସିନ୍‌ଙ୍କ କୋର୍ଟରେ ଏହାର ବିଚାର ହେବା ସହ ଆଜି ଓଡିଶା ସରକାରଙ୍କ ଅପିଲକୁ ଖାରଜ କରାଯାଇଛି । ସିଡ଼ିଏ ସମେତ ବିଡିଏ ଓ ଅନ୍ୟ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ପେନସନ୍ ନୀତି ପ୍ରଣୟନ କରି ସରକାରୀ ପେନସନ୍ ଦେବାକୁ ବିଡ଼ିଏ କର୍ମଚାରୀ ୟୁନାଇଟେଡ୍ ଫୋରମ୍ ଦାବି କରିଛି ।

# ଜାହ୍ନବୀ ସାହିତ୍ୟ ସଂସଦ ପକ୍ଷରୁ ଗଣକବିଙ୍କ ୧୪୨ତମ ଜୟନ୍ତୀ

କଟକ, (ସବ୍ୟୁ): କାଳଜୟୀ ସ୍ରଷ୍ଟା ଗଣକବି ବୈଷ୍ଣବ ପାଣିଙ୍କ ସାହିତ୍ୟ-ସୃଷ୍ଟିରେ ଗଣଜୀବନର ନିଛକ ଚିତ୍ର ପ୍ରତିଫଳିତ । ପାଣିକବି ଆମ ଗଣସାହିତ୍ୟ ରଙ୍ଗମଞ୍ଚର କିମ୍ବଦନ୍ତୀ ପୁରୁଷ । ଦାରିଦ୍ର୍ୟ ଓ ପ୍ରତିକୂଳ



ପରିସ୍ଥିତିରେ ମଧ୍ୟ ପାଣି-ସାହିତ୍ୟ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବ ବୋଲି ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ 'ଜାହ୍ନବୀ ସାହିତ୍ୟ ସଂସଦ' ପକ୍ଷରୁ ଆୟୋଜିତ ଗଣକବିଙ୍କ ୧୪୨ତମ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି । ନାଟ୍ୟକାର ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ବିଶିଷ୍ଟ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ଉଦ୍ଘାଟନ କରିଥିଲେ । ଏଥିରେ 'ଉତ୍କଳ ସାହିତ୍ୟ ସମାଜ'ର ପ୍ରାକ୍ତନ ସଭାପତି ପ୍ରାଧ୍ୟାପକ ତରୁଣ କୁମାର ସାହୁ ବରେଣ୍ୟ ଅତିଥି, 'କୈବଲ୍ୟ ସାହିତ୍ୟ ସଂସଦ'ର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟବକ୍ତା, ବିଶିଷ୍ଟ ସାହିତ୍ୟିକ ଡାକ୍ତର ସୁଦର୍ଶନ ପଟ୍ଟନାୟକ ବିଶିଷ୍ଟ ଅତିଥି, ଗୀତିକାର ବିଶ୍ୱେଶ୍ୱର ମହାନ୍ତି ବରେଣ୍ୟ ବକ୍ତା ଓ 'ଲୋକସେବା ଫାଉଣ୍ଡେସନ୍' ଅଧ୍ୟକ୍ଷ ହିମାଂଶୁ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ବୈଷ୍ଣବ ପାଣିଙ୍କ ସାରସ୍ୱତ କୃତି ଓ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିଥିଲେ ଛ ଅନୁଷ୍ଠାନର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଡକ୍ଟର ଅଜୟ କୁମାର ମିଶ୍ରଙ୍କୁ 'ବୈଷ୍ଣବ ପାଣି ସ୍ମୃତି ସମ୍ମାନ', ଗୋଲୋକ ବିହାରୀ ପଲାଇଙ୍କୁ 'ବୈଷ୍ଣବ ପାଣି ନାଟ୍ୟକଳା ସମ୍ମାନ', ମୁରଲୀଧର ଶତପଥିଙ୍କୁ 'ବୈଷ୍ଣବ ପାଣି ସଂଗୀତକଳା ସମ୍ମାନ', ଲବଙ୍ଗଲତା ଦେବୀଙ୍କୁ 'ବୈଷ୍ଣବ ପାଣି କବିତା ସମ୍ମାନ', ସୌଦାମିନୀ ତ୍ରିପାଠୀଙ୍କୁ 'ବୈଷ୍ଣବ ପାଣି କଳା-ସଂସ୍କୃତି ସମ୍ମାନ' ଓ ସୁରେନ୍ଦ୍ର ନାଥ ଛୋଟରାୟଙ୍କୁ 'ବୈଷ୍ଣବ ପାଣି ପାଲାଗାୟକ ସମ୍ମାନ' ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଛନ୍ଦ କବିତା ପାଠୋତ୍ସବରେ ପଣ୍ଡିତ ନୀଳକଣ୍ଠ ରାଉତ ମୁଖ୍ୟ ଅତିଥି, ସାହିତ୍ୟିକା ଡକ୍ଟର ବୈଜୟନ୍ତୀମାଳା ଶତପଥୀ ବରେଣ୍ୟ ଅତିଥି ଓ ଯୁବ-ସାହିତ୍ୟିକ ଡକ୍ଟର ଅଭୟ କୁମାର ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଲେଖିକା ଅମ୍ବିକା ସ୍ୱାଇଁ ଓ ସୁଚେତା ନନ୍ଦଙ୍କ ସଂଯୋଜନାରେ ୭୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ଅକ୍ଷି କୁମାର ମହାପାତ୍ର, ବିଜୟ କୁମାର ନାଥ, ସୁକୁମାର ସାମଲ, ଚନ୍ଦ୍ରମଣି ଭୂୟାଁ, ତପନ କୁମାର ସ୍ୱାଇଁ (ଶିଶୁ-ସାହିତ୍ୟିକ), ଚିନ୍ମୟୀ ଆଚାର୍ଯ୍ୟ, ସ୍ନେହପ୍ରଭା ପଟ୍ଟନାୟକ, ହେମଲତା ସିଂହ ପ୍ରମୁଖ ପରିଚାଳନା କରିଥିଲେ ।

## ବାଣ ଭିଡୁଥିବା ବେଳେ ବିସ୍ଫୋରଣ : ବ୍ୟବସାୟୀ ମୃତ

ବେତନଟୀ(ସବ୍ୟୁ) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବର୍ତ୍ତନା-ସାତ ପଉଟିଆ ଗ୍ରାମରେ ବାଣ ତିଆରି କରୁଥିବା ସମୟରେ ଅସାବଧାନତା ବଶତଃ ଅକ୍ଟୋବର ୯ ତାରିଖ ବୁଧବାର ଦିନ ବିସ୍ଫୋରଣ ଘଟି ଗୁରୁତର ଆହତ ହୋଇଥିବା କାଶୀନାଥ ସାହୁ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ମୃତ୍ୟୁ ଘଟିଯାଇଥିବା ଜଣାଯାଇଛି । ମିଳିଥିବା ସୂଚନା ମୁତାବକ କାଶୀନାଥ ଜଣେ ଅନୁଭବି ବାଣ ବ୍ୟବସାୟୀ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିବା ବେଳେ ଆଗାମୀ ଦୀପାବଳିକୁ ଲକ୍ଷ୍ୟ କରି ବାଣ ତିଆରି କରୁଥିଲେ । ତେବେ ବାଣ ତିଆରି କରିବା ସମୟରେ ଅସାବଧାନତା ବଶତଃ ଜୋରରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣରେ ଗୁରୁତର ବୃଦ୍ଧ କାଶୀନାଥଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ବିସ୍ଫୋରଣରେ କାଶୀନାଥଙ୍କ ଅର୍ଦ୍ଧାଧିକ ଶାରିରୀକ ଅଂଶ ପୋଡି ଯାଇଥିଲା ଫଳରେ ଅବସ୍ଥା ଅତ୍ୟନ୍ତ ଗୁରୁତର ହୋବାରୁ ବାଲେଶ୍ୱରରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା ଶନିବାର ଚିକିତ୍ସିତ ଅବସ୍ଥାରେ କାଶୀନାଥ ମୃତ୍ୟୁ କରିଥିବା ଜଣାଯାଇଛି । ମର ଶରୀରକୁ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କର ମୃତ୍ୟୁକୁ ନେଇ ସାରା ବର୍ତନା-ସାତପଉଟିଆ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ଜାତିସଂଘ ନିର୍ଦ୍ଧାରିତ ସସ୍ଥାୟୀ ବିକାଶ ଲକ୍ଷ୍ୟ ସଂକ୍ରାନ୍ତୀୟ କର୍ମଶାଳା

କଟକ,( ସବ୍ୟୁ): କଟକ ଟାଉନ ହଲ ଠାରେ 'ଜାଗୃତ ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ 'ଜାତିସଂଘ ନିର୍ଦ୍ଧାରିତ ସସ୍ଥାୟୀ ବିକାଶ ଲକ୍ଷ୍ୟରେ ନାଗରିକ ସମାଜର ଭୂମିକା' ବିଷୟବସ୍ତୁ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାକୁ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ୍‌ର ସଭାପତି ବିଜୟକୁମାର ଦାଶ ଓ ଆର୍ତତ୍ରାଣ ମହାନ୍ତି ଚାରିଟେବୁଲ ଟ୍ରଷ୍ଟର ସଭାନେତ୍ରୀ କିରଣବାଳା ମହାନ୍ତି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଓଡ଼ିଶାରୁ ଭାରତକୁ




ଜାତିସଂଘର ପ୍ରତିନିଧିତ୍ୱ କରିଥିବା ଯୁବ-ଅଧିବକ୍ତା ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ 'ଜାଗ୍ରତ ଓଡ଼ିଆ ଯୁବ ପ୍ରେରଣା ସମ୍ମାନ ୨୦୨୪' ଓ 'ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ' ସଂଗଠନକୁ 'ସସ୍ଥାୟୀ-ବିକାଶ ପ୍ରଭାବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଜଳବାୟୁ ସୁରକ୍ଷା ଅଭିଯାନକୁ ଏଟିଏମ ଟ୍ରଷ୍ଟ ପକ୍ଷରୁ ଦଶହଜାର ଟଙ୍କା ସହାୟତା ପ୍ରଦାନ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ବେଜ୍ ସ୍ୱାଗତ ଭାଷଣ ଦେବା ସହ ଆନ୍ତର୍ଜାତିକ ସଂଯୋଜକ ଲକ୍ଷ୍ମୀକାନ୍ତ ମହାନ୍ତି ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉପସ୍ଥିତ ଓଡ଼ିଶାର ବହୁ ସାମାଜିକ ସଂଗଠନ ଓ କର୍ମକର୍ତା, ଉକ୍ତ କର୍ମଶାଳାରେ ଯୋଗଦେଇ ନିଜ ନିଜର ବହୁମୂଲ୍ୟ ମତାମତ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷା ପାତ୍ର, ଉମ୍ମେ ରୁମାନ, ଦେବୀପ୍ରସାଦ ସେଠୀ, ଜଗନ୍ନାଥ ମହାନ୍ତି, ଆଶୁତୋଷ ହୋତା, ଶେକ୍ ହାତିମ, ଅବିନାଶ ନାୟକ, ଅକ୍ଷି ଶତପଥୀ, ସେବତୀ ଟୁଡୁ ଓ ମାଳତୀ କିସ୍କୁ ପ୍ରମୁଖ ପରିଚାଳନା କରିଥିଲେ ।

### ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ

# ୧୪ ବର୍ଷରୁ କମ ବାଳିକା ବିଭାଗ ରନର୍ସଅପ୍




ବାରିପଦା, (ସବ୍ୟୁ) : ଓଡ଼ିଶା ରାଜ୍ୟସ୍ତରୀୟ ତାଇକ୍ୱଣ୍ଡ ପ୍ରତିଯୋଗିତା ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ ମ୍ୟାନେଜର ଭାବେ ପିଟିଆଇ ଜିତେନ୍ଦ୍ର ଯୋଶ୍ୱାଲ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଜ୍ୟୋତ୍ରୀମୟୀ ଦାସମହାପାତ୍ରଙ୍କ ନେତୃତ୍ୱ କ୍ରୀଡ଼ାବିତ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ୨୭ ରୁ ୨୯ କେ.ଜି. ଓଜନରେ ର ୧୪ବର୍ଷରୁ କମ ବାଳକ ବିଭାଗରେ ଶତ୍ରୁଘନ ମଡୁଆଳ ରାଜ୍ୟରେ ପ୍ରଥମ ହୋଇ ଗୋଲଡ଼ ମେଡାଲ, ୨୬ ରୁ ୨୯ କେ.ଜି. ଓଜନରେ ୧୪ ବର୍ଷରୁ କମ ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ସିଂ ରାଜ୍ୟରେ ପ୍ରଥମ ହୋଇ ଗୋଲଡ଼ ମେଡଲ, ୩୨ ରୁ ୩୫ କେ. ଜି. ଓଜନରେ ୧୪ ବର୍ଷରୁ ବାଳିକା ବିଭାଗରେ ଦିବ୍ୟସ୍ମିତା ମଡୁଆଳ ରାଜ୍ୟରେ ଦ୍ୱିତୀୟ ହୋଇ ସିଲଭର ମେଡଲ, ୩୨ ରୁ ୩୫ କେ. ଜି. ଓଜନରେ ୧୭ବର୍ଷରୁ ବାଳିକା ବିଭାଗରେ ପୂର୍ଣ୍ଣିମା ସିଂ ରାଜ୍ୟରେ ଦ୍ୱିତୀୟ ହୋଇ ସିଲଭର ମେଡଲ ଗ୍ରହଣ କରି ପୁରସ୍କୃତ ହେବା ସହିତ ମୟୂରଭଞ୍ଜ ଜିଲ୍ଲା ୧୪ବର୍ଷରୁ କମ ବାଳିକା ବିଭାଗ ସମଗ୍ର ଓଡ଼ିଶା ରାଜ୍ୟରେ ରନର୍ସଅପ ହୋଇଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଚମ୍ପିୟାନ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# କୁଙ୍କୁମ ପୂଜାରେ କମ୍ପିଲା ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ

ଛତ୍ରପୁର, (ସବ୍ୟୁ): ଧନ, ଧାନ୍ୟ ଓ ସମୃଦ୍ଧି ର ଦେବି ହେଉଛନ୍ତି ମା ଗଜଲକ୍ଷ୍ମୀ । କୁହାଯାଏ, ମା ଗଜଲକ୍ଷ୍ମୀଙ୍କ ଆରାଧନା କଲେ ଏସବୁ ପ୍ରାପ୍ତି ହୁଏ । ଛତ୍ରପୁର ଲୋୟାର ବସଷ୍ଟାଣ୍ଡ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଠାରେ ଆଜକୁ ପ୍ରାୟ ୨୪ ବର୍ଷ ଧରି ଚାଲିଥିବା ମା ଗଜଲକ୍ଷ୍ମୀ ଙ୍କ ପୂଜାର ପଞ୍ଚମ ଦିନ ଅର୍ଥାତ ରବିବାର ମା ଙ୍କ ପୂଜା ଅବସରରେ କୁଙ୍କୁମ ପୂଜା କରାଯାଇଥିବା ଦେଖିବାକୁ ମିଳିଛି। ସହରର ବିଶିଷ୍ଟ କର୍ମକାଣ୍ଡ ବିଶେଷଜ୍ଞ ପଣ୍ଡିତ ସରୋଜ କୁମାର ଶତପଥୀଙ୍କ ପୌରାହିତ୍ୟରେ ପୂଜା କମିଟିର ସଦସ୍ୟ ମାନେ ମାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ସମ୍ମୁଖରେ କୁଙ୍କୁମ ପୂଜା କରିଥିଲେ। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଦର୍ଶନ କରିବା ପାଇଁ ଛତ୍ରପୁର ଏବଂ ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମାନେ ଯୋଗ ଦେଇ ମା ଗଜଲକ୍ଷ୍ମୀ ଙ୍କ ଆଳତି ଦର୍ଶନ କରିଥିଲେ । ଗତ ୧୬ ତାରିଖରୁ ମାଙ୍କ ପୂଜା ଚାଲିଥିବା ବେଳେ ଆସନ୍ତା ୨୨ ତାରିଖ ଦିନ ପର୍ଯ୍ୟନ୍ତ ଏହି ପୂଜା ଚାଲିବ, ସମସ୍ତ କାର୍ଯ୍ୟକ୍ରମ କୁ ପୂଜା କମିଟିର ସଭାପତି ବସନ୍ତ କୁମାର ମହାରଣା,



ଉପ ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ଅତୁଲ କୁମାର ଦାଶ, ଏସ. ପ୍ରବୀଣ କୁମାର, ଭି ରମେଶ, କେ. କମଲାଙ୍କର, ଆରତ ବିଶ୍ୱାଳ, ଲିପୁନ ବିଶ୍ୱାଳ, କେଞ୍ଚୁ ପୁରୋହିତ, ସୁରେନ୍ଦ୍ର ବେହେରା, ବାବୁ ବେହେରା, ସରୋଜ ପାଢ଼ୀ, ବିଜନ ସାହୁ, ଅଖିଳ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ମହାରଣା,ସରୋଜ କୁମାର ସାମଲ, ଅଶୋକ କୁମାର ବେହେରା, କେ ଶ୍ରୀନିବାସ ଦୋରା, ରବି ନାରାୟଣ ବେହେରା, ମୁନା ସାମଲ, ଗୌରହରି ସାମଲ, ସନ୍ତୋଷ କୁମାର ସାହୁ ଓ ଗୌରୀ ଶଙ୍କର ରଥଙ୍କ ସମେତ ବହୁ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଓପିଏସସି ପରୀକ୍ଷା : ୬୮ ତମ ସ୍ଥାନରେ ଆସିକାର ରଚିତା ମହାପାତ୍ର

ଆସିକା, (ସବ୍ୟୁ): ଆସିକା ଏନଏସି ଅନ୍ତର୍ଗତ ବାଣୀବିହାର ଝିଅ ରଚିତା ମହାପାତ୍ର ପ୍ରଥମ ଉଦ୍ୟମରେ ହିଁ ଓପିଏସସି ପରୀକ୍ଷାରେ ସଫଳତା ପାଇଛନ୍ତି। ସେ ୬୮ତମ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏବେ ବାଣିଜ୍ୟକର ବିଭାଗରେ ସହକାରୀ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ରଚିତା କାଳଷଣ୍ଢପୁର ଗ୍ରାମରେ ଜନ୍ମିତ ଆସିକା ବାଣୀବିହାରର ବାସିନ୍ଦା, ତାଙ୍କ ବାପା ମିହୀରକାନ୍ତ ମହାପାତ୍ର ଅସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏବଂ ମା ସବିତା ତ୍ରିପାଠୀ ହରିହର ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଅଛନ୍ତି। ଉଭୟଙ୍କ ପ୍ରେରଣାରେ ସେ ଆରୀୟନ ପବ୍ଲିକ ସ୍କୁଲରୁ ଦଶମ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଯୁକ୍ତ ଦୁଇ ଓ ଓଏୟୁଟି ଭୁବନେଶ୍ୱରରୁ ଏଗ୍ରିକଲଚର ସାଇନ୍ସରେ ସ୍ନାତକ ଓ ସ୍ନାତକୋତ୍ତର ଶେଷ କରିଥିଲେ। ୨୦୨୧ରେ ସ୍ନାତକୋତ୍ତର ଶେଷ ପରେ ସେ ୨୦୨୨ ରେ ପ୍ରଥମ ଥର ପାଇଁ ଓପିଏସସି ପରୀକ୍ଷା ଦେଇଥିଲେ। ନିଜର କଠିନ ପରିଶ୍ରମ ଓ ଗୁରୁଜନ ପରିବାର ଲୋକଙ୍କ ପ୍ରେରଣା ଆଶୀର୍ବାଦରେ ଏହି ସଫଳତା ହାସଲ କରିଥିବା କହିଛନ୍ତି ରଚିତା। ତାଙ୍କର ଏହି କୃତିତ୍ୱ ନେଇ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିଥିବା ଜଣା ଯାଇଛି ।

# ସୁନୀଲ ସାଇ ଦେବାଶିଷ ପାଇଲେ ଓଏଏସ



ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଲଣ୍ଡେଇ ସାହି ନିବାସୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ସାହୁଙ୍କ ପୁଅ ସୁନୀଲ ସାଇ ଦେବାଶୀଷ ପାଇଲେ ଓଏଏସ। ସୁନୀଲ ସାଇ ଦେବାଶୀଷ ଭଞ୍ଜନଗର ଡିହପଡାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର। ସେ ନିଜର ବିଦ୍ୟା ଅଧ୍ୟୟନ ଶିଶୁ ମନ୍ଦିରରୁ ଆରମ୍ଭ କରିଥିବାବେଳେ ପରବର୍ତ୍ତି ସମୟରେ ସେ ବ୍ରହ୍ମପୁରରେ ଯୁକ୍ତ ୨ ବିଜ୍ଞାନ ପାସ ପରେ ୫ ବର୍ଷିଆ ଇଞ୍ଜିନିୟରିଂ କୋର୍ସ କରିଥିଲେ। ପରେ ସେ ନିଜ ଘରେ ରହି ହିଁ ଓଏଏସ ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ଆଉ ଏଥିରେ ସଫଳ ହୋଇଥିବା ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ସୁନୀଲ ସାଇ ଦେବାଶୀଷ ଓଏଏସ ପାଇବା ଖବର ପ୍ରଚାରିତ ହେବାପରେ ଭଞ୍ଜନଗର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ବିଶେଷକରି ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଶିଶୁ ମନ୍ଦିର ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ଖୁସିରେ ବିଭୋର ହୋଇପଡିଛନ୍ତି। ଖୁବଶୀଘ୍ର ସୁନୀଲ ସାଇ ଦେବାଶୀଷଙ୍କୁ ତାଙ୍କର ଏହି ସଫଳତା ପାଇଁ ଶିଶୁମନ୍ଦିର ପରିସରରେ ଏକ ବିଶେଷ ସମ୍ବର୍ଦ୍ଧନାର ପର୍ବ ଆୟୋଜିତ ହେବବୋଲି ସଭାପତି ଡକ୍ଟର ପ୍ରଦୀପ କୁମାର ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି। ତେବେ ସମାଜର ସାଧାରଣ ଲୋକଟିଏ ଯେପରି ନ୍ୟାୟ ପାଇବାରୁ ବଞ୍ଚିତ ନହୁଏ ସେଥିପାଇଁ ସେ ଆଗାମୀ ଦିନରେ ବିଶେଷ ଧ୍ୟାନ ଦେବେବୋଲି ଯୁବ ଓଏଏସ ସୁନୀଲ ସାଇ ଦେବାଶୀଷ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି।

# ଶ୍ୟାମା କାଳୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ମାଧପୁର ସ୍ଥିତ ଶ୍ୟାମାକାଳୀ ଯୁବକ ସଂଘ ପ୍ରାଙ୍ଗଣରେ ଏଗାର ତମ ମା ଶ୍ୟାମାକାଳୀ ପୂଜା ନିମନ୍ତେ ଶୁଭ ଖୁଣ୍ଟି ସ୍ଥାପନ ହୋଇଯାଇଛି । ଶ୍ୟାମାକାଳୀ ପୂଜା ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଉତ୍ସବ, ଯାହା ଏବେ ବଡ଼ମାଧପୁରରେ ଏଗାର ତମ ବର୍ଷର ପାଦ ରଖିଛି। ଶୁଭ ଖୁଣ୍ଟି ସ୍ଥାପନ ପୂଜାର ପ୍ରାଥମିକ ଅଂଶ, ଯେଉଁଥିରେ ସ୍ଥାନୀୟ ଲୋକମାନେ ଏକତ୍ର ହୋଇ ଦେବୀଙ୍କ ପୂଜାର ଆରମ୍ଭ ଘୋଷଣା କରିଥାନ୍ତି। ଏହି ଉତ୍ସବ ବେଳେ ସ୍ଥାନୀୟ ବାସିନ୍ଦା ଓ ଶ୍ରଦ୍ଧାଳୁମାନେ ଭଗବତୀଙ୍କୁ ନିବେଦନ କରି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାନ୍ତି। ପୂଜା ଉତ୍ସବ ଦିନଗୁଡ଼ିକରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ, ସଂଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥାଏ, ଯାହାର ମାଧ୍ୟମରେ ସମାଜରେ ସଂସ୍କୃତିକ ଏକତା ବଢ଼ାଯାଏ। ଏହି ଅବସରରେ ବାବା ନନ୍ଦକିଶୋର ମହନ୍ତ ମହାରାଜ ଙ୍କ ପରୌହିତ୍ୟରେ, କର୍ତ୍ତା ଅଭିରାମ ବାଡତ୍ୟା, ସଭାପତି ଏସ ଯୁଦ୍ଧିଷ୍ଠିର ରେଡୀ, ଶିବ ରଞ୍ଜନ ସାହୁ, ଟି କିଶୋର ରେଡି, ଦେବାଶିଷ ବେହେରା, ପଦ୍ମ ଲାଭ ସାହୁ, ମହେନ୍ଦ୍ର ଗୌଡ଼, ସୁଶାନ୍ତ ରେଡି, ଗଜେନ୍ଦ୍ର ରେଡି, ବନମାଳୀ ରେଡି, ରମେଶ ପାତ୍ର, ରଘୁନାଥ ବେହେରା, ରଞ୍ଜିତ ରାଉଳ, ତପନ ବାରିକ ଏବଂ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ ଏବଂ ଏହି ପୂଜା କିପରି ସୁପରିଚଳିତ ହୋଇପାରିବ ସେଥିପାଇଁ ଶପଥ ନେଇଥିଲେ ।

# ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

ବଇଣ୍ଡା, (ସବ୍ୟୁ): କିଶୋରନଗର ବ୍ଲକ ନୁନୁକାପଶି ପଂଚାୟତ ଅନ୍ତର୍ଗତ ବୈଷ୍ଣବସାହିର ବାପୁଜୀ ଯୁବକ ସଂଘର ସହାୟତାରେ ସ୍ଥାନୀୟ ଅଂଚଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଅଧୀନସ୍ଥ ମାଇଁ ଭାରତ ତଥା ନେହେରୁ ଯୁବ କେନ୍ଦ୍ର ଅନୁଗୁଳର ମିଳିତ ଉଦ୍ୟମରେ ସମ୍ପାଦିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର କିଶୋରନଗରର ପୂର୍ବତନ ବ୍ଲକ ସଂଯୋଜକ କ୍ରିଷ୍ଣା ନାଏକ ଉପସ୍ଥିତ ରହି ସହଯୋଗ କରିଥିଲେ। ବାପୁଜୀ ଯୁବକ ସଂଘର ପ୍ରଭୁଦେବ ମୁଖୀ ସୁରେଶ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେ ସୁରକ୍ଷା ତଥା ବୃକ୍ଷର ମାହାତ୍ମ୍ୟକୁ ଉପଲବ୍ଧି କରି ଏହି କାର୍ଯ୍ୟକ୍ରମ କରାଯିବା ସହ ଆଗାମୀ ଦିନରେ ବ୍ୟାପକ ପଦକ୍ଷେପ ନିଆଯିବାକୁ ନିଷ୍ପତି ନିଆଯାଇଛି ଏବଂ ଯୁବପିଢ଼ିକୁ ମାସକୁ ଅନ୍ତତଃ ଗୋଟିଏ ଗଛ ଲଗାଇବାକୁ ଆହ୍ୱାନ କରାଯାଇଛି । ଗଛ ଲଗାଇଦେଲେ ହେବ ନାହିଁ ତାହାର ଯତ୍ନ ନେବା ଆବଶ୍ୟକ ବୋଲି ମତ ପ୍ରକାଶ କରାଯାଇଥିଲା ।

# ନଭେମ୍ବର ୧୯ ଓ ୨୦ରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କର ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ଠାରେ ଆରମ୍ଭ ହେବାକୁ ଯାଉଛି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା। ଏଣୁ ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ନଭେମ୍ବର ୧୯, ୨୦ ତାରିଖରେ ବାରିପଦା ଛଉପଡିଆ ଠାରେ ଏହି ମେଳା ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଏହି ଦୁଇଦିନ ଧରି ଚାଲିବାକୁ ଥିବା ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀଧନ ଚାଷୀମାନେ ଭାଗ ନେବେ ଓ ପୁରସ୍କୃତ ହେବେ। ଏହାଛଡା ଏହି ମେଳାରେ ରାଜ୍ୟ ସରକାରଙ୍କର ସମସ୍ତ ସରକାରୀ ବିଭାଗ ପକ୍ଷରୁ ମଧ୍ୟ ଷ୍ଟଲ ଦିଆଯିବାର ବ୍ୟବସ୍ଥା ରହିଛି। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ କଳ୍ପତରୁ ସ୍ୱାଇଁ ଏହି ମେଳା ଆୟୋଜନ ଏବଂ ଏହାର ସଫଳତା ପାଇଁ ଜିଲ୍ଲାପ୍ରଶାସନ ସହିତ କାର୍ଯ୍ୟ କରୁଥିବା ସମସ୍ତ ଉପବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହିତ ଜିଲ୍ଲାପାଳଙ୍କୁ ଏହି ମେଳା ବିଷୟରେ ଅବଗତ କରାଇଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କାଧିକାରୀ ଅବିନାଶ ପାଣି, ଜିଲା ସଂସ୍କୃତି ଅଧିକାରୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ମନ୍ଦିର, ବୃନ୍ଦାବତୀ ଚଉରା ଓ ଶୈବପୀଠରେ ଆକାଶ ଦ୍ୱୀପ ଖୁଣ୍ଟ

ଛତ୍ରପୁର, (ସବ୍ୟୁ) : ପ୍ରତି ବର୍ଷ ଭଳି ଚଳିତ ବର୍ଷ ଧର୍ମ କାର୍ତ୍ତିକ ମାସ ଅବସରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ବଳରାମପୁର ଗ୍ରାମ ଓଡ଼ିଆ ସାହିରେ ଦୀର୍ଘ ୯୦ ବର୍ଷ ହେଲା ଗୋଟିଏ ପରିବାର ତଥା ତୈଳିକ ବୈଶ୍ୟ ସମାଜ ଏଂ ଅଧିକାରୀ ସ୍ୱର୍ଗତ ହାଡୁପାଣି ସାହୁଙ୍କ ଧର୍ମପତ୍ନୀ ଜମ୍ବୁ ସାହୁ ଙ୍କ ନିର୍ଦ୍ଦେଶରେ ତାଙ୍କ ନାତି, ସରୋଜ କୁମାର ସାହୁ ଓ ଗୀତାଞ୍ଜଳୀ ସାହୁଙ୍କ ଦ୍ୱାରା ପୂଜା ପାଠ, ସଙ୍କଳ୍ପ କରାଯାଇ ତୁଳସୀ ଚଉରା ପାଖରେ ପୂଜା ଅର୍ଚ୍ଚନା ଦୀପ ଧୂପ ନୈବେଦ୍ୟ ଅର୍ପଣ କରି ଆକାଶ ଦ୍ୱୀପ ଖୁଣ୍ଟ ପୋତା ହୋଇଥିଲା। ବଳରାମପୁର ଗ୍ରାମର ନାମ ସଂର୍କୀନ ଦଳ ମୃଦଙ୍ଗ ଗିନି ଘଣ୍ଟ ଥଳ ଜାଇ ସହ ହୁଳହୁଳି ଦେଇ ଯେଉଁ ଭଳି ତୈଳିକ ବୈଶ୍ୟ ସମାଜ ନିତି ନିୟମ ଅନୁସାରେ ଖୁଣ୍ଟରେ ବିଭିନ୍ନ ରଙ୍ଗ ବେରଙ୍ଗର କଳର ଦିଆ ଯାଇ ସୁଜିତ ପ୍ରକାରରେ ପ୍ରତି ସନ୍ଧ୍ୟାରେ ଆକାଶ ଦ୍ୱୀପ ହାଣ୍ଡି ଭିତରେ ଦୀପ ରେ ସଳିତା, ଘିଅ ପକାଇ ଦୀପ ଲଗାଇ ଉପରକୁ ରସି ସାହାଯ୍ୟରେ ଆକାଶ ଦ୍ୱୀପ ଉଠାନ୍ତି। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ କ୍ଷେତ୍ର ବାସୀ ସାହୁ, ସୋମନାଥ ସାହୁ, କାମିନୀ ସାହୁ, ଲଣ୍ଡା ସାହୁ, ଗଦାଧର ନାହାକ, ଗଦାଧର ବିଷୋୟୀ, ହାଡୁ ନାହାକ, ନାରାୟଣ ବେହେରା, ଦେୀ ପ୍ରସାଦ ବେହେରା, ପ୍ରକାଶ ଚନ୍ଦ୍ର ବିଷୋୟୀ, ସୂର୍ଯ୍ୟ ନାରାୟଣ ସାହୁ, ରାମହରି ବେହେରା, କୃଷ୍ଣ ଚନ୍ଦ୍ର ବେହେରା ଓ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ପୁରୋହିତ ଲକ୍ଷ୍ମୀ ଚରଣ ଶତପଥୀ ଆକାଶ ଦ୍ୱୀପ ମହତ ବୁଝାଇଥିଲେ । ସେହିପରି ଟାଙ୍ଗଣାପଲ୍ଲୀ, ଲକ୍ଷ୍ମୀପୁର, ସୁନ୍ଦରପୁର, ଭିକାରୀ ପଲ୍ଲୀ, ନରେନ୍ଦ୍ର ପୁର, କୃଷ୍ଣ ଚନ୍ଦ୍ର ନଗରଡ଼ିହ, ରାମପଲ୍ଲୀ, କେ ଟି, ଏନ୍ ପୁର ଜଗନ୍ନାଥପୁର, ରଘୁନାଥ ପୁର ପ୍ରଭୃତି ଗ୍ରାମ ଶୈବପୀଠ, ତୁଳସୀ ଚଉରା, ମନ୍ଦିର ନାମ ମଣ୍ଡପ, ଜଗନ୍ନାଥ ମନ୍ଦିର ଠାରେ ଗତକାଲି ରାତ୍ର ଓ ସନ୍ଧ୍ୟା ସମୟରେ ପୂଜା ଅର୍ଚ୍ଚନା ଦୀପ ଧୂପ ନୈବେଦ୍ୟ ଅର୍ପଣ କରି ଆକାଶ ଦ୍ୱୀପ ଖୁଣ୍ଟ ପୋତା ହୋଇ ଥିବା ଜଣା ପଡିଛି।

# ଭଞ୍ଜନଗର ମନ୍ଧାର ଗାଁର ଶିକିତା ଗୌଡ ପାଇଲେ ଓଏଏସ୍

ଭଞ୍ଜନଗର, (ସବ୍ୟୁ): ରାଜ୍ୟ ଓପିଏସସି ପରୀକ୍ଷା ଫଳ ପ୍ରକାଶ ପାଇଛି। ଭଞ୍ଜନଗରର ସିକିତା ଗୌଡ ଓଏଏସ୍ ପାଇଛନ୍ତି। ଏଭଳି ଖବର ପ୍ରଚାରିତ ହେବାମାତ୍ରେ ସହରର ବାଗଦେବୀ ରୋଡ ଇଲାକାରେ ଖୁସିର ଲହରୀ ଖେଳିଯାଇଛି। ଶିକିତା ଗୌଡ ଜଣେ ଭେଟନାରୀ ଡାକ୍ତର। ଦୁଇବର୍ଷ ପୂର୍ବେ ସେ ପଶୁ ଚିକିତ୍ସକ ଭାବେ ଚାକିରୀ ପାଇଥିଲେ। ଏବେ ସେ ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକର ବାଣିଗୋଛା ଠାରେ କାର୍ଯ୍ୟରତ ଅଛନ୍ତି। ବାପା ଶରତ ଚନ୍ଦ୍ର ଗୌଡ ଆର୍ମି ରେ କାର୍ଯ୍ୟରତ ରହିଥିବାବେଳେ ଶିକିତାଙ୍କ ମାଆ ଭାଗ୍ୟଲତା ଗୌଡ ଜଣେ ଗୃହିଣୀ। ତାଙ୍କର ୩ଟି ଝିଅ ମଧ୍ୟରୁ ବଡଝିଅ ଜଣେ ଶିକ୍ଷୟତ୍ରୀଭାବେ କାର୍ଯ୍ୟରତ ରହିଥିବାବେଳେ ମଝିଆ ଝିଅ ଶିକିତା ଏବେ ପଶୁ ଡାକ୍ତରରୁ ଓଏଏସ୍ ପାଇଛନ୍ତି। ଶନିବାର ପ୍ରକାଶିତ ଓପିଏସସି ତାଲିକାରେ ଶିକିତା ୧୦୯ ନମ୍ବର ସ୍ଥାନ ହାସଲ କରିଛନ୍ତି। ପିଲାଟି ବେଳୁ ସେ ରାଜଧାନୀ ଭୁବନେଶ୍ୱରରେ



ହିଁ ଅଧ୍ୟୟନ କରିଛନ୍ତି। ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସରକାରୀ ହାଇସ୍କୁଲରେ ଦଶମ ଶ୍ରେଣୀ ପାସ କରିବା ପରେ ବିଜେବି ସ୍ୱୟଂ ଶାସିତ କଲେଜରେ ଯୁକ୍ତ ୨ ବିଜ୍ଞାନରେ ଉତୀର୍ଣ୍ଣ ହୋଇଥିଲେ। ପରେ ସେ ଓୟୁଏଟି ଭୁବନେଶ୍ୱରରେ ଭେଟନାରୀ ସାଇନ୍ସ ପାସ କରିବାପରେ ୨ ବର୍ଷ ତଳେ ଭେଟନାରୀ ସର୍ଜନ ଭାବେ ଚାକିରୀ ପାଇଥିଲେ। ସେ ଏବେ ଦଶପଲ୍ଲା ବାଣିଗୋଛା ଠାରେ କାର୍ଯ୍ୟରତ ଅଛନ୍ତି। ଶିକିତାଙ୍କ ପୈତୃକ ଗ୍ରାମ ବେଲଗୁଣ୍ଠା ବ୍ଲକର ମନ୍ଧାର ଗାଁ ହୋଇଥିବାବେଳେ ପିଲାଟି ବେଳୁ ସେ ବାପାଙ୍କ ସହ ଭୁବେନଶ୍ୱରରେ ହିଁ ବଢି ଆସିଛନ୍ତି। ଏବେ ଭଞ୍ଜନଗର ବାଗଦେବୀ ରୋଡ ସ୍ଥିତ ଆନନ୍ଦ ବିହାରରେ ପରିବାର ସଦସ୍ୟମାନେ ରହୁଥିବାବେଳେ ଶିକିତାଙ୍କ ଓଏଏସ ପାଇବା ଖବର ଏଠାରେ ପ୍ରଚାରିତ ହେବାପରେ ସଂପୃକ୍ତ ଇଲାକାରେ ଖୁସିର ଲହର ଖେଳିଯାଇଛି। ତେବେ ଓଏଏସ ପାଇବାପରେ ସମାଜର ଅବହେଳିତ ବର୍ଗଙ୍କ ସେବା କରିବାର ସୁଯୋଗ ହାତଛଡା କରିବେ ନାହିଁ ବୋଲି ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି ଶିକିତା ଗୌଡ। ତାଙ୍କର ଏହି ସଫଳତା ପଛରେ ତାଙ୍କ ବାପା ମାଆଙ୍କ ପ୍ରେରଣା ଓ ତାଙ୍କୁ ସ୍ୱାଧୀନ ଭାବେ କିଛି ଆଗକୁ ବଢିବାର ସୁଯୋଗ ହିଁ ଏହି ସଫଳତା ଆଣିଦେଇଛି ବୋଲି ଶିକିତା ଉଲ୍ଲେଖ କରିଥିବାବେଳେ ତାଙ୍କର ଏହି ସଫଳତା ପରେ ଏବେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ପରିଚାଳନା ସମିତି ବୈଠକ

ଭଞ୍ଜନଗର, (ସବ୍ୟୁ): ଓଡ଼ିଶାର ଅନ୍ୟତମ ପୁରାତନ ସାହିତ୍ୟ ଅନୁଷ୍ଠାନ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠାର ୩୬ ବର୍ଷରେ ପଦାର୍ପଣ କରିବାର ଶୁଭ ଅବସରରେ ବୁଦ୍ଧଖୋଲ ପାଦଦେଶରେ ଅବସ୍ଥିତ ଦିବ୍ୟ ଦର୍ଶନ ଜରାଶ୍ରମ ପରିସରରେ ଅନୁଷ୍ଠାନର ପରିଚାଳନା ସମିତି ବୈଠକ, ଆଲୋଚନା ଚକ୍ର, ବନ୍ଧୁମିଳନ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଅନୁଷ୍ଠାନର ସଭାପତି ଗୌରୀପତି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆବାହକ କୃତ୍ତିବାସ ବିଶ୍ୱାଳ, ପ୍ରତିଷ୍ଠାତା ସଦସ୍ୟ ଅନନ୍ତ କର, ପ୍ରମୋଦ ଚନ୍ଦ୍ର ପାଢ଼ୀ, ଅଶୋକ ନନ୍ଦ, ସୁରେଶ ଚନ୍ଦ୍ର ଦାଶ ଅତିଥି ରୂପେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ୩୫ବର୍ଷ ଧରି କରିଆସିଥିବା ନିରନ୍ତର ପ୍ରୟାସ ସମ୍ପର୍କରେ ସୂଚନାଦେଇ ଆଗାମୀ ଦିନରେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ନିଜସ୍ୱ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ଘୋଷଣା କରିଥିଲେ। ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶାର ପ୍ରତି ବ୍ଲକ ରେ ୧୫୦ ରୁ ୨୦୦ ଜଣଙ୍କ ପାଇଁ ସମସ୍ତ ମୌଳିକ ସୁବିଧାସହ ସାହିତ୍ୟ ନିଳୟ ସ୍ଥାପନ ସହ ସୁଲଭ ମୂଲ୍ୟରେ ସାହିତ୍ୟ ଅନୁଷ୍ଠାନ ମାନକୁ ସାହିତ୍ୟ ସମ୍ମିଳନୀ ପାଇଁ ଯୋଗାଇଦେବା ପାଇଁ ଦାବୀ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ପାଞ୍ଚ ଜଣ ବରିଷ୍ଠ ସାରସ୍ୱତ ସାଧକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଲମ୍ବୋଦର ପାଣିଗ୍ରାହୀ, ବ୍ରହ୍ମପୁର, ଦଣ୍ଡପାଣି ମହାପାତ୍ର, ମହାସଚିବ, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ,କୋଦଳା, ବେତାର ଶିଳ୍ପୀ, ନାଟ୍ୟକାର ତଥା ସୁସାହିତ୍ୟିକ ମୋତିଲାଲ ପତି,ବେଲଗୁଣ୍ଠା, ବର୍ଷିଆନ କବି ଏବଂ ସୁସାହିତ୍ୟିକ ବଂଶୀଧର ଷଡ଼ଙ୍ଗୀ, ବୁଗୁଡା ଏବଂ ବର୍ଷିୟାନ କବି, ଆଲୋଚକ ଏବଂ ସଙ୍ଗଠକ ରବୀନ୍ଦ୍ରନାଥ ଦାସ, ଭଞ୍ଜନଗରଙ୍କୁ ବିକ୍ଷିପ୍ତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ୩୫ ବର୍ଷ ପୂରଣ କରି ୩୬ ବର୍ଷ ରେ ପାଦଦେଇଥିବା ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ର ପରିଚାଳନା ସମିତିର ସମସ୍ତ ସଦସ୍ୟ ଏବଂ ଉପସ୍ଥିତି ସମସ୍ତ



ସହଯୋଗୀଙ୍କୁ ଅଙ୍ଗବସ୍ତ୍ର, ସ୍ମୃତିଫଳକ , ପ୍ରଶଂସାପତ୍ର ପ୍ରଦାନକରି ସମ୍ମାନିତ କରାଯିବାପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡ.ଲମ୍ବୋଦର ପାଣିଗ୍ରାହୀ, ଦଣ୍ଡପାଣି ମହାପାତ୍ର, ଡ.ଲକ୍ଷ୍ମୀନାରାୟଣ ଦାଶ, ବିଜୟ ଚନ୍ଦ୍ର ମିଶ୍ର, ଅରବିନ୍ଦ ପଣ୍ଡା, ସନ୍ତୋଷ କୁମାର ଜେନା, ପ୍ରଭାତୀ ମଞ୍ଜରୀ ବେହେରା, ବୈଷ୍ଣବ ଚରଣ ଦାଶ, ମନୋଜ କୁମାର ପଟ୍ଟନାୟକ, ଅମୂଲ୍ୟ କୁମାର ଦାଶ,ଶ୍ରୀ ନେତାଜୀ ବିଷୋୟୀ, ଶ୍ରୀନିବାସ ପଣ୍ଡା, ଏବଂ ଶ୍ରୀ ଚିନ୍ମୟ କୁମାର ବେବର୍ତ୍ତା,ଡ.ଅଶୋକ କୁମାର ଷଡ଼ଙ୍ଗୀ, ଶ୍ରୀମତୀ ସୁଜାତା ଷଡ଼ଙ୍ଗୀ ପ୍ରମୁଖ ଅଂଶଗ୍ରହଣକରି ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଛ ଆଗାମୀ ଏକବର୍ଷ ମଧ୍ୟରେ ବ୍ରହ୍ମପୁର, ଛତ୍ରପୁର, ଚିକିଟୀ, କୋରାପୁଟ, ଭଞ୍ଜନଗର ରେ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ, ପଶ୍ଚିମ ଓଡିଶା ସମ୍ମିଳନୀ, ବିକ୍ଷିପ୍ତା କବୟିତ୍ରୀ ସମ୍ମିଳନୀ ଏବଂ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକ୍ଷିପ୍ତା ସାହିତ୍ୟ ସମ୍ମିଳନୀ ଆୟୋଜନ କରାଯିବା ପାଇଁ ଘୋଷଣା କରାଯିବା ସହ ଏହି କାର୍ଯ୍ୟକ୍ରମର ଗୁଡ଼ିକର ସଫଳ ରୂପାୟନ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଏବଂ ସାଧାରଣ ସମ୍ପାଦକ ଡ.ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତୁରାଜ ବସନ୍ତ, ରାଇରଞ୍ଜନ ନନ୍ଦ ଏବଂ ଭୁବନେଶ୍ୱରସ୍ଥ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଝରଣା ବିଷୋୟୀ ଭଞ୍ଜ ସଙ୍ଗୀତ, ଭଜନ ଏବଂ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବୈଷ୍ଣବ ଚରଣ ଦାଶଙ୍କ ଶାରଦୀୟ ଦୁର୍ଗୋତ୍ସବ ପୂଜା ପଦ୍ଧତି ପୁସ୍ତକ ଉନ୍ମୋଚିତ ହୋଇଥିଲା । ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ତରଫରୁ ଜରାଶ୍ରମର ଅନ୍ତେବାସୀମାନଙ୍କୁ ଅଙ୍ଗବସ୍ତ୍ର ଏବଂ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ.ଶ୍ୟାମା ପ୍ରସାଦ ମିଶ୍ର ପରିଶେଷରେ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ପାଇଁ ଗଠିତ ବିଭିନ୍ନ ସମିତିର ସଦସ୍ୟ ମାନଙ୍କ ନାମ ଘୋଷଣା କରିଥିଲେ ।

# ବୁଗୁଡ଼ାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ




ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଡାକ୍ତରଖାନରେ ଆବଶ୍ୟକ ଡାକ୍ତର ନଥିବା ବେଳେ ଯେତେ ଜଣ ଅଛନ୍ତି ସେମାନେ ମଧ୍ୟ ପାଳି କରି ଚଳାଇଛନ୍ତି ରୋଗୀ ସେବା । ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଏବେ ଅଛନ୍ତି ମାତ୍ର ୪ ଜଣ ଡାକ୍ତର । ସେଥି ମଧ୍ୟରୁ ଜଣେ ଆୟୁଷ ଓ ଅନ୍ୟ ଜଣେ ଦାନ୍ତ ଡାକ୍ତର ହୋଇଥିବା ବେଳେ ୨ ଜଣ ଏମବିବିଏସ ଡାକ୍ତର ଅଛନ୍ତି । ପ୍ରତିଦିନ ଓପିଡିରେ ସମସ୍ତ ଡାକ୍ତର ବସିବା ପରିବର୍ତ୍ତେ ନିଜ ଭିତରେ ପାଳି କରି ଜଣେ ହିଁ ରୋଗୀ ଦେଖୁଛନ୍ତି ।ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ। ନିୟମ ପ୍ରକାରେ ବୁଗୁଡ଼ା ମେଡିକାଲରେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ଓ ସର୍ଜରୀ ବିଶେଷଜ୍ଞ ସମେତ ଦଶ ଜଣ ଆସିଷ୍ଟାଣ୍ଟ ସର୍ଜନ, ୭ ଜଣ ଷ୍ଟାଫ ନର୍ସ, ୨ ଜଣ ଫାର୍ମାସିଷ୍ଟ ଓ ୨ ଜଣ ଏଲ.ଟି ରହିବାକୁ ଥିବା ବେଳେ ପୂର୍ବରୁ ଥିବା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭାଶିଷ ପାଣିଗ୍ରାହୀ ଚାକିରୀରୁ ଇସ୍ତଫା ଦେଇ ସାରିଥିବା ବେଳେ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ଓ ସର୍ଜରୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇ ନାହାନ୍ତି । ୩ ଜଣ ଷ୍ଟାଫ ନର୍ସ ଓ ଜଣେ ଲେଖାଏଁ ଫାର୍ମାସିଷ୍ଟ ଓ ଏଲ.ଟି ପଦବୀ ଖାଲି ପଡିଛି । ବୁଗୁଡ଼ା ବ୍ଲକରେ ସମୁଦାୟ ୧୯ଟି ସବ-ସେଣ୍ଟର ଥିବା ବେଳେ ତିନୋଟି ସେଣ୍ଟରରେ ଏଏନଏମ ନଥିବା ବେଳେ ୬ଟି ସ୍ଥାନରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନାହାନ୍ତି। କିଛି ସ୍ଥାନରେ ଏଏନଏମ ପୋଷ୍ଟିଙ୍ଗ ହୋଇଥିଲେ ହେଁ ସେମାନେ ସେଣ୍ଟରକୁ ଯାଉ ନଥିବା ଅଭିଯୋଗ ହେଉଛି । ବୁଗୁଡ଼ା ମେଡିକାଲରେ ନୂତନ ଭାବେ ଜଣେ ଭିଏସ କିରାଣୀ ନିଯୁକ୍ତି ହୋଇଛନ୍ତି ହେଲେ ତାଙ୍କର ମଧ୍ୟ ଦେଖା ମିଳୁନି । ସେ ମାସ ମାସ ଧରି ଆସୁ ନଥିଲେ ମଧ୍ୟ ଉପସ୍ଥିତି ଖାତାରେ ଜାଲ ଦସ୍ତଖତ କରି ଦରମା ଉଠା ଯାଉଥିବା ଅଭିଯୋଗ ହେଉଛି । ମେଡିକାଲ ଅଫିସର ଫିଲଡ୍ ପରିଦର୍ଶନ କରି ସ୍ଥିତି ପରଖିବା ପରିବର୍ତ୍ତେ ସେ ପାଳି କରି ମେଡିକାଲ ଆସୁଥିବାରୁ ବୁଗୁଡ଼ାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା ନେଇ ବୁଦ୍ଧିଜୀବୀ ମହଲରେ ଅଭିଯୋଗ କରୁଛନ୍ତି । ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ମଧ୍ୟ ଅଚାନକ ମେଡିକାଲ ପରିଦର୍ଶନ କରି ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ତାଗିଦ୍ କରିଥିଲେ ହେଁ ସ୍ୱାସ୍ଥ୍ୟ ସେବାରେ କୌଣସି ସୁଧାର ଆସୁନି । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରେ ସେ କହିଥିଲେ ଏ ନେଇ ବାରମ୍ବାର ତାଗିଦ୍ କଲେ ମଧ୍ୟ କେହି ଶୁଣୁ ନାହାନ୍ତି ଏବଂ କିରାଣୀ ଆସୁ ନଥିବା ପ୍ରସଙ୍ଗରେ ତଦନ୍ତ କରାଯିବ ବୋଲି କହିଛନ୍ତି ।

# ୮ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ



ବେଲପଡ଼ା,(ସବ୍ୟୁ): ରାଜ୍ୟ ସରକାରଙ୍କ ଦ୍ୱାରା ଦାଦନ ରୋକିବା ପାଇଁ ଅନେକ ପଦକ୍ଷେପ ନିଆ ଯାଉଛି ଏବଂ ପୋଲିସ ମଧ୍ୟ ବେଆଇନ ଦାଦନ ଚାଲାଣରେ ରୋକ ଲଗାଇବା ପାଇଁ ଉଦ୍ୟମ ଚଳାଇଛି । ହେଲେ ସେତେଟା ସଫଳ ମିଳୁନାହିଁ । ସୂଚନାଯୋଗ୍ୟ ଯେ ଶନିବାର ରାତିରେ ବେଲପଡ଼ା ପୋଲିସ ୮ ଜଣ ଦାଦନ ଶ୍ରମିକଙ୍କୁ ବେଲପଡ଼ା ବ୍ଲକ ଅନ୍ତର୍ଗତ ନୁନୁହାଡ଼ ଗ୍ରାମରୁ ଉଦ୍ଧାର କରିଛି । ତନମଧ୍ୟରୁ ୫ ଜଣ ଶ୍ରମିକ ପାଟଣାଗଡ଼ ବ୍ଲକ ଧତୁକ୍ ଗ୍ରାମର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଶ୍ରମିକ ନୂଆପଡ଼ା ଜିଲ୍ଲା ଡୁଙ୍ଗୁରିପାଲି ଗ୍ରାମର ଓ ଜଣେ ଶ୍ରମିକ ନାବାଳକ ବୋଲି ଜଣା ପଡ଼ିଛି । ସେମାନଙ୍କୁ ଆନ୍ଧ୍ରପ୍ରଦେଶର ତିରୁପତି ଅଞ୍ଚଳକୁ ଇଟା ଗଢ଼ିବା ସକାଶେ ନିଆ ଯାଉଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଧତୁକ ଗ୍ରାମର ଦାଦନ ସର୍ଦ୍ଦାର ପଙ୍କଜ ପଟେଲକୁ ପୋଲିସ ଗିରଫ କରିଛି ।

### ଲକ୍ଷ୍ମଣ ମିର୍ଦ୍ଧା ହତ୍ୟା ଘଟଣା

# ଦୁଇ ହତ୍ୟାକାରୀ ଗିରଫ ସହ ବ୍ୟବହୃତ ଛୁରୀ ଜବତ

ହରଭଙ୍ଗା,(ସବ୍ୟୁ): ପୁରୁଣାକଟକ ଥାନା ପୋଲିସ ମଣିପୁର ଅରବାନ ପ୍ଲାଣ୍ଟେସନ୍ ନିକଟରେ ଘଟିଥିବା ଲକ୍ଷ୍ମଣ ମିର୍ଦ୍ଧା ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁରୁଣାକଟକ ପୁଲିସ । ମିଳିଥିବା ସୂଚନା ଅନୁଯାୟୀ ମଣିପୁର ମେଣ୍ଡିଖାଇ ପାହାଡ଼ ଓ ଅରବାନ ପ୍ଲାଣ୍ଟେସନ ନିକଟ ଏକ ବୁଦା ମଧ୍ୟରୁ ଗତ ୧୪ ତାରିଖ ଦିନ ବୌଦ୍ଧ ଥାନା ତାଳବାହାଲ ଗ୍ରାମର ଲକ୍ଷ୍ମଣ ମିର୍ଦ୍ଧାଙ୍କ ମୃତ ଦେହକୁ ପୋଲିସ ଉଦ୍ଧାର କରିଥିଲା । ପୋଲିସ ମାମଲାର ତଦନ୍ତ କରି ଲକ୍ଷ୍ମଣର ସମ୍ପର୍କୀୟ ଭାଇ ତାଳବାହାଲ ଗ୍ରାମର ହରିଶ୍ଚନ୍ଦ୍ର ମିର୍ଦ୍ଧା ଓ ସରସରା ଗ୍ରାମର ପବିତ୍ର ମିର୍ଦ୍ଧା ଭୋଜି କରିବା ବାହାନାରେ ଡାକି ନେଇ ପୂର୍ବ ଶତ୍ରୁତାକୁ ନେଇ ଛୁରୀ ସାହାଯ୍ୟରେ ତଣ୍ଟି କାଟି ହତ୍ୟା କରିଥିବା ସୁରାଗ ପାଇ ତଦନ୍ତ ଆରମ୍ଭ କରିଥିଲା । ରବିବାର ଉଭୟ ଅଭିଯୁକ୍ତ ଲୁଣିବାହାଲ ନିକଟରେ ଏକ ବାଇକରେ ବୁଲୁଥିବା ଖବର ପାଇ




ପୁରୁଣା କଟକ ପୋଲିସ ଉଭୟଙ୍କୁ ଗିରଫ କରିଥିଲା । ପଚରା ଉଚୁରା ପରେ ଉଭୟେ ହତ୍ୟା କରିଥିବା ସ୍ୱୀକାର କରିଥିଲେ ଓ ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ଛୁରୀକୁ ମଧ୍ୟ ପୋଲିସ୍ ହତ୍ୟାକାଣ୍ଡ ସ୍ଥଳ ଅନତି ଦୂରରେ ଥିବା ଏକ ବୁଦା ମଧ୍ୟରୁ ଜବତ କରିଥିଲା ପୋଲିସ୍ ସନ୍ଧ୍ୟାରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ପୁରୁଣା କଟକ ଆଇଆଇସି ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି ।

## ସୁବର୍ଣ୍ଣପୁର ଜିଲ୍ଲାରେ ଜଳ ସମସ୍ୟା

ସୋନପୁର,(ସବ୍ୟୁ) : ପାର୍ବତୀ ଗିରି ମେଗା ଜଳସେଚନ ପ୍ରକଳ୍ପର ଅଚଳାବସ୍ଥା ଓ ଇନ୍ସୁରାନ୍ସ କମ୍ପାନୀର ନିଷ୍କ୍ରିୟତା ଆଦିକୁ ନେଇ ନବନିର୍ମାଣ କୃଷକ ସଂଗଠନର ସଦସ୍ୟ ମାନେ ଚାଷୀ ନେତ୍ରୀ ସୋନାଲି ବିଶିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ଯାଇଥିଲେ । ପ୍ରଥମେ ସଂଗଠନ ତରଫରୁ ସୋନପୁର ବ୍ଲକ ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥ ଖମ୍ବେଶ୍ୱରୀପାଲି ଠାରେ ରାସ୍ତା ରୋକ କରାଯାଇଥିଲା । ସେହି ସବୁ ସମସ୍ୟାରେ ଜିଲ୍ଲାପାଳଙ୍କ କଣ ପଦକ୍ଷେପ ରହିବ ବୋଲି ପଚାରିବାରୁ ଜିଲ୍ଲାପାଳ ପ୍ରଥମେ ଭିଡିଓ ବନ୍ଦ କରିବା ପାଇଁ କହିଥିଲେ । ଏ କଥା ଚାଷୀ ଲାଇଭ ଦେଖିବେ ବୋଲି କହିବାରୁ କିଛି ବୁଝି ନ ଥିଲେ ଜିଲ୍ଲାପାଳ । କମ ବୃଷ୍ଟିପାତରୁ ଚଳିତ ବର୍ଷ ଧାନ ମରିବା ଉପରେ ଥିବାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଫଳ ରୂପାୟନ ପାଇଁ ବୀମା କମ୍ପାନୀ ଓ ଚାଷୀ ସଂଗଠନ ମାନଙ୍କ ଏକ ବୈଠକ କରିବା ପାଇଁ କହିବାରୁ କିଛି ଆଖି ଦୃଶିଆ ପ୍ରତିକ୍ରିୟା ଦେଲେ ନାହିଁ ଜିଲ୍ଲାପାଳ । ଜଳସେଚନର ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି କିନ୍ତୁ ଏହା ନ ହେଲେ ନଷ୍ଟ ହୋଇଥିବା ଧାନ ସବୁ ଜିଲ୍ଲାପାଳ ଅଫିସ୍ ରେ ଗଦା ହେବ ବୋଲି ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ କହିଛନ୍ତି । କେଉଁ କେଉଁ ପଞ୍ଚାୟତ ରେ ସମସ୍ୟା ହେଉଛି ଜଣାଅ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାପାଳ କାର୍ଯ୍ୟରେ ତତ୍ପର ହୁଅନ୍ତୁ । ଡି ଏଲ୍ ପି ସି ମିଟିଂ କୁ ଚାଷୀ ସଂଗଠନ ମାନଙ୍କୁ ଡାକିବା ପାଇଁ ତାଗିଦ୍ କରାଯାଉଛି। କୃଷି ଅଧିକାରୀ, ଜଳସେଚନ ଅଧିକାରୀ ମାନେ ଏ ନେଇ ତତ୍ପର ହୁଅନ୍ତୁ ନ ହେଲେ ଆନ୍ଦୋଳନ ଜୋରଦାର ହେବ । ଟାଟା ପାୱାର ଏ ଖରାପ ସମୟ ରେ ଅଧିକ ବିଲ୍ ନେଇ ବିଦ୍ୟୁ କାଟିଲେ ପରିସ୍ଥିତି ଭୟାବହ ହେବ। ଗାଁ ର ପୋଖରୀ ଗୁଡିକ ମିଶନ ଶକ୍ତି ମହିଳା ମାନେ ଠିକା ନେଇ ଚାଷୀ ମାନଙ୍କୁ ପାଣି ନ ଦେବା କଥା ସଂଗଠନ ଅବଗତ କରାଇଛି । ବୈଠକ ରେ ଯୁବ ନେତୃବୃନ୍ଦ ପ୍ରଭାତ ମିଶ୍ର, ଶ୍ରୀକାନ୍ତ ସାହୁ, ଶୁଭମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନାକଟିଦେଉଳ ବ୍ଲକର ୩ ଜଣ ପାଇଲେ ଓଏଏସ୍

ରେଢ଼ାଖୋଲ,(ସବ୍ୟୁ): ଓଡିଶା ପ୍ରଶାସନିକ ସେବା ୨୦୨୨ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକର ତିନି ଜଣ ସଫଳତା ପାଇଛନ୍ତି । ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମର ବିଶ୍ୱକସେନ ପୁରୋହିତ ,ଟାଙ୍ଗୀଆନିଷା ଗ୍ରାମର ନରହରି ବେହେରା ଏବଂ କୁଟାସିଂହା ଗ୍ରାମର ବର୍ଷା ପ୍ରିୟଦର୍ଶିନୀ ମୁଣ୍ଡା ସଫଳତା ପାଇ ନାକଟିଦେଉଳ ବ୍ଲକ ପାଇଁ ଗୌରବ ଆଣିଛନ୍ତି । ସରାପାଲି ହାଇସ୍କୁଲର ପୁରାତନଛାତ୍ର ସଂସଦ ପକ୍ଷରୁ ରବିବାର ସରାପାଲି ହାଇସ୍କୁଲ ଠାରେ ସଂସଦର ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସରାପାଲି ଗ୍ରାମର ସୁନୀଲ ପୁରୋହିତ ଓ ମାତା ସୁଷମା ପୁରୋହିତଙ୍କ ପୁଅ ବିଶ୍ୱକସେନ ପୁରୋହିତଙ୍କୁ ସରାପାଲି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ତରଫରୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ତାଙ୍କର ପିତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି ।

## ଗାଈ ଚରାଇବାକୁ ଯାଇ ବଜ୍ରପାତରେ ଜଣେ ମୃତ

ମାଲକାନଗିରି,(ସବ୍ୟୁ) : ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ଧୂଳିପୁଟ ପଞ୍ଚାୟତସ୍ଥିତ ଇସ୍କାବନ୍ଧ ଗ୍ରାମରେ ଶନିବାର ବଜ୍ରପାତ ସହିତ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ବଜ୍ରପାତ ହେବା ଫଳରେ ଗାଈ ଚରାଇବାକୁ ଯାଇଥିବା ଗ୍ରାମର ଜଣେ ଝିଅର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଝିଅ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଝିଅ ହେଲେ ସରୋଜା ଢୁରୀ (୮) ଓ ଗୁରୁତର ଝିଅର ନାମ କଲେମୁ (୧୦)। ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତସ୍ଥିତ ଇସ୍କାବନ୍ଧ ଗ୍ରାମରେ ଶନିବାର ବଜ୍ରପାତ ସହିତ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ଘଟଣା ଅନୁଯାୟୀ ଶନିବାର ଅପରାହ୍ନରେ ସରୋଜା ଓ କଲେମୁ ଗାଁ ପାଖ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ଜଙ୍ଗଲରୁ ଗାଁକୁ ଗୋରୁପଲ ନେଇ ଦୁଇ ଝିଅ ଫେରିବା ବେଳେ ରାସ୍ତାରେ ବଜ୍ରାଘାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ୨ ଜଣ ଗୁରୁତର ହୋଇଥିଲେ। ଗ୍ରାମବାସୀମାନେ ତୁରନ୍ତ ଦୁଇ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ତେବେ ସରୋଜା ଢୁରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଛିନ୍ନମାକୁ ପ୍ରାଥମିକ ଚିକିତ୍ସା ପରେ ଚିତ୍ରକୋଣ୍ଡା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ମା ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଦଶରା ମହୋତ୍ସବ ଆରମ୍ଭ



କୋକସରା,(ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦେବାଦେବୀଙ୍କ ସ୍ଥାନ ସର୍ବାଗ୍ରେ ରହିଥିବା ବେଳେ ପ୍ରତି ବର୍ଷ ଦଶରା ଆସିଲେ ଗ୍ରାମରେ ଥିବା ଅଧିଷ୍ଠାତ୍ରୀ ଦେବୀଙ୍କୁ ପୂଜାର୍ଚ୍ଚନା କରି ଗ୍ରାମବାସୀଙ୍କ ମଙ୍ଗଳ କାମନା କରନ୍ତି ଗ୍ରାମ୍ୟ ପୂଜକ। କୋକସରା ବ୍ଲକ ଆଦିବାସୀ ବହୁଳ ଦଣ୍ଡପାଟ ଅଞ୍ଚଳରେ ଥିବା ଗୋଟୋମୁଣ୍ଡା ଠାରେ ଘାଟି ମୁଣ୍ଡିଆଣି ମା ସର୍ବମଙ୍ଗଳାଙ୍କ ବାର୍ଷିକ ଦଶରା ରବିବାର ଠାରୁ ଆରମ୍ଭ ହୋଇଛି। ଗୋତମୁଣ୍ଡା ଠାରେ ଦଶରା ଯାତ୍ରା ତିନିଦିନ ଧରି ମହା ସମାରୋହରେ ପାଳନ କରାଯିବା ପାଇଁ କମିଟି ତରଫରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଛି। ରବିବାର ଦିନ ମା' ଘାଟି ମୁଣ୍ଡିଆଣୀ ସର୍ବମଙ୍ଗଳାଙ୍କ ପୀଠରେ ଖଣ୍ଡାଧୁଆ ପରମ୍ପରା ରୀତିନୀତିରେ ସମାପନ ହୋଇଛି। ଗ୍ରାମର ପୁଝାରୀ ମନୋହର ପୁଝାରୀଙ୍କ ଦେବୀଙ୍କ ଖଣ୍ଡାକୁ ନେଇ ଗ୍ରାମ ନିକଟସ୍ଥ ପୋଖରୀରୁ ମା'ଙ୍କ ଖଣ୍ଡାକୁ ବିଧି ମୁତାବକ ମାର୍ଜନା, ପୂଜାର୍ଚ୍ଚନା ପରେ ପୋଖରୀ ପାଣିରେ ଧୋଇ ଅଣାଯାଏ । ଏହି ଖଣ୍ଡାଧୁଆ ପର୍ବରେ ବିରାଟ ପଟୁଆରରେ ଅନେକ ସାଂସ୍କୃତିକ ଦଳ, ଘଣ୍ଟଦଳ, ଘୁମୁରା ଦଳ ସମେତ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଆଦିବାସୀ ପରମ୍ପରା ବେଶଭୁଷା ନାଚି ଗାଇ ମା'ଙ୍କ ଖଣ୍ଡାକୁ ମୁଖ୍ୟ ମନ୍ଦିରକୁ ଅଣାଯାଏ । ପରେ ଖଣ୍ଡା ସ୍ଥାପନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଏହିସବୁ କାର୍ଯ୍ୟ ପରମ୍ପରା ଓ ରୀତିନୀତି ମୁତାବକ ସମାପନ ହୋଇଛି । ଖଣ୍ଡାଧୁଆ ଉତ୍ସରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ଆମପାଣି ଜୋନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଜିଲ୍ଲା ଭତରା ସମାଜର କର୍ମଚାରୀ ସଂଘ ସଭାପତି ଇଂ. ଡୁପ କୁମାର ପାତ୍ର, ଜିଲ୍ଲା ଆଦିବାସୀ ସଂଘ ସମ୍ପାଦକ ରତୁରାଜ ମାଝୀ, ଶୈଳେନ୍ଦ୍ର ସିଂ ଦେଓ, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପୁଝାରି, ନାଏବ ସରପଞ୍ଚ ପାର୍ଥବ ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ପରେ ଦଶରା ସାଂସ୍କୃତିକ ମଞ୍ଚକୁ ଉପସ୍ଥିତ ଅତିଥି ମାନେ ଉଦଘାଟନ କରିଥିଲେ। ଏହି ଅବସରରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାନେଇ ପୂଜା କମିଟି ପକ୍ଷରୁ କୁହାଯାଇଛି। ପୂଜା କମିଟି ସଭାପତି ହେମନ୍ତ ମାଝୀ, ସମ୍ପାଦକ ଭରତ ପୁଝାରି, ପୂର୍ଣ୍ଣଚନ୍ଦ୍ର ନାଏକ, ହିମାଞ୍ଚଳ ପୁଝାରି, ବଳିଆର ସିଂ ମୋରେଇ, ତୁଳାରାମ ଗୋପାଳ, ଉପେନ୍ଦ୍ର ବାଗ, ପିଣ୍ଟୁ ନନ୍ଦ ମାଝୀ, ମୁକୁନ୍ଦ ନାଗେଶ , ନିରଞ୍ଜନ ବାଗ, ଭାରତ ଦୁର୍ଗା, ବଳରାମ ମାଝୀ, ଉପେନ୍ଦ୍ର ବାଗ, ରୋମାଞ୍ଚଳ ପୁଝାରି, ଯଦୁମଣି ଦୁର୍ଗା, ସୁବାସ ଖର୍ସେଲ ପ୍ରମୁଖ ଦଶରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧମା ଥାନା ଅନ୍ତର୍ଗତ ଛଚାନପାଲି ଗାଁ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ସେହି ଗ୍ରାମର ବ୍ୟାସଦେବ ସେଠ(୨୬) ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ବ୍ୟାସଦେବ ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥିଲେ । ତେବେ ସେ ପାଣିରେ ବୁଡି ଯାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଧମା ଥାନାରେ ୨୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ ଜବତ କରାଯାଇଥିଲା । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତକ ଯୁବକଙ୍କ ଅପସ୍ମାର ଜନିତ ରୋଗ ଥିବାବେଳେ ଏଭଳି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ।

# ତହଁକ କୁଟୁମ୍ବର କୋସଲି ଖାନା କୋସଲି ଗାନା



ବଲାଙ୍ଗିର ,(ସବ୍ୟୁ): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ତହଁକ କୁଟୁମ୍ ପକ୍ଷରୁ କୋସଲି ଖାନା କୋସଲି ଗାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷି ଯୋଗଦେଇ ଗୋଟିଏ ଅଂଚଳ ର ସଂସ୍କୃତି,ପରମ୍ପରା ସେ ଅଂଚଳକୁ ପରିଚୟ ଦେଇଥାଏ ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ କୋସଲ ପ୍ରବାହର ସଂପାଦକ ଆନନ୍ଦ ଚନ୍ଦ୍ର ସାହୁ , ସାମ୍ବାଦିକ ଚିତ୍ତ ରଞ୍ଜନ ମିଶ୍ର, ଜଗବନ୍ଧୁ ପଟେଲ ଯୋଗଦେଇ ଆମ ଅଞ୍ଚଳର ଖାଦ୍ୟ ଯେତେ ସୁସ୍ୱାଦୁ ସେତେ ଦେହ ପାଇଁ ହିତକର ବୋଲି କହିଥିଲେ । ଏପରି ଏକ ଭିନ୍ନ ଚିନ୍ତାଧାରା ଜଂଗଲୀ ଖାଦ୍ୟ ପେୟ ଠୁ ପୂର୍ବପ୍ରଚଳିତ ସମସ୍ତ ଖାଦ୍ୟ ପ୍ରଦର୍ଶନ ସହ ଆଣିଥିବା ଖାଦ୍ୟ ଉପରେ କବିତା ଆବୃତ୍ତି ହୋଇଥିଲା । ସାରା ଦେଶରେ ଭୁଜାକୁ ନେଇଁ ବଲାଙ୍ଗିର ମାଟିର ନାଁକୁ ପ୍ରତିଷ୍ଠିତ କରିପାରିଥିବା ନକୁଳ ପଟ୍ଟନାୟକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ସଂପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ମୁଖ୍ୟ ସଂପାଦକ ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କବି ଦିଲ୍ଲିପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତିୟ ଅଧିବେସନ ରେ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର ଝାଙ୍କର, ସାମ୍ବାଦିକ ସନ୍ଦିପ କୁଅଁର, ଦେବେନ୍ଦ୍ର ନାଏକ, ରାଜିବ ଭୋଇ, ଶଙ୍କର୍ଷଣ ସାହୁ, ଗୋପାଳ ଚନ୍ଦ୍ର ମେହେର ମଞ୍ଚାସୀନ ଥିଲେ । ପ୍ରଭାସିନୀ ଭୋଇ, କସ୍ତୁରୀ ରଥ କବିତା ଆସରକୁ ସଂଯୋଜନା କରିଥିବା ବେଳେ ଜ୍ୟୋତିରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କବି ଗରିବ ମଲ୍ଲିକ, ଭବାନି ଶଙ୍କର ମିଶ୍ର, ମିଲନ ପଣ୍ଡା, ରୋସନ ସାହୁ , ଗଜେନ୍ଦ୍ର ସେଠି, ଦିଗାମ୍ବର ନାଏକ, ବିବେକ ପଧାନ, ପ୍ରହଲ୍ଲାଦ ଦଣ୍ଡସେନା ତଥା ତହଁକ କୁଟୁମର ସମସ୍ତ କର୍ମ କର୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମା' ନିଜ ଛୁଆକୁ ଅନ୍ୟକୁ ଦେଇଦେଲା

ବରଗଡ଼,(ସବ୍ୟୁ): କେତେ ଯେ କଷ୍ଟ ଯନ୍ତ୍ରଣା ସହି ମା'୧୦ ମାସ ଗର୍ଭରେ ରଖି ଜନ୍ମ ଦେଇଥିଲା। ହେଲେ ଶେଷରେ ଗରିବୀ ରାକ୍ଷସ ଆଗରେ ହାର ମାନି ଯାଇଥିଲା ମା'ର ମମତା। କଅଁଳ ଶିଶୁକୁ ଜନ୍ମ ହେଉ ହେଉ ଅନ୍ୟ ହାତକୁ ଟେକି ଦେଇଥିଲା ମା'। ଏପରି ହୃଦୟସ୍ପର୍ଶୀ ଘଟଣା ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅଞ୍ଚଳରେ।

ସୋହେଲା ବ୍ଲକ ଖଇରପାଲି ଗ୍ରାମର ଗଣେଶ ଭୂସାଗରଙ୍କ ପତ୍ନୀ କିଛି ଦିନ ପୂର୍ବେ ସୋହେଲା ଡାକ୍ତରଖାନାରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁଟି ଜନ୍ମ ହେବା ପରେ ନିଜର ନବଜାତ ଶିଶୁଟିକୁ ଅନ୍ୟ ହାତକୁ ଟେକି ଦେଇଥିଲା ମା'। ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୌଣସି ସୂତ୍ରରୁ ଖବର ପାଇଥିଲେ। ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଟିମ୍ ଶନିବାର ଦୁଆନପାଲି ଗାଁରେ ପହଞ୍ଚି ପାଳିବାକୁ ନେଇଥିବା ମହିଳାଙ୍କ ପାଖରୁ ୧୭ ଦିନର ନବଜାତ ଶିଶୁଟିକୁ ଉଦ୍ଧାର କରିଥିଲେ। ଏଥିସହ ଜନ୍ମ ଦେଇଥିବା ଶିଶୁର ବାପାମା'ଙ୍କୁ ଡାକି ପଚରାଉଚରା କରିଥିବା ଜଣାଯାଇଛି।

ନବଜାତ ଶିଶୁର ଜନ୍ମଦାତା ବାପା କହିଛନ୍ତି, ଆମେ ଗରିବ ଲୋକ, ଦୁଇ ବେଳା ଭଲକି ଖାଇବାକୁ ପାଉନାହିଁ। ମୋ ୫ଟି ଛୁଆ ଅଛନ୍ତି। ସେହି ଛୁଆଙ୍କୁ ଭଲରେ ଦୁଇ ମୁଠା ଖାଇବାକୁ ଦେଇପାରୁ ନାହିଁ। ଏଥିପାଇଁ ଏହି ଛୁଆଟିକୁ ସ୍ୱଇଚ୍ଛାରେ ଦାନ କରିଛି। ସେହିପରି ଶିଶୁଟିର ମା' କହିଛନ୍ତି, ଆମେ ଗରିବ ଲୋକ, ଆମ ପାଖରେ ଖାଇବାକୁ ଟଙ୍କା ନାହିଁ। ମୋ ୫ଟି ଛୁଆକୁ ଭଲରେ ଖାଇବାକୁ ଦେଇପାରୁ ନାହିଁ। ଛୁଆଙ୍କ ଦେହ ଖରାପ ହେଲେ ଔଷଧ କିଣି ଦେଇପାରୁନାହିଁ। ସେମାନେ ମୋ ଛୁଆକୁ ପାଠ ପଢ଼ାଇ ମଣିଷ କରିବେ। ମୋ ଛୁଆ ସେଠାରେ ଭଲରେ ରହିବ ବୋଲି ମୁଁ ମୋ ଛୁଆକୁ ତାଙ୍କୁ ଦେଇଥିଲି ବୋଲି କାନ୍ଦିକାନ୍ଦି କହିଛନ୍ତି ଶିଶୁର ମା'। ସେ ଆହୁରି କହିଛନ୍ତି, ମୁଁ ଛୁଆକୁ ଦେବା ବଦଳରେ ଟଙ୍କାଟିଏ ଆଣିନାହିଁ। ମୁଁ ଛୁଆଟିକୁ ଭଲ ମଣିଷ କରିବା ପାଇଁ ସେମାନଙ୍କୁ ଦେଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ତପନ କୁମାର ପାତ୍ର କହିଛନ୍ତି, ଛୁଆକୁ ୧୫ ଦିନ ଆମ ପାଖରେ ରଖିବୁ। କାହିଁକି ତାଙ୍କ ଛୁଆଟିକୁ ତାର ବାପାମା' ଅନ୍ୟ ହାତକୁ ଟେକି ଦେଲେ ତାର ତଦନ୍ତ କରାଯିବ, ତା'ପରେ ନିଷ୍ପତ୍ତି ନିଆଯିବ।

## ୧୩ରୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ

ନର୍ଲା,(ସବ୍ୟୁ):ନଭେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଆୟୋଜିତ ହେବ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସଭାଗୃହରେ ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏନେଇ ଚୂଡାନ୍ତ ନିଷ୍ପତି ହୋଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷର କୁମାରସ୍ୱାମୀ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ 'ଗୋସିଙ୍ଗ ଦୈତ୍ୟ ଦରବାର'। ପ୍ରାଚୀନ ଲୋକନୃତ୍ୟ ଡମ୍ ବଜା, ଢାପ୍, ବନାବାଡି ସହ ଅନେକ ଲୋକସଂସ୍କୃତିରେ ଦୁଲୁକିବ ମଞ୍ଚ। ଲୋକଶ୍ରୁତି ଓ କିମ୍ବଦନ୍ତୀ ଅନୁସାରେ ମହିଷାସୁରଙ୍କ ଅଣନାତି ମହାରାଜ ଗୋସିଙ୍ଗ ଦୈତ୍ୟ ଅସୁରଗଡ଼ରେ ରାଜୁତି କରିବା ସହ ଦେବଗିରିରେ ଶିବ ଉପାସନା କରୁଥିଲେ। ଦେବଗିରି-ବୁଢ଼ୀପଦର ଅଞ୍ଚଳ ପ୍ରାଚୀନ ଆଟବିକ ସଭ୍ୟତାର ଏକ ଅଭିନ୍ନ ଅଙ୍ଗ। ତେଣୁ ଗୋସିଙ୍ଗ ଦୈତ୍ୟ ଦରବାର ମାଧ୍ୟମରେ ନୂତନ ପିଢ଼ିକୁ ଆଟବିକ ସଭ୍ୟତା ସହ ପରିଚିତ କରାଇବାକୁ ପ୍ରଚେଷ୍ଟା କରାଯାଇଛି ବୋଲି ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି। ଏହି ମହୋତ୍ସବରେ ଡମ୍ ବଜା, ଶିଙ୍ଗ୍ ବଜା, ବଜାଶାଲ୍, ଢାପ୍, ବନାବାଡ଼ି, ଲଉଡ଼ି ନୃତ୍ୟ ସହ ଶାନ୍ତପୁର ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନର ନାଟକ 'କଙ୍କାଳ ଖେଳିବ ରକ୍ତର ହୋରି', ସୋନପୁରର ଦଣ୍ଡନୃତ୍ୟ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତ ତଥା ପଡ଼ୋଶୀ ଛତିଶଗଡ଼ର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଆସର ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଯୁଗ୍ମସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଓ କୋଷାଧ୍ୟକ୍ଷ ଜୟଦ୍ରଥ ଜାଲ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିରୀକୃତ ହୋଇଛି। ଅଳ୍ପ ଦିନ ମଧ୍ୟରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଦେବଗିରି ସମ୍ମାନ' ସହ ଦେବଗିରି ଯୁବ ସମ୍ମାନ, ଦେବଗିରି ସାହିତ୍ୟ ସମ୍ମାନ, ଦେବଗିରି ଲୋକକଳା ସମ୍ମାନ, ଦେବଗିରି ସାମ୍ବାଦିକତା ସମ୍ମାନ, ଦେବଗିରି କୃଷି ସମ୍ମାନ, ଦେବଗିରି ସମାଜସେବା ସମ୍ମାନ, ଦେବଗିରି ନାରଦ ସମ୍ମାନ, ଦେବଗିରି ଶିକ୍ଷା ସମ୍ମାନ, ଦେବଗିରି ବାର୍ତ୍ତା ସମ୍ମାନ, ଦେବଗିରି ଦେଶସେବା ସମ୍ମାନ, ଦେବଗିରି ଗୁରୁ ସମ୍ମାନ, ଦେବଗିରି ଶିଳ୍ପୀ ସମ୍ମାନ, ଦେବଗିରି କ୍ରୀଡ଼ା ସମ୍ମାନ ଆଦି ଘୋଷଣା କରାଯିବ ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର କୁମାର ଧଙ୍ଗଡ଼ାମାଝୀ ଓ ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡାମାଝୀ ସୂଚନା ଦେଇଛନ୍ତି। ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସରକାରୀ ସାହାଯ୍ୟ ବିନା ଦୀର୍ଘ ୩୨ବର୍ଷ ଧରି ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବ ଅବସରରେ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଆସୁଛି। ଏହି ଧାରା ବଜାୟ ରଖିବାକୁ ପୂର୍ବତନ ସଭାପତି ପ୍ରଦୀପ କୁମାର ଧଙ୍ଗଡ଼ାମାଝୀ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ, କ୍ରୀଡ଼ା ସମ୍ପାଦକ ଅନିଲ କୁମାର ଧଙ୍ଗଡ଼ାମାଝୀ ଓ ଅନୁଷ୍ଠାନର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଜୟଦ୍ରଥ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସହରର ୨୪ ଛକରେ ଲାଗିବ ୧୧୨ ସିସିଟିଭି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରରେ ଅପରାଧିକ କାର୍ଯ୍ୟକଳାପ ଆଦି ରୋକିବା ପାଇଁ ମହାନଗର ନିଗମ ପକ୍ଷରୁ ଏଆଇ- କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ବୁଲେଟ୍ ସିସିଟିଭି କ୍ୟାମେରା ଲଗାଯିବ । ଏଥିପାଇଁ ସହରର ପ୍ରମୁଖ ଛକ ଗୁଡିକୁ ସର୍ଭେ କରି ଚିହ୍ନଟ କରାଯାଇଛି । ମୋଟ ୨୪ଟି ଛକରେ ୧୧୨ଟି ସିସିଟିଭି ଲଗାଯିବାକୁ ସ୍ଥିର କରାଯାଇଛି । ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଏହାପରେ ସଂପୃକ୍ତ ଛକ ଗୁଡିକରେ ସିସିଟିଭି ଲଗାଯିବ ବୋଲି ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ସହରରେ ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏଥିସହ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଚୋରି, ଲୁଟ, ରାହାଜାନୀ, ହତ୍ୟା, ନିଶା କାରବାର ଆଦି ଅପରାଧ ରୋକିବା ପାଇଁ ପୋଲିସ ପକ୍ଷରୁ ସିସିଟିଭି ଲଗାଯାଇଛି । ଏଥିସହ ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ମଧ୍ୟ ସିସିଟିଭି ଲଗାଯାଇ ଅପରାଧିକ ଗତିବିଧି ଉପରେ ନଜର ରଖାଯାଉଛି । ତେବେ ତାହା ପର୍ଯ୍ୟାପ୍ତ ହୋଇନଥିବାରୁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏହି ଯୋଜନା ହାତକୁ ନିଆଯାଇଛି । ମହିଳା ମାନଙ୍କ ସୁରକ୍ଷା, ବେପରୁଆ ଗାଡି ଚାଳନା, ଅନ୍ୟ ଅପରାଧ ନିୟନ୍ତ୍ରଣ ଓ ଟ୍ରାଫିକକୁ ସୁବ୍ୟବସ୍ଥିତ କରିବା ପାଇଁ ମହାନଗର



ନିଗମ ପକ୍ଷରୁ ଏଭଳି ଅତ୍ୟାଧୁନିକ ଏବଂ ବୈଷୟିକ କୌଶଳ ଅନୁସରଣ କରାଯାଉଛି । ଏହି କ୍ୟାମେରା ଗୁଡିକ ୨୦୦ମିଟର ଭିଡିଓ ଉତ୍ତୋଳନ କରିପାରିବ । ଏହା ମୋଟୋରାଇଜ୍ ଅଟେ । ଏହି ସିସିଟିଭି ଓ ଏଏନ୍‌ପିଆର କ୍ୟାମେରା ଗୁଡିକ ବିଶେଷ ଭାବେ ଅଇଁଠାପାଲି ଛକ, ତଳି ଛକ, ଦାନୀପାଲି ଛକ, ଗୋପାଲମାଳ ଛକ, ପାଞ୍ଚଗଛିଆ ଛକ, ବରେଇପାଲି ଛକ, ରେମେଡ ଛକ, ଭୁତାପଡା ଛକ, ଜେଲ ଛକ, ଧନୁପାଲି ଛକ, ସମଲେଶ୍ୱରୀ ମନ୍ଦିର ଛକ, ମନ୍ଦଲିଆ କଲେଜ ଛକ, ନେଲସନ୍ ମଣ୍ଡେଲା ଛକ, ଭାଲୁପାଲି ଛକ, ସିଟି ଷ୍ଟେସନ, ଗୁଣ୍ଡେରପୁର ଛକ, ଦୁର୍ଗାପାଲି ଛକ, ସିନ୍ଦୁରପଙ୍କ ଛକ, ମାନେଶ୍ୱର ଛକ, ଲକ୍ଷ୍ମୀ ଟକିଜ୍ ଛକ, ମୁଦିପଡା ଛକ, ଚର୍ଚ୍ଚ ଛକ ଓ ହନୁମାନ ମନ୍ଦିର ଛକରେ ଏସବୁ ଉନ୍ନତ ମାନର ସିସିଟିଭି ଲଗାଯିବ । ଏହାଦ୍ୱାରା ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ ଲଗାଯାଇ ପାରିବ । ସେହିପରି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ମହାନଗର ନିଗମ ଅନ୍ତର୍ଗତ ୧୯ଟି ସ୍ଥାନରେ ଚେକ୍ ପୋଷ୍ଟ ସହ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି ।

## ବଣ୍ଡା ଘାଟିର ପ୍ରଥମ ଓଏଏସ୍ ବିନି ମୁଦୁଲି

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲାର ବଣ୍ଡା ଘାଟିର ଝିଅ ହେଉଛନ୍ତି ବିନି ମୁଦୁଲି। ତାଙ୍କ ବାପା ରାମ ମୁଦୁଲି ମୁଦୁଲିପଡ଼ା ହାଇସ୍କୁଲରେ ରୋଷେୟା ଭାବେ କାମ କରୁଛନ୍ତି। ଆଉ ତାଙ୍କ ମାଆ ସୁନାମଣୀ କିରସାନୀ ଅଙ୍ଗନବାଡ଼ି କର୍ମୀ ଭାବେ କାମ କରୁଛନ୍ତି। ବିନିଙ୍କ ପ୍ରାଥମିକ ଶିକ୍ଷା ମୁଦୁଲିପଡ଼ା ପ୍ରାଥମିକ ସ୍କୁଲରେ ହୋଇଥିଲା।



୨୦୨୨ର ଓଏଏସ ପରୀକ୍ଷାରେ କମାଲ୍ କଲେ ବଣ୍ଡାଘାଟି ଝିଅ ବିନି ମୁଦୁଲି। ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ପ୍ରଥମ ଥର ପାଇଁ କୃତକାର୍ଯ୍ୟ ହୋଇ ଅଞ୍ଚଳରେ ଇତିହାସ ରଚିଛନ୍ତି। ସେ ୫୯୬ ନମ୍ବର ରାଙ୍କ ରଖିଛନ୍ତି। ରେଜଲ୍ଟ ପ୍ରକାଶ ପାଇବା ପରେ ବିନି ଖୁସି ପ୍ରକାଶ କରିଛନ୍ତି। ଆଉ ଏହି ସଫଳତାର ଶ୍ରେୟ ବାପା-ମାଆ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଙ୍ଗସାଥୀଙ୍କୁ ଦେଇଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ନବୋଦୟ ପ୍ରବେଶିକା ପରୀକ୍ଷାରେ ପାସ କରିଥିଲେ। ସେ ମାଲକାନଗିରି ଜବାହର ନବୋଦୟ ବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ସେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢ଼ିଥିଲେ। ତା'ପରେ ବିନି ଜୟପୁର ବିକ୍ରମଦେବ ମହାବିଦ୍ୟାଳୟରେ ନାଁ ଲେଖାଇଥିଲେ। ସେଠାରେ ସେ ବିଏ ପାସ୍ କରିଥିଲେ। ଗ୍ରାଜୁଏସନ ପାସ୍ କଲା ପରେ ବିନି ଘରକୁ ପଳାଇ ଆସିଥିଲେ। ୟୁଟ୍ୟୁବରୁ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଆଉ ଅନଲାଇନ୍ ରେ କିଛି ବହି ମଗାଇ ପଢ଼ିଥିଲେ। ଏହାଛଡ଼ା ଏକ ଇନ୍‌ଷ୍ଟିଚ୍ୟୁଟ୍ର ଗାଇଡାନ୍ସରେ ପାଠ ପଢ଼ିଥିଲେ। ତେଣୁ ଆଜି ସେ ସଫଳ ହୋଇଛନ୍ତି। ଆଗାମୀ ଦିନରେ ନିଜ ସମ୍ପ୍ରଦାୟ ତଥା ବଣ୍ଡା ଜନଜାତି ଓ ଦୁର୍ଗମ ଅଞ୍ଚଳର ଶିକ୍ଷାର ବିକାଶ ପାଇଁ କାମ କରିବେ ବୋଲି ବିନି କହିଛନ୍ତି।

# ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ କାର୍ଯ୍ୟ କରିବି : ସତ୍ୟପ୍ରକାଶ

ବାସୁଦେବପୁର, (ସବ୍ୟୁ) : ପ୍ରକାଶ ପାଇଛି ୨୦୨୨ ଓଡିଶା ସିଭିଲ ସର୍ଭିସ ପରୀକ୍ଷାର ଫଳ । ସବୁଠି ଖୁସିର ମାହୋଲ । କୃତି ପରୀକ୍ଷାର୍ଥୀଙ୍କ ଘରେ ବନ୍ଧୁ ବାନ୍ଧବଙ୍କର ଶୁଭେଚ୍ଛାର ସୁଅ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ଚୂଡାମଣୀ ପଞ୍ଚାୟତର ପାଢୀ ସାହିର ଅଟଳ ବିହାରୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡଃ. ବସନ୍ତ କୁମାର ପାଢୀ ଓ ଅବସର ପ୍ରଧାନ ଶିକ୍ଷୟତ୍ରୀ ବିନ୍ଦୁବାସିନୀ ପାଢୀଙ୍କ ସାନ ପୁଅ ସତ୍ୟପ୍ରକାଶ ପାଢୀ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ



ସେବା ପରୀକ୍ଷାରେ ୧୬୨ ରାଙ୍କିଂରେ ସଫଳତା ପାଇ ବାସୁଦେବପୁର ପାଇଁ ଗୌରବ ଆଣି ଦେଇଛନ୍ତି । ସତ୍ୟପ୍ରକାଶ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚୂଡାମଣୀ ଗାଁ ସ୍କୁଲରୁ ଆରମ୍ଭ କରି ଶେଷ କରିଥିଲେ । ଯୁକ୍ତ ଦୁଇ ସୋର କଲେଜରେ ପଢି ଭଦ୍ରକ ବରପଦା ଇଞ୍ଜିନିୟରିଙ୍ଗ କଲେଜରେ ଶିକ୍ଷା ଲାଭ କରିଥିଲେ । ଇଞ୍ଜିନିଅରିଙ୍ଗ କ୍ୟାରିୟର ଆରମ୍ଭ କରିବାକୁ ଚିନ୍ତା କରିଥିବା ସତ୍ୟପ୍ରକାଶ ଶେଷରେ ଲୋକମାନଙ୍କ ସେବା କରିବାକୁ ପ୍ରଶାସନିକ ସେବାରେ ପାଦ ଥାପିଛନ୍ତି । ଆମା ଓ ବାପାଙ୍କର ପ୍ରେରଣା ଓ ଧର୍ମ ପତ୍ନୀଙ୍କର ସହଯୋଗ ସତ୍ୟପ୍ରକାଶଙ୍କ ଜୀବନର ସଫଳତାର ପାହାଚରେ ପାଦ ଥାପିଲେ । ଦୃଢ ମନୋବଳ ଓ ଆତ୍ମବିଶ୍ୱାସ ଯୋଗୁଁ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାର ସଫଳତା ପାଇଲେ । ସମାଜର ଗରିବ ଲୋକମାନଙ୍କର ସର୍ବନିମ୍ନ ଆବଶ୍ୟକତାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି ସତ୍ୟପ୍ରକାଶ ପାଢୀ ।

# ଖରିଫ୍ ୨୦୨୪-୨୫ ଧାନ ପ୍ରକ୍ରିୟାକରଣ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, (ସବ୍ୟୁ) : ୨୦୨୪-୨୫ ବର୍ଷର ଖରିଫ ଋତୁରେ ଅମଳ ଧାନ କ୍ରୟ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଧାନ କ୍ରୟ ନେଇ ନୂତନ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ମଣ୍ଡି ଜରିଆରେ କେବଳ ଉତ୍ତମ ଗୁଣବତ୍ତା (ଏଫ୍.ଏ.କ୍ୟୁ) ମାନର ଧାନ ଚାଷୀମାନଙ୍କ ଠାରୁ କ୍ରୟ କରାଯିବ। ସଂପୂର୍ଣ୍ଣ ପରିଷ୍କାର ଏବଂ ଶୁଖିଲା ଧାନକୁ ଏଫ୍.ଏ.କ୍ୟୁ. ମାନର ଧାନ ବିବେଚିତ କରାଯାଇଥାଏ। ଏଥିପାଇଁ ମାଟି, ବାଲି, ଗୋଡ଼ି, ଧୂଳି, ଅଗାଡ଼ି ନଥିବା ସଂପୂର୍ଣ୍ଣ ପରିଷ୍କାର ଏବଂ ଜଳୀୟଅଂଶ ବିନା ସଂପୂର୍ଣ୍ଣ ସୁଖିଲା ଧାନ ଧାନମଣ୍ଡିକୁ ବିକ୍ରୟ ପାଇଁ ଆଣିବାକୁ ଚାଷୀମାନଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଛି। ଏଥିରେ କଟନୀ ଛଟନୀ ରହିବ ନାହିଁ। ସମସ୍ତ ଧାନ କେବଳ ଅଖା ବ୍ୟାଗ୍‌ରେ ହିଁ କିଣାଯିବ। ମିଲରମାନେ ହିଁ ଧାନ ମଣ୍ଡିକୁ ଅଖା ବ୍ୟାଗ୍ ଯୋଗାଇବେ। ସୂଚନା ଯୋଗ୍ୟକି ଧାନ ବିକ୍ରୟ ପାଇଁ ଜିଲ୍ଲାରେ ସମୁଦାୟ ୮୦,୫୩୩ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। ଏ.ଆର.ସି.ଏସ୍.ଙ୍କ ଦ୍ୱାରା ଚାଷୀମାନଙ୍କ ନାମ ପଞ୍ଜିକରଣ, ଜମି ତଦନ୍ତ, ବୈଧତା ପରୀକ୍ଷଣ, ଅପ୍‌ଡେସନ ଆଦି କାର୍ଯ୍ୟକ୍ରମ ସମାପ୍ତି ହୋଇଥିବା ବୈଠକରେ ପ୍ରକାଶ କରାଯାଇଥିଲା। ସନ୍ଦେହ ଯୁକ୍ତ ପ୍ଲଟ୍ ଗୁଡ଼ିକର ସାଟେଲାଇଟ ପରୀକ୍ଷଣ ସରକାରଙ୍କ ଦ୍ୱାରା ନଭେମ୍ବରରେ କରାଯିବ। ଏଥିପାଇଁ ସୁପରଭାଇଜର ଓ ସର୍ଭେ ପାଇଁ ଅଧିକାରୀ ମାନଙ୍କ ଚୟନ ବିଷୟରେ ମଧ ଆଲୋଚନା କରାଯାଇଥିଲା। ଗତ ଖରିଫ୍‌ରେ ୧୦୨ ପାକସ୍ ଓ ୫୭ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ସମୁଦାୟ ୧୫୯ ଟି ଧାନ କିଣା କେନ୍ଦ୍ର ଜରିଆରେ ଧାନ କିଣାଯାଇଥିଲା। ଏ ବର୍ଷ ପାଇଁ ଅକ୍ଟୋବର ୨୧ ସୁଦ୍ଧା ଯୋଗ୍ୟ ପାକସ୍ ମାନଙ୍କ ପାଇଁ ଏ.ଆର.ସି.ଏସ୍. ଓ ମହିଳା ଗୋଷ୍ଠୀ ପାଇଁ ଡି.ଏସ୍.ଡବ୍ଲୁ.ଓ. ନାମ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସେହିପରି ଧାନ କିଣିବା ପାଇଁ ଭଦ୍ରକ ଜିଲ୍ଲାର ପୂର୍ବ ବର୍ଷର ୨୦ ମିଲରଙ୍କ ସହ ଏବର୍ଷ ପାଇଁ ୨ ନୂଆ ମିଲର ସମୁଦାୟ ୨୨ ମିଲର ନିଜ ନିଜର ସମ୍ମତି ଜଣାଇଛନ୍ତି। ପ୍ରକାଶ ଥାଉ କି ଗତବର୍ଷ ଜିଲ୍ଲା ବାହାରୁ ୨୫ ଜଣ ମିଲର ଏହି ଧାନ କିଣାରେ ଅଂଶ ଗ୍ରହଣ କରିଥିଲେ। ୨୦୨୩-୨୪ ଖରିଫରେ ବାକିଥିବା ୭୩ ହଜାର ୨୫ କ୍ୱିଣ୍ଟାଲ ୯୦ କି.ଗ୍ରା. ଚାଉଳ ଅକ୍ଟୋବର ୩୧ ସୁଦ୍ଧା ଯୋଗାଇ ଦେବାକୁ ସଂପୃକ୍ତ ମିଲର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଧାନ ମଣ୍ଡିର ଭିତ୍ତିଭୂମି ଓ ସ୍ଥିତାବସ୍ଥା, ମଣ୍ଡିରେ ଧାନର ମାନ ପରୀକ୍ଷଣ ପାଇଁ ଆନୁସଙ୍ଗିକ ଉପକରଣ ସମ୍ବନ୍ଧରେ ମଧ ବୈଠକରେ ସମୀକ୍ଷା କରାଯାଇଥିଲା। ଧାନ କିଣା କାର୍ଯ୍ୟରେ ସାମିଲ ହେବାକୁ ଥିବା ସମସ୍ତ ସଂପୃକ୍ତ କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ, ପ୍ରତି ଧାନମଣ୍ଡିରେ ଧାନକିଣା ସମୟ ପାଇଁ ସୁପରଭାଇଜର ଓ ନୋଡ଼ାଲ ଅଧିକାରୀ ନିଯୁକ୍ତି, ପ୍ରତିମଣ୍ଡି ପାଇଁ ସମିତି ସ୍ତରୀୟ କମିଟି ଗଠନ ନେଇ ବି.ଡ଼ି.ଓ. ମାନଙ୍କ ଦ୍ୱାରା ବିଜ୍ଞପ୍ତି, କଟନୀ ଛଟନୀ ବନ୍ଦ ପାଇଁ ସମବାୟ ସମିତି ଦ୍ୱାରା ବଡ଼ ବଡ଼ ମଣ୍ଡିରେ ଡ୍ରାୟର ଓ କ୍ଲିନର ବ୍ୟବସ୍ଥା ଉପଲବ୍‌ଧ କରାଇବା, ସି.ଏସ୍.ଓ, ଏ.ଆର.ସି.ଏସ୍. ଓ ଡି.ଏସ୍. ଡବ୍ଲୁ.ଓ କାର୍ଯ୍ୟାଳୟରେ ଏଥିପାଇଁ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯିବା ଆଜି ବିଷୟରେ ମଧ ପୁଙ୍ଖାନୁପୁଙ୍ଖ ଆଲୋଚନା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ମଣ୍ଡିରେ ଧାନ ବିକ୍ରୟ ପାଇଁ ଉତ୍ତମ ଗୁଣବତ୍ତା ବା ଏଫ୍.ଏ.କ୍ୟୁ ମାନ ଧାନର ଆଧାର ବା ସର୍ତ୍ତାବଳୀ ସମ୍ବନ୍ଧରେ ସୂଚନା ଶିକ୍ଷା ସଂଚାର କାର୍ଯ୍ୟକ୍ରମ ଜରିଆରେ ସଚେତନତା ରଥ ପରିକ୍ରମା, ପ୍ରଚାର ପତ୍ର ବଣ୍ଟନ, ବୈଦ୍ୟୁତିକ ଗଣମାଧ୍ୟମ ଆଦିର ଉପଯୋଗ କରାଯାଇ ଚାଷୀ ମାନଙ୍କୁ ସଚେତନ କରାଯିବା ନେଇ ମଧ ପଦକ୍ଷେପ ଗ୍ରହଣ କରାଯିବ। ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଏ.ଆର.ସି.ଏସ୍. ପ୍ରତୀତା ଜେନା, ଆର୍.ଏମ୍.ସି. ସମ୍ପାଦକ ସଞ୍ଜୟ କୁମାର ଦାସ, ଡ଼ି.ଏସ୍.ଡବ୍ଲ୍ୟୁ.ଓ ପୁଷ୍ପଲତା ପାତ୍ର, ଏସି.ଏସ୍.ଓ ଶରତ ବେହେରା ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ଆଗରପଡ଼ାରେ ଅନନ୍ୟ ପର୍ବ କର୍‌ୱାଚୌଥ

ଆଗରପଡ଼ା, (ସବ୍ୟୁ) : ଆଗରପଡ଼ା ଅଞ୍ଚଳରେ ବସବାସ କରୁଥିବା କ୍ଷତ୍ରୀୟ ସଂପ୍ରଦାୟର ଏକ ଅନନ୍ୟ ପର୍ବ କର୍‌ୱାଚୌଥ ଅପୂର୍ବ ଭକ୍ତି ଭାବନମା ମଧ୍ୟରେ ବିବାହିତା ମହିଳାମାନେ ପାଳନ କରିଛନ୍ତି । ସ୍ୱାମୀଙ୍କ ଆୟୁଷ କାମନା କରିବା ଲକ୍ଷ୍ୟରେ ବିଶେଷ କରି ସଧବା ନାରୀମାନେ ଦିନ ତମାମ ନିର୍ଜ୍ଜଳା ବ୍ରତ ଧାରଣ କରି ମନ,ବଚନ ଓ କର୍ମରେ ସାରା ଜୀବନ ସ୍ୱାମୀ ର ସୁଖଦୁଃଖରେ ସାଥୀ ହୋଇ ବଚନ ଗ୍ରହଣ କରିଥିଲେ । ଶିବପାର୍ବତୀଙ୍କୁ ଯଥାରୀତି ପୂଜାର୍ଚ୍ଚନା କରି ଚନ୍ଦ୍ର ଦର୍ଶନ ଓ ସ୍ୱାମୀଙ୍କ ମୁହଁ ଦର୍ଶନ କରି ଏହି ବ୍ରତ ଭାଙ୍ଗିଥିଲେ । ଏହି ପର୍ବ ଉତ୍ତର ଓ ଉତ୍ତରପୂର୍ବ ଭାରତ ଅଞ୍ଚଳରେ କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଇଥାଏ । ତେଣୁ ଏଠାରେ ମଧ ସେଠାକାର ବିଧିଅନୁସାରେ ସମସ୍ତ କାର୍ଯ୍ୟ ସଂପାଦନ ହୋଇଥାଏ । ଉତ୍କଳକେଶରୀ ଡ଼ଃହରେକୃଷ୍ଣ ମହତାବଙ୍କ ସହଧର୍ମିଣୀ ତଥା ପ୍ରଖ୍ୟାତ ସ୍ୱାଧିନତା ସଂଗ୍ରାମୀ ସୁଭଦ୍ରା ମହତାବ ପ୍ରଥମେ ଆଗରପଡ଼ା ବିଟିପୁର ଅଞ୍ଚଳରେ ଏହି ପର୍ବର ଶୁଭାରମ୍ଭ କରିଥିଲେ । ଯାହାକି ଆଜିଯାଏ ଏହା ଉଜ୍ଜୀବିତ ହୋଇ ରହିଛି । ଏହି ପର୍ବରେ ମଠୁରୀ ଭୋଗ ଲାଗିଥାଏ । ଚାଉଳ ଅଟା, ମଇଦା, କଳାଜିରା ସମ୍ମିଶ୍ରଣରେ ଏହି ଭୋଗ ପ୍ରସ୍ତୁତି ହୋଇଥାଏ । ମହିଳାମାନେ ସଂଘବଦ୍ଧ ଭାବେ ପୂଜା କରିଥାନ୍ତି । ରଙ୍ଗବେରଙ୍ଗ ମାଟି କିମ୍ବା ଧାତୁ ଢାଳ ଉପରେ ମଠୁରୀ କୁ ପୁଞ୍ଜା କରି ପ୍ରତ୍ୟେକ ମହିଳା ଅନ୍ୟ ମହିଳାଙ୍କ ପୁଞ୍ଜାକୁ ଅଦଳବଦଳ କରିଥାନ୍ତି । ନୂତନ ବସ୍ତ୍ର ପରିଧାନ,ଗୋଡ଼ ରେ ଅଳତା ଲଗାଇ ମହିଳାମାନେ ପୂଜାର୍ଚ୍ଚନା କରୁଥିବା ସମୟରେ ଏକ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି ହୋଇଥାଏ । ବ୍ରତ ଭାଙ୍ଗିବା ପରେ ମହିଳାମାନେ ଉଲ ସହ ଆମିଷ ଖାଇବାର ସ୍ୱତନ୍ତ୍ର ବିଧି ରହିଛି । ପ୍ରତ୍ୟେକଙ୍କ ଘରକୁ ପ୍ରତ୍ୟେକ ଶ୍ରଦ୍ଧାରେ ମଠୁରୀ ଦେଇ ସୁସଂପର୍କ ସ୍ଥାପନ କରିବାର ପ୍ରୟାସ କରିଥାନ୍ତି । ଏହି ପର୍ବ ଓଡ଼ିଶାରେ ବିଭିନ୍ନ ଅଂଚଳରେ ଥିବା କ୍ଷତ୍ରୀୟ ଜାତିର ମହିଳାମାନେ ଓ ଦେଶ ବିଦେଶରେ ଚାକିରୀ କରିଥିବା ମହିଳାମାନେ ଯଥାରୀତିରେ ପାଳନ କରିଥାନ୍ତି।

# ଆଖଣ୍ଡଳମଣି ପୂଜକଙ୍କ ଝିଅ ପାଇଲେ ଓଏଏସ୍

ଆରଡି, (ସବ୍ୟୁ) : ଆରଡିପୀଠର ବାବା ଆଖଣ୍ଡଳମଣିଙ୍କ ପୂଜକ ତଥା ବେଲପାହଡସ୍ଥିତ ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ନିରଞ୍ଜନ ପତିଙ୍କ ଝିଅ ଶ୍ରଦ୍ଧାଞ୍ଜଳୀ ପତି ଓଏଏସରେ ୨୭୮ସ୍ଥାନରେ ରହି ପାସ କରି ଥିବାରୁ ବାପା ନିରଞ୍ଜନ ଓ ମା ଗୀତାରାଣୀ ପତି ଝିଅର ଶିକ୍ଷକଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଆରଡିପୀଠର



ଆରାଧ୍ୟ ଦେବ ବାବା ଆଖଣ୍ଡଳମଣି ଓ ଜଗତରନାଥ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଝିଅ ପାଇଁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟ ପଟେ ଶ୍ରଦ୍ଧାଞ୍ଜଳୀଙ୍କ କହିବି ଅନୁଯାୟୀ ଓଏସ ପାଇଁ ପ୍ରଥମ ପରୀକ୍ଷାରେ ଉର୍ତିନ୍ନ ହୋଇନଥିଲେ। ପୁର୍ନବାର ଓଏସ ନିମନ୍ତେ ପଢା ଜାରି ରଖିବା ସହ ୨ୟ ଥର ପାଇଁ ପରୀକ୍ଷା ଦେଇଥିଲେ। ଯାହା ଆଜି ତାଙ୍କୁ ସଫଳତା ମିଳିଥିବା କହିଛନ୍ତି ଶ୍ରଦ୍ଧାଞ୍ଜଳି।

# ପାରିବାରିକ କଳହର କରୁଣ ପରିସ୍ଥିତି, ନିଆଁରେ ପୋଡିହୋଇ ଦମ୍ପତି ଗୁରୁତର

ସୋର, (ସବ୍ୟୁ) : ସୋର ବ୍ଲକ ଜଡିଦା ପଞ୍ଚାୟତ ଆଡ଼ିଆ ଗ୍ରାମରେ ପାରିବାରିକ କଳହରୁ ନିଆଁରେ ପୋଡିହୋଇ ଦମ୍ପତ୍ତି ଗୁରୁତ୍ତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ଆଜି ସକାଳେ ଏହି ଗ୍ରାମର ଶଶିକାନ୍ତ ମହାରଣା ଓ ତାଙ୍କ ସ୍ତ୍ରୀ ଭାନୁମତି ମହାରଣାଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହୋଇଥିଲା । ଏଥିରେ ଭାରସାମ୍ୟ ହରାଇ ଭାନୁମତି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏହା ଦେଖି ତାଙ୍କ ସ୍ୱାମୀ ଶଶୀକାନ୍ତ ତାଙ୍କୁ ବଞ୍ଚାଇବାକୁ ଯାଇ ନିଆଁରେ ପୋଡି ଯାଇଥିଲେ । ଫଳରେ ଦୁଇଜଣ ପୋଡିହୋଇ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନା ଆଣିଥିଲେ । ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତ୍ତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ଉଭୟଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ପରିବାର ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଛନ୍ତି ।

# ବାଇକ୍ ଚୋରି ଅଭିଯୋଗରେ ଜଣେ କୋର୍ଟଚାଲାଣ

ସୋର (ସବ୍ୟୁ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିନ୍ଦୁ ପେଟ୍ରୋଲ ପମ୍ପ ନିକଟରେ ଥିବା ଲକ୍ଷ୍ମୀ ହୋଟେଲ ସମ୍ମୁଖରୁ ଏକ ବାଇକ ଚୋରି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଚାରୋଟି ବାଇକକୁ ଜବତ କରିଛି । ଗତ ଶୁକ୍ରବାର ଦିନ କୁଢ଼େଇ ଗ୍ରାମର ସଞ୍ଜୀବ ସାହୁ ତାଙ୍କ ଓଡି ୦୧ ଏ ୨୪୨୨ ନମ୍ବର ବିଶିଷ୍ଟ ସ୍ପ୍ଲେଣ୍ଡର ବାଇକଟିକୁ ଲକ୍ଷ୍ମୀ ହୋଟେଲ ସମ୍ମୁଖରେ ରଖି ହୋଟେଲକୁ ଖାଇବାକୁ ଯାଇଥିଲେ । ସେଠାରୁ ଫେରି ରଖିଥିବା ସ୍ଥାନରେ ବାଇକଟିକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇ ସୋର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ପୁଲିସ ୮୭୦/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ସେହିଦିନ ରାତିରେ ଚିଲ୍ଲୀ ସ୍ୱାଇସ ହୋଟେଲ ନିକଟରେ ଖନ୍ତାପଡ଼ା ଥାନା ଭୋକିଆ ଗ୍ରାମର ବିଶ୍ୱଜିତ ଦାସ (୨୪) ଏକ କାର ଚାବି ଭାଙ୍ଗି ଚୋରି ଉଦ୍ୟମ କରିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୁଲିସ ଜିମା ଦେଇଥିଲେ । ତେବେ ପୁଲିସ ତାକୁ ପଚରା ଉଚରା କରିବା ପରେ ସେ ବାଇକ ଚୋରିରେ ସମ୍ପୃକ୍ତ ଥିବା ମାନିଥିଲା । ପୁଲିସ ତା ନିକଟରୁ ଚାରି ଗୋଟି ବାଇକ ଜବତ କରିଥିବା ବେଳେ ତାକୁ ଗିରଫ କରିଥିଲେ । ଆଜି ସନ୍ଧ୍ୟାରେ ସୋର ମେଡ଼ିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି ।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଛାନିଆ

ଆଗରପଡ଼ା, (ସବ୍ୟୁ) : ୧୯୯୯ ମସିହା ମହାବାତ୍ୟା, ହୁଡ଼ହୁଡ଼,ତିତିଲି,ଫାଇଲିନ ଆଦି ବାତ୍ୟାର କରାଳ ରୂପକୁ ମନେପକାଇ ଆସୁଥିବା ସମ୍ଭାବ୍ୟ ବାତ୍ୟା ଦାନାକୁ ନେଇ ଲୋକେ ଛାନିଆ ହେଲେଣି। ଆଗରପଡ଼ା ତଥା ଏହାର ଆଖପାଖ ଅଂଚଳବାସୀ ଚାଷ ଉପରେ ନିର୍ଭର କରିଥାନ୍ତି। ବର୍ଷା ଓ ପବନର ବେଗ ଯଦି ଅଧିକ ହୁଏ ତେବେ ଧାନଚାଷ ସହ ଅନ୍ୟାନ୍ୟ ପନିପରିବା ଚାଷ ନିଶ୍ଚିତ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି। ଅଧିକାଂଶ ଲୋକଙ୍କ କଚ୍ଚାଘର ଥିବାରୁ ଏହା ଭାଙ୍ଗିରୁଜି ଯିବାର ସମ୍ଭାବନା ରହିଛି। ଅନେକ ଗାଁଗଣ୍ଡାରେ ଡ୍ରେନେଜ ସୁବ୍ୟବସ୍ଥା ନଥିବାରୁ ଯଦି ଅତ୍ୟଧିକ ବର୍ଷା ହୁଏ ଏହା ବିପଦର କାରଣ ହେବ। ସାଳନ୍ଦୀ ନଦୀରେ ମାଫିଆମାନେ ନିୟମିତ ବେଆଇନ ଭାବେ ବାଲି ଖନନ କରୁଥିବାରୁ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗାଁ ମୁହାଁ ହୋଇଛି। ଯଦି ଅତ୍ୟଧିକ ବର୍ଷା ହୁଏ ନଦୀ ଫୁଲି ଗାଁ ମଧ୍ୟକୁ ପାଣି ପଶି କ୍ଷୟକ୍ଷତି ଘଟାଇବ। ପୂର୍ବ ବାତ୍ୟାଗୁଡ଼ିକ ସମୟରେ ଏହିପରି ଅଘଟଣ ମାନ ଘଟିଥିବାରୁ ସମ୍ଭାବ୍ୟ ବାତ୍ୟା ଦାନାକୁ ନେଇ ଲୋକେ ଛାନିଆ ହୋଇ ପଡ଼ିଛନ୍ତି।

# ଯାତ୍ରା କଳାକାର କୈଳାସ ପତିଙ୍କ ବିୟୋଗ

ଆଗରପଡ଼ା, (ସବ୍ୟୁ) : ଆଗରପଡ଼ା ନିକଟସ୍ଥ ବରଦା ଗ୍ରାମବାସୀ ତଥା ପାରମ୍ପାରିକ ବର୍ଷିୟାନ ଯାତ୍ରା କଳାକାର କୈଳାସ ପତିଙ୍କର ୬୨ବର୍ଷ ବୟସରେ ବିୟୋଗ ଘଟିଛି। ସେ କିଛିଦିନ ହେବ କିଡନୀ ଓ ଲିଭରଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ବାଲ୍ୟକାଳରୁ ସେ ୪୦ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ପାରମ୍ପାରିକ ତଥା ପୌରାଣିକ ଯାତ୍ରାପାର୍ଟିରେ ରାଜକୁମାର,ରାଜା ଆଦି ଭୂମିକାରେ ନିଖୁଣ ଅଭିନୟ କରି ଲୋକପ୍ରିୟ ହୋଇପାରିଥିଲେ। ବୟସ ବଢ଼ିବା ପରେ ଯାତ୍ରା ଦୁନିଆ ଛାଡ଼ି ପରିବାର ପ୍ରତିପୋଷଣ ପାଇଁ ବରଦା ବଜାରରେ ଏକ ମିଠା ଦୋକାନ ଦେଇ,ନିଜେ ମିଠା କାରିଗର ଭାବେ ବେଶ୍ ଆଦୃତ ହୋଇ ପାରିଥିଲେ। ସେ ଜଣେ ମେଳାପୀ,ପରୋପକାରୀ,ମିଷ୍ଟଭାଷୀ ଧରଣର ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ସରପଂଚ, ସମିତି ସଭ୍ୟ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ପାର୍ଥିବ ଶରୀରକୁ ଶେଷଦର୍ଶନ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଲକ୍ଷ୍ମୀ,ପୁତ୍ର ଅଭିମନ୍ୟୁ,ଦୟାନିଧି,ମାନସ,ଅଜିତ,ଝିଅ ପ୍ରମିଳା,ଜ୍ୱାଇଁ ପ୍ରମୋଦ,ଶାଳକ ଭରତ,ଗୋପିନାଥ,ଭଗବାନଙ୍କ ସମେତ ତିନି ବୋହୂ,ନାତି ନାତୁଣୀ,ଭଉଣୀ ଓ ଅନ୍ୟାନ୍ୟ ଜ୍ଞାତି,କୁଟୁମ୍ବମାନେ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅଭିମନ୍ୟୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ବାଇକ୍ ସହ ପୋଲ ତଳକୁ ଖସି ପଡି ମାଛ ବ୍ୟବସାୟୀ ମୃତ

ସୋର, (ସବ୍ୟୁ) : ସୋର ଥାନା କେଦାରପୁର ପଞ୍ଚାୟତ ଘାସୁଆ ନିକଟରେ ବାଇକ ସହ ପୋଲ ତଳକୁ ଖସିପଡି ଜଣେ ମାଛ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଯାଇଛ । ବାଳଙ୍ଗ ଗ୍ରାମର ରତ୍ନାକର ମଳିକ(୫୫) ସ୍ଥାନୀୟ କ୍ଷୀରକୋଣା ବଜାରକୁ ମାଛ ବିକିବାକୁ ଯାଇଥିଲେ । ମଧ୍ୟାହ୍ନରେ ସେଠାରୁ ମାଛ ବିକ୍ରୀକରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଏହି ସ୍ଥାନରେ ଭାରସାମ୍ୟ ହରାଇ ବାଇକ ସହ ପୋଲ ତଳକୁ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ପାଣିରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛ ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ବସୁଦେବପୁର, (ସବ୍ୟୁ) : ବାସୁଦେବପୁର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ଗୁଆଗଡିଆ ପଂଚାୟତର ରାସବିହାରୀ ହାଇସ୍କୁଲ ପରିସର ମଧ୍ୟରେ ଉଦଯାପିତ ହୋଇ ଯାଇଅଛି। ଆୟୋଜିତ ଉତ୍ସବର ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ,ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ଡିଆଇଟିର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ପାତ୍ର, ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ,ଗୁଆଗଡିଆ ପଂଚାୟତର ସରପଂଚ ଉମାକାନ୍ତ ମଳିକ,ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଦଳେଇ,ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବେହେରା, ଡିଆଇଇଟିର ଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ ଯୋଗଦେଇ ଉଦବୋଧନ ଦେଇଥିଲେ। ସୁରଭି-୨୦୨୪ରେ ଓଡିଶାର ଲୋକ କଳାକୁ ନେଇ କୁନି ଶିଶୁମାନଙ୍କ ମଧ୍ୟରେ ଥିବା ଲୋକାୟିତ ପ୍ରତିଭାର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ବ୍ଲକ ଶିକ୍ଷାଧିକାରୀ କହିଛନ୍ତି। ଏହି ସୁରଭି କାର୍ଯ୍ୟକ୍ରମରେ ରଚନା,ହସ୍ତାକ୍ଷର, ବିତର୍କ, ଚିତ୍ରାଙ୍କନ, ବକ୍ତୃତା, ଶିଳ୍ପକଳା ଓ ଦଳଗତ ଲୋକ ନୃତ୍ୟ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର ବ୍ଲକର ୫୯୯ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାର ଅଂଶ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର ଅଂଶ ଗ୍ରହଣ କରିବେ।

# ରାଇବଣିଆ ଦୁର୍ଗ ନିର୍ମାଣ କାର୍ଯ୍ୟ ତଦାରଖ କଲେ ଆଞ୍ଚଳିକ ଉନ୍ନୟନ ସଂଗଠନ

ଜଳେଶ୍ୱର, (ସବ୍ୟୁ) : ଗତ ୧୦ମାସ ଧରି ରାଇବଣିଆ ଠାରେ ଦୁର୍ଗ ପୁନଃରୁଦ୍ଧାର ଓ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣକାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟରେ କେତେକ ଅନିୟମିତତାର ଅଭିଯୋଗ ହୋଇଛି । ଏ ସଂପର୍କରେ ରାଇବଣିଆଠାରେ ଥିବା ଗଡ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଂଗଠନ ଆଜି ଏ ସଂପର୍କରେ ଅଣ୍ଟା ଭିଡିଛି । ଦୀର୍ଘବର୍ଷରୁ ରାଇବଣିଆ ଗଡର ସୁରକ୍ଷା, ପୁନଃରୁଦ୍ଧାର ଓ ଖନନ ଲାଗି ଦାବି ଉପସ୍ଥାପନ କରି ଆସୁଥିବା ଏହି ସଂଗଠନ ଶନିବାର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ରାଇବଣିଆର ନାରାୟଣ ଦାସଙ୍କ ଘରେ କମିଟିର ଜରୁରୀ ବୈଠକ ସଭାପତି ପ୍ରଫୁଲ୍ଲ ସୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଆଲୋଚନା ଅନୁଯାୟୀ ସଦସ୍ୟମାନେ ଘଟଣାସ୍ଥଳ ପରିଦର୍ଶନ କରି ନିମ୍ନମାନର ସିମେଣ୍ଟ ବ୍ୟବହାର ଓ ବାଲି ବଦଳରେ ମାଟିମିଶା ବାଲି ବ୍ୟବହାର ହେଉଥିବାର ଅଭିଯୋଗ ଆଣିଛନ୍ତି । ଏ ସଂପର୍କରେ ସେମାନେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ପାତ୍ର, ଜିଲାପାଳ, ପର୍ଯ୍ୟଟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜରୁରୀ ବାର୍ତ୍ତାରେ ଅବଗତ କରାଇଛନ୍ତି । ସରକାରୀ କର୍ମଚାରୀ ଉପସ୍ଥିତ ନ ଥାଇ ଉନ୍ନୟନକାର୍ଯ୍ୟ ଚାଲିବା କେତେଦୂର ସମିଚିନ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ନାରାୟଣ ପ୍ରସାଦ ଦାସ, ଆଦିକନ୍ଦ ପ୍ରଧାନ, ଦିଗମ୍ବର ଦାସ, ଆଶିଷ ଘୋଷ, ଚିନ୍ମୟ ଘୋଷ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଏଏସ୍ ହେଲେ ସୋରର ଦୀପ୍ତିରଞ୍ଜନ ଓ ଆଲୋକ

ସୋର, (ସବ୍ୟୁ) : ସୋର ପୌରାଞ୍ଚଳ ଅନ୍ତର୍ଗତ ବଡ଼ଖୁରୀ ଗ୍ରାମର ଦୀପ୍ତି ରଂଜନ ମିଶ୍ର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୪୬ ନମ୍ବର ର୍ୟାଙ୍କ ରଖି ସୋର ପାଇଁ ଗୌରବ ଆଣିଛନ୍ତି । ସୋର ବ୍ଲକ କୁଢ଼େଇ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ମିଶ୍ର ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀଙ୍କ ପୁତ୍ର ଦୀପ୍ତି ରଂଜନ ୨୦୨୨ ମସିହା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାପା ମା'ଙ୍କ ସ୍ୱପ୍ନ ସାକାର କରିଥିବା କହିଛନ୍ତି । ସେ ବଡ଼ଖୁରୀ ପିଏନ୍ ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ କରି ଏଫ ଏମ୍ ୨ ବିଜ୍ଞାନ ଏବଂ ୟୁନ୍ କଲେଜ ସୋରରୁ ୩ ପାସ କରି ଏମ୍‌ଏସି କରିବା ସହିତ ରାଜନୀତି ବିଜ୍ଞାନ ଏବଂ ପବ୍ଲିକ ଏଡମିସନରେ ପି.ଜି କରିଥିଲେ । ଦିଲ୍ଲୀରେ ଆଇଏଏସ କୋଚିଂ ନେବା ସହିତ ୮ରୁ ୧୦ ଘଣ୍ଟା ପି ଓଏଏସ୍ ପାଇଁ ଉଦ୍ୟମ କରି ୩ୟ ଥରରେ ଏହି ସଫଳତା ଲାଭ କରିଥିଲେ । ଆଗାମୀ ଦିନରେ ଆଇଏଏସ୍ ପାଇଁ ଚେଷ୍ଟା କରିବେ । ନିଷ୍ଠା ଏବଂ ଉଦ୍ୟମ ଜାରି ରହିଲେ ସଫଳତା ନିଶ୍ଚୟ ମିଳି ପାରିବ ବୋଲି କହିଥିଲେ ।

ସେହିପରି ସୋର ବ୍ଲକ ବାଲିପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ରତ୍ନମଣି ଦାସଙ୍କ ପୁଅ ଅନିଲ କୁମାର ଦାସ ଚତୁର୍ଥ ପ୍ରୟାସରେ ୫୨୦ ସ୍ଥାନରେ ରହି ସେ ଏହି ସଫଳତା ପାଇଛନ୍ତି । ଅନିଲ ବର୍ତମାନ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଇକ୍ରଳମଣି ନୋଡାଲ ବିଦ୍ୟାପୀଠରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କର ଏହି ସଫଳତାର ଶ୍ରେୟ ବାପା, ମାଆ, ବଡଭାଇ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଦେଇଥିବା ବେଳେ ଭବିଷ୍ୟତରେ ଆଇଏଏସ ହେବାକୁ ଲକ୍ଷ୍ୟ ରଖିଛନ୍ତି । ତେବେ ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବେ ବୋଲି ସୂଚନା ଦେଇଛନ୍ତି ।

# ହିମାସାରମନା ସାହିତ୍ୟ ପରିଷଦର ଶାରଦୀୟ ମିଳନ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ହିମାସାରମନା ସାହିତ୍ୟ ପରିଷଦର ଶାରଦୀୟ ବନ୍ଧୁ ମିଳନ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ନୂତନ ସାହିତ୍ୟ ଗୃହ ଉଦଘାଟିତ ହୋଇଥିଲା। ବୈଠକରେ ଯୋଗଦେଇଥିବା ସାହିତ୍ୟକ ବାମନ ଚରଣ ଜେନା, ଅଶୋକ କୁମାର ବେଉରିଆ, ମହେନ୍ଦ୍ର ମଲ୍ଲିକ, ଅର୍ଜ୍ଜୁନ ଚରଣ ପରିଡା, ସୁରେନ୍ଦ୍ର କୁମାର ମହାରଣା, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ସାମଲ, ମୀନକେତନ ବେଉରିଆ, ରାମଚନ୍ଦ୍ର ମହାନ୍ତି, ନବକିଶୋର ପରିଡା, ତାରାକାନ୍ତ ଘଡେଇ, ସତ୍ୟବାଦୀ ଗାହାଣ, ଦିଗାମ୍ବର ବେହେରା, ଅଶୋକ କୁମାର ନାୟକ, ଶ୍ରୀଧର ନାୟକ, ଚିନ୍ମୟ ଦାସ, ରମାକାନ୍ତ ପଣ୍ଡା, କୃପାସିନ୍ଧୁ ନାୟକ, ଗୋକୁଳାନନ୍ଦ ସାମଲ, ରାଜେଶ ଓଝା ପ୍ରମୁଖ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରି ଏହି ସାହିତ୍ୟ ପରିଷଦର ଉତ୍ତୋରତ୍ତୋର ଉନ୍ନତି କାମନା କରିଥିଲେ। ଏହି ଅବସରରେ ପରିଷଦର ସମ୍ପାଦକ ଦାମୋଦର ନାୟକ ଆଗାମୀ ବାର୍ଷିକୋତ୍ସବ ଓ ମୁଖପତ୍ର 'ପବନସୁତ' ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଅନାଦି ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ଜମି ପଟା ପାଇବା ଆଶାରେ କାଟୁଛନ୍ତି ଶହ ଶହ ଗଛ

କେନ୍ଦୁଝର, (ରବିରାଜ) : ସରକାରଙ୍କ ତରଫରୁ ଭୂମିହୀନଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି । ଏହାକୁ ଢାଲ କରି କେନ୍ଦୁଝର ଜିଲ୍ଲାର ଦୁଇ ପ୍ରମୁଖ ଜଙ୍ଗଲଅଟେଲ ଏବଂ ରେବଣ ସଂରକ୍ଷିତ ଜଙ୍ଗଲରେ ଏବେ କିଛି ଦିନ ଧରି ଶତାଧିକ ଝାଡଖଣ୍ଡି ଲୋକ ଜଙ୍ଗଲର ମୂଲ୍ୟବାନ ଗଛକୁ କାଟି ସଫା କରି ଦେଇଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ପରିବେଶବିତ୍ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ଜଙ୍ଗଲ ସୁରକ୍ଷା ଏବ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ସ୍କୁଲ୍ରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ କରାଯାଉଥିବା ବେଳେ ସଚେତନକୁ ମଧ ବ୍ୟାପକ କରାଯାଉଛି । ଗୋଟିଏ ପଟେ ବନବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଅନ୍ୟ ପଟେ ବିଭିନ୍ନ ଏନ୍ ଜିଓ ସଂସ୍ଥା ମାଧ୍ୟମରେ ଝାଡ଼ଖଣ୍ଡ, ବିହାର ଭଳି ରାଜ୍ୟର ଶତାଧିକ ଲୋକ କଙ୍ଗଲ ଜମି ପଟ୍ଟା ପାଇବା ଆଶାରେ ସଫା କରି ଚାଲିଛନ୍ତି । ଯଦ୍ୱାରା ବହୁ ମୂଲ୍ୟବାନ ଗଛ ବଳି ପଡୁଥିବା ନଜରକୁ ଆସିଛି ।

ସୂଚନା ଥାଉ କି, ଜଙ୍ଗଲ ଜମି ପଟ୍ଟା ପାଇଁ ୨୦୧୧ ମସିହାରୁ ସର୍ଭେ ସରିଥିବା ସହ ଜଙ୍ଗଲ ଜମି ପଟ୍ଟା ପାଇଁ ପ୍ରକ୍ରିୟା ଆରମ୍ଭ ମଧ ହୋଇସାରିଛି । ୨୦୦୫ ଡିସେମ୍ବର ମାସ ୧୩ ତାରିଖର ଜଙ୍ଗଲ ଜମି ଅଧିକରଣ ସଂକ୍ରାନ୍ତୀୟ ଧାରା ଅନୁସାରେ ଭୂମିହୀନଙ୍କୁ ସଂରକ୍ଷିତ ଜଙ୍ଗଲ ଜମିକୁ, ଛାଡି ଖେସରା ଜଙ୍ଗଲ ଭଳି ସ୍ଥାନରୁ ପଟ୍ଟା ଦେବାର ବ୍ୟବସ୍ଥା ରହିଥିଲା । ପାଖାପାଖି ୨୦ ବର୍ଷ ପରେ ମଧ ଅଦ୍ୟାବଧ ସେହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଉଥିବାରୁ ବାହାର ରାଜ୍ୟ ଏବଂ ଜିଲ୍ଲାର ଆଦିବାସୀ ସାନ୍ତାଳ ସଂପ୍ରଦାୟର ଲୋକ ସେମାନଙ୍କର ବନ୍ଧୁବାନ୍ଧବ ଘର ମାନଙ୍କରେ କିଛି ଦିନ ରହିବା ପରେ ଜଙ୍ଗଲ ଜମି ପାଇବା ଆଶାରେ ଏନ୍ଜିଓ ମାନଙ୍କ ସହାୟତାରେ ଜଙ୍ଗଲକୁ କାଟି ସଫା କରୁଥିବା ଦେଖିବାକୁ ମିଳିଛି । ଦାମିକିଆ ଦୁଇଚକିଆ ଯାନରେ ୭୦ରୁ ଅଧିକା ବାଇକ୍ରେ ଆସି ଘଟଗାଁ ରେଞ୍ଜର ବଣଚକୁଳିଆ ନିକଟସ୍ଥ ମୂଷଳ ନଦୀର ଗୁଣ୍ଡିଚାଘାଗୀ ଜଳପ୍ରପାତ, ହରିଚନ୍ଦନପୁର ବ୍ଲକ୍ରର ଦାବୁଆଣୀ, ଦୈତାରୀ, ବଳିପର୍ବତ ସମେତ ଅନ୍ୟ କେତେକ ଠାରେ ଜଙ୍ଗଲକୁ କାଟି ପାଖାପାଖି ୫୦ ଏକର ଜାଗା ସଫା କରିଥିବା ସୂଚନା ମିଳିଛି । ଜଙ୍ଗଲ ସଫା କରି ସାରିବା ପରେ ଏମାନେ ଜଙ୍ଗଲ ଜମି ପଟ୍ଟା ପାଇବାପାଇଁ ପ୍ରଶାସନ ଏବଂ ସରକାରଙ୍କ ଉପରେ ଚାପ ମଧ୍ୟ ପକାଉଛନ୍ତି । ତେଣୁ ଅବାଧରେ ଜଙ୍ଗଲକୁ କାଟି ସଫା କରୁଥିବା ଝାଡଖଣ୍ଡି, ବିହାରୀ ଲୋକଙ୍କୁ ଏଥିରୁ ନିବୃତ୍ତ କରି ଜଙ୍ଗଲ ସୁରକ୍ଷା ଦିଗରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ପରିବେଶବିତ୍ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ଜଙ୍ଗଲ କାଟି ସଫାକରିବା ଦ୍ୱାରା ଜଙ୍ଗଲୀ ଜନ୍ତୁ ସବୁ ଗାଁ ମୁହାଁ ହେଉଥିବା ବେଳେ ବନ୍ୟପ୍ରାଣୀ ଏବଂ ମାନବ ସମାଜ ମଧ୍ୟରେ ଏକ ପ୍ରକାର ଲଢେଇ ହେଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଗତ ସୋମବାର ଭୋର ସମୟରେଶୌଚ ପାଇଁ ଜଙ୍ଗଲ ପାର୍ଶ୍ୱ ସ୍ଥ ନାଳକୁ ଯାଇଥିବା ବେଳେ ତୁର୍କି ପଦାର ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିଲା ।

# ଦେବୀ ମା'ଙ୍କ ପୂଜାର୍ଚ୍ଚନା ସହ ଜନ୍ମଦାତ୍ରୀଙ୍କୁ ପୂଜା କରିବା

ଭଣ୍ଡାରିପୋଖରୀ, (ସବ୍ୟୁ) : ମାଳଦା ଜଗନ୍ନାଥ ବଜାରରେ ମା ଗଜଲକ୍ଷ୍ମୀଙ୍କ ବାର୍ଷିକ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବର ଶନିବାର ସନ୍ଧ୍ୟାର ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋଜ୍ଞ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ନୃସିଂହ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ତଥା ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ମହୋତ୍ସବ ସମାଜକୁ ଋଦ୍ଧିମନ୍ତ କରିଥାଏ ବୋଲି ମତବ୍ୟକ୍ତ କରି ଦେବୀ ମା'ଙ୍କ ପୂଜାର୍ଚ୍ଚନା ସହିତ ଘରେ ଥିବା ଜନ୍ମଦାତ୍ରୀଙ୍କୁ ପୂଜା କରିବା ଉଚିତ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି,ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ,ହାସ୍ୟ ଅଭିନେତା ତଥା କଣ୍ଠଶିଳ୍ପୀ ସେକ୍ ନିଜାମ,ସଙ୍ଗୀତଜ୍ଞ ରାମନାରାୟଣ ମହାନ୍ତି,ଭୂମି କନ୍ୟା ମହିଳା ସଂଗଠନର ସଭାନେତ୍ରୀ ସଂଯୁକ୍ତା ବଳ,ଉପସଭାନେତ୍ରୀ ଶଶିକଳା ମିଶ୍ର,ସମ୍ପାଦିକା ଦମୟନ୍ତୀ ରାଉତ,ବଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି,ସମ୍ପାଦକ ରାଜେନ୍ଦ୍ର ଶତପଥି,ପବିତ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଗଜଲକ୍ଷ୍ମୀ ପୂଜା ଓ ମହୋତ୍ସବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଜ୍ଞାନ ବିଜ୍ଞାନ ଚର୍ଚ୍ଚା ସହିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସଙ୍ଗୀତ ସରଗମ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଦେବାଶିଷ ପଣ୍ଡା,କମଳା ସାମଲ,ନିରଞ୍ଜନ ବେହୁରିଆ,ଗୋପାଳ କୁଅଁର,ଶ୍ୟାମସୁନ୍ଦର ଦାସ,ନିଶିକାନ୍ତ ସୂତାର,କାହ୍ନୁ ଚରଣ ବାରିକ,ଗଣେଶ ସାମଲ,ଅଜୟ କୁମାର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୦/୨୩)

-ବିଭୂତିଯୋଗଃ-

( ଶ୍ରୀଭଗବାନୁବାଚ )

ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।
ବସୁନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ॥୨୩॥

ମୁଁ ଏକାଦଶ ରୁଦ୍ରଙ୍କ ମଧ୍ୟରେ ଶଙ୍କର, ଯକ୍ଷରାକ୍ଷସଙ୍କ ମଧ୍ୟରେ କୁବେର, ଅଷ୍ଟବସୁ ମଧ୍ୟରେ ଅଗ୍ନି ଏବଂ ଶିଖରବିଶିଷ୍ଟ ଉଚ୍ଚ ପଦାର୍ଥମାନଙ୍କ ମଧ୍ୟରେ ସୁମେରୁ ॥୨୩॥

# ପୁଣି ନିର୍ବାଚନ ଚର୍ଚ୍ଚା

ସମ୍ପାଦକୀୟ

ଜାମ୍ମୁ-କାଶ୍ମୀର ଓ ହରିଆନା ନିର୍ବାଚନକୁ ନେଇ ଚର୍ଚ୍ଚା ନ ସରୁଣୁ, ମହାରାଷ୍ଟ୍ର ଓ ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଚର୍ଚ୍ଚା ଆରମ୍ଭ ହେଇଯାଇଛି । ଭାରତର ନିର୍ବାଚନ ଆୟୋଗ ମହାରାଷ୍ଟ୍ର ଏବଂ ଝାରଖଣ୍ଡର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । କଂଗ୍ରେସ ଓ ବିଜେପି ସମେତ ବହୁ ଆଞ୍ଚଳିକ ଦଳର ଭାଗ୍ୟ ଓ ଭବିଷ୍ୟତ ନିର୍ଦ୍ଧାରିତ ହେବ । ହରିଆନାରେ ବିଜେପି ଓ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢେଇ ହେଇଥିଲା ବେଳେ, ଜାମ୍ମୁ-କାଶ୍ମୀରରେ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ ଏବଂ ଇ-ଣ୍ଡି-ଆ ମେଣ୍ଟ ମଧ୍ୟରେ ବଳ କଷାକଷି ହେଇଥିଲା । ହରିଆନାରେ ବିଜେପି ଓ କଂଗ୍ରେସ ପ୍ରାୟ ସମାନ ପ୍ରତିଶତ ଭୋଟ ପାଇଥିବାବେଳେ, ଆସନ ସଂଖ୍ୟାରେ ବିଜେପି ବାଜିମାତ କରି ସରକାର ଗଢିଲା । ଜାମ୍ମୁ-କାଶ୍ମୀରରେ ନ୍ୟାସନାଲ କନଫରେନ୍ସ ଓ ଏହାର ସହଯୋଗୀ ବିଜେପିକୁ ପରାସ୍ତ କରି ସରକାର ଗଢ଼ିଛନ୍ତି । ଦୁଇଟି ରାଜ୍ୟର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୁଏ ଯେ ସରକାରୀ ଓ ବିରୋଧୀ ଦଳ ମଧ୍ୟରେ ଲଢେଇ ଜବରଦସ୍ତ ହେବାରେ ଲାଗିଛି । ମହାରାଷ୍ଟ୍ର ଓ ଝାରଖଣ୍ଡରେ ମଧ୍ୟ ଲଢେଇ ଜୋରଦାର ହେବ, ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଲୋକସଭା ଫଳାଫଳ ଯଦି ପ୍ରତିଫଳିତ ହୁଏ, ତା'ହେଲେ ମହା ବିକାଶ ଆଗାଡି ମହାରାଷ୍ଟ୍ର ନିର୍ବାଚନରେ ଭଲ ଫଳାଫଳ କରିବ ବୋଲି ଆଶା କରାଯାଇପାରେ । ମହାରାଷ୍ଟ୍ର ହେଉଛି ଏକ ବଡ ରାଜ୍ୟ, ଯାହା ୪୮ ଜଣ ସାଂସଦଙ୍କୁ ଲୋକସଭାକୁ ପଠାଇଥାଏ ଏବଂ ମୁମ୍ବାଇ ହେଉଛି ଭାରତର ଆର୍ଥିକ ରାଜଧାନୀ । ତେଣୁ ଏହି ନିର୍ବାଚନ ସମସ୍ତଙ୍କ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ମହାରାଷ୍ଟ୍ରରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଦୁଇଟି ଆଞ୍ଚଳିକ ଦଳ ବିଭାଜିତ ହେବାପରେ ବଡ ରାଜନୈତିକ ଅସ୍ଥିରତା ଦେଖାଦେଇଥିଲା । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ ଗିରଫ କରିବା ଦ୍ୱାରା ଝାଡ଼ଖଣ୍ଡରେ ମଧ୍ୟ ରାଜନୀତି ପାଣିପାଗ ବିଗିଡି ଯାଇଥିଲା । ଏହି ବିଭାଜନ ପରେ ପ୍ରଥମ ନିର୍ବାଚନରେ- ୨୦୨୪ ଲୋକସଭା ନିର୍ବାଚନରେ - ମହା ବିକାଶ ଆଗାଡି / ଇ-ଣ୍ଡି-ଆ ବ୍ଲକ୍ (କଂଗ୍ରେସ, ଶିବସେନା-ଉଦ୍ଧବ ବାଲାସାହେବ ଠାକରେ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି- ଶରଦଚନ୍ଦ୍ର ପାୱାର) ମୋଟ ୪୮ ଟି ଆସନ ମଧ୍ୟରୁ ୩୦ ଟି ଜିତିଥିବା ବେଳେ ମହାୟୁତି/ ଏନଡିଏ (ବିଜେପି, ଶିବସେନା-ଏକନାଥ ସିନ୍ଦେ, ଜାତୀୟତାବାଦୀ କଂଗ୍ରେସ ପାର୍ଟି- ଅଜିତ ପାୱାର) ମାତ୍ର ୧୭ଟି ଜିତିଛନ୍ତି । ଏହା ସୂଚାଉଛି, ଜନତା ବିଜେପିର ଭାଙ୍ଗିବା-ଯୋଡିବା ରାଜନୀତିକୁ ପସନ୍ଦ କରିନାହାନ୍ତି । ଏବେ ମହାୟୁତି ସରକାର ମହିଳାମାନଙ୍କ ପାଇଁ ମାସିକ ୧,୫୦୦ ଟଙ୍କା ସହାୟତା (ଲଡକି ବେହେନ ଯୋଜନା), ଅନ୍ୟ ପଛୁଆ ବର୍ଗଙ୍କ ପାଇଁ କ୍ରିମି ଲେୟାର ବାର ବଢାଇବା, ରାଜ୍ୟ ଅନୁସୂଚିତ ଜାତି ଆୟୋଗକୁ ସାମ୍ବିଧାନିକ ମାନ୍ୟତା ଦେବା ଏବଂ ମୁମ୍ବାଇରେ ପ୍ରବେଶ ପାଇଁ ଟୋଲ୍ ଛାଡ ଭଳି ଅନେକ ଜନପ୍ରିୟ ନିଷ୍ପତ୍ତି ନେଇଛନ୍ତି । ସାଧାରଣ ନିର୍ବାଚନ ସମୟରେ ଦୃଶ୍ୟମାନ ହେଉଥିବା ଭୋଟରଙ୍କ ଅସନ୍ତୋଷକୁ ହ୍ରାସ କରିବା ପାଇଁ ଏହି ନିଷ୍ପତ୍ତି ଉପରେ ମିଳିତ ମଞ୍ଚ ଭରସା କରୁଛି । ଝାରଖଣ୍ଡରେ ଏନଡିଏ (ବିଜେପି ଏବଂ ଅଲ ଝାରଖଣ୍ଡ ଛାତ୍ର ସଂଘ) ନଅଟି ଆସନ ଜିତିଥିବା ବେଳେ ଇଣ୍ଡିଆ ବ୍ଲକ (ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା, କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ-ମାର୍କ୍ସବାଦୀ ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ-ମାର୍କ୍ସବାଦୀ ଲେନିନିଷ୍ଟ) ୫ ଟି ଆସନରେ ଜିତିପାରିଥିଲା । ଲୋକସଭା ନିର୍ବାଚନ ସମୟରେ ହେମନ୍ତ ସୋରେନ ଜେଲରେ ଥିବାରୁ ଜନଜାତି ଜନତାଙ୍କ ମଧ୍ୟରେ ତାଙ୍କପ୍ରତି ସହାନଭୂତି ସୃଷ୍ଟି ହେଲା ଏବଂ ୫ ଟି ସଂରକ୍ଷିତ ଆସନରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଜିତି ପାରିଥିଲା । ଜେଏମଏମ ନେତୃତ୍ୱାଧୀନ ସରକାର ମଧ୍ୟ ଏହାର 'ମୈୟା ସମ୍ମାନ ଯୋଜନା' ଉପରେ ନିର୍ଭର କରୁଛନ୍ତି, ଯାହା ଅଧୀନରେ ମଡେଲ ଆଚରଣ ସଂହିତା କାର୍ଯ୍ୟକାରୀ ହେବା ପୂର୍ବରୁ ମାସକୁ ୧୦୦୦ରୁ ୧,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଇ-ଣ୍ଡି-ଆ ବ୍ଲକ୍ ଉଭୟ ରାଜ୍ୟରେ ଏହାର ସମ୍ଭାବନାକୁ ନେଇ ଆତ୍ମବିଶ୍ୱାସୀ ଥିଲା । ତେବେ, ହରିୟାଣା ଫଳାଫଳ ହୁଏତ ମହାରାଷ୍ଟ୍ରରେ ମହା ବିକାଶ ଆଗାଡି ନେତା ଏବଂ ଝାଡ଼ଖଣ୍ଡରେ ଇ-ଣ୍ଡି-ଆ ବ୍ଲକ ନେତାଙ୍କ ଆତ୍ମବିଶ୍ୱାସକୁ ଚହଲେଇ ଦେଇଛି । ଉଭୟ ଏମଭିଏ ଏବଂ ମାହାୟୁଟି ଏପର୍ଯ୍ୟନ୍ତ ମହାରାଷ୍ଟ୍ରରେ ସିଟ୍ ବଣ୍ଟନ ସୂତ୍ର ଘୋଷଣା କରି ନାହାଁନ୍ତି କାରଣ ଉଭୟ ଏନଡିଏ ଏବଂ ଇଣ୍ଡିଆ ବ୍ଲକ୍‌ରେ ଦଳର ସଂଖ୍ୟା ଦୁଇରୁ ତିନିକୁ ବୃଦ୍ଧି ପାଇଛି । ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି ୧୫୨ ଆସନ, ଶିବସେନା ୧୨୪ ଆସନରେ ଏବଂ ଏନଡିଏର ଅନ୍ୟ ସହଯୋଗୀ ୧୨ଟି ଆସନରେ ପ୍ରତିଦ୍ୱନ୍ଦିତା କରିଥିଲେ । ଆଶା କରାଯାଉଛି, ଏଥର ମଧ୍ୟ ୨୦୧୯ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅଧିକାଂଶ ଆସନ ବିଜେପି ବଜାୟ ରଖିବ ଏବଂ ଶିବସେନା (ସିନ୍ଦେ) ଓ ଏନସିପି (ଅଜିତ ପାୱାର) ପାଇଁ ୧୨୦ ଟି ସିଟ୍ ଏହା ଛାଡିବ । ୨୦୧୯ରେ କଂଗ୍ରେସ ୧୪୭ ଟି ଆସନରେ ସହଯୋଗୀ ଏନସିପି ୧୨୧ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏନସିପି ବିଭାଜିତ ହେଲା ପରେ, ଶରଦ ପାୱାର ଦଳ ମଧ୍ୟ ମିଳିତ ମଞ୍ଚରେ ରହିଛନ୍ତି । ଶିବସେନା (ଉଦ୍ଧବ ଦଳ) ମଧ୍ୟ ବର୍ତ୍ତମାନ ମିଳିତ ମଞ୍ଚର ଏକ ଅଂଶ । କଂଗ୍ରେସ ୧୧୫-୧୨୦ ଟି ଆସନରେ ଲଢ଼ିବାକୁ ସ୍ଥିର କରିପାରେ ଏବଂ ବାକି ୧୬୦ ଟି ଏନସିପି (ଏସପି) ଏବଂ ଶିବସେନା (ୟୁବିଟି) ମଧ୍ୟରେ ବଣ୍ଟା ହେଇପାରେ । ତେବେ ସହଯୋଗୀମାନେ ପ୍ରତ୍ୟେକ ଆସନର ଏକ ତୃତୀୟାଂଶ ଦାବି କରିଆସୁଛନ୍ତି ଏବଂ ହରିଆନାରେ କଂଗ୍ରେସର ହାରିବା, ପାର୍ଟିର ମୂଳଚାଲ କରିବାର ଶକ୍ତିକୁ ଦୁର୍ବଳ କରିଦେଇଛି । ତେବେ ଏସବୁ ଆକଳନ ମାତ୍ର, ଆଉ କିଛି ଦିନ ମଧ୍ୟରେ ସ୍ପଷ୍ଟ ହେଇଯିବ, କିଏ କେତେଟା ଆସନରେ ଲଢ଼ିବ । ଝାରଖଣ୍ଡରେ ମହାରାଷ୍ଟ୍ର ତୁଳନାରେ ସିଟ୍ ବାଣ୍ଟିବା ଅପେକ୍ଷାକୃତ ସହଜ । ବିଜେପିକୁ ଏହାର ସହଯୋଗୀ ଜନତା ଦଳ (ୟୁନାଇଟେଡ୍), ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ଏବଂ ଲୋକ ଜନଶକ୍ତି ପାର୍ଟିକୁ କିଛି ଆସନ ଦେବାକୁ ପଡିବ, ଯାହା ହୁଏତ ଦଳକୁ କିଛି ମାତ୍ରାରେ ଅଡୁଆରେ ପକାଇପାରେ । ଲୋକସଭା ପ୍ରଦର୍ଶନ ପରେ କଂଗ୍ରେସ ଅଧିକ ଆସନ ପାଇଁ ଦାବି କରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ହରିଆନାରେ ପରାସ୍ତ ହେବା ପରେ, ଏହା କି ପ୍ରକାର ପଦକ୍ଷେପ ନେବ ବା କେତେ ଆସନ ପାଇଁ ଦାବି କରିବ, ତାହା ଆଗାମୀ ଦିନରେ ହିଁ ସ୍ପଷ୍ଟ ହେବ । ହରିଆନା ନିର୍ବାଚନ ଫଳାଫଳରୁ ଜଣାପଡିଛି ଯେ ଛୋଟ ଦଳ, ସ୍ୱାଧୀନ ପ୍ରାର୍ଥୀ ଏବଂ ଆମ୍ ଆଦମୀ ପାର୍ଟି ଅନେକ ଆସନରେ କଂଗ୍ରେସକୁ ହରାଇବାରେ ସାହାଯ୍ୟ କରିଛି । ମହାରାଷ୍ଟ୍ରରେ, ଏହି ବର୍ଗର ପ୍ରାର୍ଥୀଙ୍କ ଏକ ଦୃଢ ଟ୍ରାକ୍ ରେକର୍ଡ ରହିଛି, ଗତ ପାଞ୍ଚଟି ନିର୍ବାଚନରେ ହାରାହାରି ଏକ ଚତୁର୍ଥାଂଶ ଭୋଟ୍ ଏବଂ ପ୍ରାୟ ୩୦ ଟି ଆସନରେ ଏମାନେ ଜିତିଛନ୍ତି । ଝାରଖଣ୍ଡରେ ମଧ୍ୟ ଛୋଟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ୩୦ ପ୍ରତିଶତରୁ ଅଧିକ ଭୋଟ୍ ପାଇଥିଲେ । ତେଣୁ ଏଥର ନିର୍ବାଚନରେ ମଧ୍ୟ ଏହି ଛୋଟ ଛୋଟ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକା ରହିବ । ଉଭୟ ରାଜ୍ୟରେ, ଉଭୟ ମଞ୍ଚ ପାଇଁ ଏହା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ । ଛୋଟ ଛୋଟ ଦଳଙ୍କ ଭୋଟ ଅଂଶ ବିଜେପି ତୁଳନାରେ କଂଗ୍ରେସକୁ ଅଧିକ ପ୍ରଭାବିତ କରିବାର ସମ୍ଭାବନା ରହିଛି । ତେଣୁ, କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ଏହି ପ୍ରସଙ୍ଗକୁ କିପରି ପରିଚାଳନା କରୁଛି, ତାହା ଉପରେ ଦୁଇ ରାଜ୍ୟର ନିର୍ବାଚନ ଫଳାଫଳ ନିର୍ଭର କରିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# "ଅଶାନ୍ତସ୍ୟ କୁତଃ ସୁଖଂ"



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜିର ପାର୍ଥିବ ଓ ଜାଗତିକ ସଂସାରରେ ସମସ୍ତେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଚାହାଁନ୍ତି । କହିବାକୁ ଗଲେ ସର୍ବଦା ଶାନ୍ତି ପ୍ରାପ୍ତ ନିମିତ୍ତ ସମସ୍ତେ ଆଶା ରଖନ୍ତି । ମାତ୍ର ଏହି ଶାନ୍ତି କେଉଁଠାରୁ ପ୍ରାପ୍ତ ହେବ, ସେ ସମ୍ବନ୍ଧରେ କେହି କେବେ ଚିନ୍ତାର ଅବକାଶ ରଖନ୍ତି ନାହିଁ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଚାଲିଛି । ଆମେ ବର୍ତ୍ତମାନ ଏମିତି ଜୀବନ କାଟୁଛେ, ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ପ୍ରାୟତଃ ସଚେତନ ନୁହଁନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶାନ୍ତ ଭାବ ମାନେ ସାମ୍ୟ ଅବସ୍ଥା । ପ୍ରବୃତ୍ତି ଅଭିଭୂତି ଓ ସ୍ୱାର୍ଥାନ୍ଧତାର ଆକୁଳ ବିକୁଳ ଯେତେ କମିଯାଏ, ମନୁଷ୍ୟ ସେତେ ଶାନ୍ତ ହୁଏ । ଶାନ୍ତ ଅବସ୍ଥାରେ ସତ୍ ବା ଅସ୍ତିତ୍ୱ ପ୍ରତି ପ୍ରେମ ଜାଗେ । ମନୁଷ୍ୟ ଗୁରୁମୁଖୀ ଓ ଈଶ୍ୱରମୁଖୀ ହୁଏ । ଅନ୍ତର ଭିତରେ ସେବା ମନୋଭାବ ଜାଗି ଉଠେ । ଗୁରୁ ହେଉଛନ୍ତି ଭଗବାନଙ୍କର ସାକାର ମୂର୍ତ୍ତି ଓ ଅଖଣ୍ଡ । ଗୁରୁଙ୍କୁ ସେବା କରୁ କରୁ ମନୁଷ୍ୟ ଭିତରେ ଦାସ୍ୟ ଭାବ, ସଖ୍ୟ ଭାବ, ବାତ୍ସଲ୍ୟଭାବ, ମଧୁରଭାବ ଓ ସନ୍ନ୍ୟାସଭାବ ଜାଗ୍ରତ ହୁଏ । ମଧୁର ଭାବର ତାତ୍ପର୍ଯ୍ୟ ହେଉଛି, ନିଜର ଜୀବନ ଓ ଚରିତ୍ରକୁ ସର୍ବତୋ ଭାବରେ ଗୁରୁଙ୍କର ଉପଭୋଗ୍ୟ କରି ଉଠାଇ ନିଜେ ସୁଖୀ ହେବା । ଆଉ ଏହା ହିଁ ହେଉଛି ଶାନ୍ତ ବା ସମାହିତ ଅବସ୍ଥା ।

ଶାନ୍ତିର ପ୍ରଥମ ସୋପାନ ଅହିଂସା । ଏଥିପାଇଁ ସବୁଠାରୁ ପ୍ରଥମେ ଶବ୍ଦରେ ଅହିଂସା ଆଚରଣ କରିବାକୁ ହେବ । ଲକ୍ଷ୍ୟ ରଖିବାକୁ ହେବ ଯେପରି ଆମ ଓଠରୁ ଏମିତି ଶବ୍ଦ ବାହାରି ନ ଯାଉ ଯାହା ଅନ୍ୟକୁ କଷ୍ଟ ଦେବ । ଯଦି ସମ୍ଭବ ଆମର କଥା ଏମିତି ହେବା ଦରକାର, ଯାହା ଦୁଃଖୀ ହୃଦୟ ପାଇଁ ମଲମ ହେବ । ଯଦି ହୃଦୟରେ କେହି ଦୁଃଖର ବୋଝ ନେଇ ଆମ ପାଖକୁ ଆସିଛି, ସେ ଆମ ପାଖରୁ ଯିବାବେଳେ ତା' ହୃଦୟର ଦୁଃଖ ହାଲ୍‌କା ହୋଇଯାଇଥିବା ଆବଶ୍ୟକ । ତା'ର ହୃଦୟକୁ ଶାନ୍ତି ମିଳିବା ଉଚିତ । ଏଥିସହ ମନରୁ ଚିନ୍ତା ଓ ଡ଼ର ମଧ୍ୟ ଚାଲିଯିବା ଦରକାର ।

ଶାନ୍ତିର ଦ୍ୱିତୀୟ ସୋପାନ ପ୍ରେମ । ଆମ ଭିତରେ ଏମିତି ପ୍ରେମଭାବ ରହିବା ଆବଶ୍ୟକ ଯାହା ସବୁ ସୀମାର ବନ୍ଧନରୁ ମୁକ୍ତ ହୋଇଥିବ । ଆମ ପାଖକୁ ଯିଏ ବି ଆସୁ, ସେ ଯେଉଁ ଧର୍ମର, ଯେଉଁ ଲିଙ୍ଗର, ଯେଉଁ ଦେଶର ହୋଇଥାଉ ନା କାହିଁକି, ଆମେ ତାକୁ ପ୍ରେମର ବନ୍ଧନରେ ବାନ୍ଧିନେବା ଆବଶ୍ୟକ ।

ବାହ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯିବା ଅପେକ୍ଷା ଆମେ ସମସ୍ତଙ୍କ ହୃଦୟର ସୌନ୍ଦର୍ଯ୍ୟକୁ ବୁଝିପାରିବା ଆବଶ୍ୟକ । ଆମ ଦୁଆରକୁ ଯିଏ ବି ଆସୁ, ସେ ପ୍ରେମର ଅନନ୍ୟ ଅନୁଭବ ନେଇ ଫେରୁ, ଯାହା କି ସେ ଅନ୍ୟ କେଉଁଠାରେ ମଧ୍ୟ ପାଇ ନଥିବ । ଏହାପରେ ଆମ ଠାରୁ ଅନ୍ୟଜଣେ ଯାହା ବି ପାଇବ ତାହା ଅଶାନ୍ତିର କାରଣ ହେବନି ।

ଶାନ୍ତି ମିଳିବାର ତୃତୀୟ ସୋପାନ ସତ୍ୟ । ଆମେ ସବୁବେଳେ ନିଜ ପ୍ରତି ସ୍ୱଚ୍ଛ ରହିବା, ଜୀବନର ପ୍ରତି ମୋଡ଼ରେ ସତ୍ କହିବା ଓ ସତ୍ ଜୀବନ ଜୀଇଁବା । ଆମେ କାହାକୁ ଧୋକା ଦେବାନି କିମ୍ବା କାହାପ୍ରତି କପଟ ଆଚରଣ କରିବା ନାହିଁ । ଆଖପାଖର ସମସ୍ତେ ଅସ୍ୱଚ୍ଛ ହୋଇଗଲେ ବି ଆମେ ଆଦର୍ଶରୁ ବିଚ୍ୟୁତ ହେବା ନାହିଁ ।

ଆମେ ଆମର ସମ୍ବନ୍ଧ ପ୍ରତି ନିଷ୍ଠାବାନ ଓ ସଚ୍ଚୋଟ ରହିବା । ଯାହାକୁ ଆମେ ଭଲପାଉ, ତାକୁ ମିଛ କହିଲେ ସେ ଜାଣିପାରେ ଓ କଷ୍ଟପାଏ ସେଥିରେ । ଏହାଦ୍ୱାରା ଆମର ସମ୍ପର୍କ ଓ ଚରିତ୍ର ଉଭୟ ନଷ୍ଟ ହୁଏ । ତେଣୁ ଯେଉଁ ବିଚାର ଆମ ହୃଦୟରେ ଅଛି ତାହା ଆମ ବାକ୍ୟ ଓ କର୍ମରେ ପ୍ରକାଶିତ ହେବା ଉଚିତ୍ ।

ଆମେ ଅଳ୍ପ କିଛି ସମୟ ପାଇଁ ଅନ୍ୟକୁ ଧୋକା ଦେଇପାରିବା, ମାତ୍ର ଈଶ୍ୱରଙ୍କ ଦୃଷ୍ଟିକୁ କେବେ ବି ଧୋକା ଦେଇପାରିବା ନାହିଁ । ସବୁବେଳେ ସତ୍ୟର ହିଁ ବିଜୟ ହୁଏ । ଶାନ୍ତିର ମୂଳଦୁଆ ନମ୍ରତା । ନମ୍ରତାର ଅର୍ଥ ଆମ ମନରେ ଏହି ବିଚାର ଆସିବ - ଆମେ ସମସ୍ତେ ଗୋଟିଏ ସୃଷ୍ଟିର ଅଂଶ । କେବଳ ଈଶ୍ୱର ହିଁ ମହାନ । ଈଶ୍ୱରଙ୍କ ଆଗରେ ଆମେ ସାମାନ୍ୟ ବାଳକ । ତାଙ୍କ ବିନା ଆମର ଅସ୍ତିତ୍ୱ ନାହିଁ ।

ନମ୍ରତା ଦ୍ୱାରା ଅନ୍ୟର ବିଶେଷତ୍ୱର ସମ୍ମାନ କରିବା ଶିଖନ୍ତୁ ଏବଂ ନିଜ ପାଖରେ ଥିବା ଗୁଣ ନିମନ୍ତେ ଈଶ୍ୱରଙ୍କ ଠାରେ କୃତଜ୍ଞ ରୁହନ୍ତୁ । ନମ୍ରତା ଆମ ସମସ୍ତଙ୍କୁ ଏକ କରିପାରିବ, ହିଂସା ଓ ଯୁଦ୍ଧକୁ ଶେଷ କରିପାରିବ । ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହେଉ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହେଉ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହେଉ, ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଉ । ତେଣୁ ଆମେ ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା ।

ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା । ଦ୍ୱାପର ଯୁଗରେ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି -'ନାସ୍ତିବୁଦ୍ଧିରଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା, ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖଂ ।'

ପ୍ରଫେସର, ହେପାଟୋଲୋଜି ବିଭାଗ,
କଟକ,ମୋ-୯୪୩୭୦୫୧୯୫୭

# କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା



ଅଲେଖ ଚନ୍ଦ୍ର ସାମଲ

ବର୍ଷକ ବାର ମାସ, ଛଅ ଋତୁ । ମାତ୍ର ସବୁ ମାସ ମଧ୍ୟରେ କାର୍ତ୍ତିକକୁ ଧର୍ମ ମାସ ଭାବେ ବିବେଚନା କରାଯାଏ । କୁମାର ପୂର୍ଣ୍ଣିମା ପରଦିନ ଠାରୁ ଆରମ୍ଭ ହୁଏ ଧର୍ମ ମାସ କାର୍ତ୍ତିକ ବ୍ରତ । ଏହି ମାସରେ ଲୋକମାନେ ନିଷ୍ଠାର ସହ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି । ସାରା ମାସ ଆମିଷ ବର୍ଜନ କରି ଶୁଦ୍ଧ ଶାକାହାରୀ ଖାଦ୍ୟକୁ ଆପଣାଇ ନେଇଥାନ୍ତି । ବିଶେଷକରି ସ୍ୱାମୀହରା ମହିଳାମାନେ ଏକ ମାସ ଧରି କାର୍ତ୍ତିକ ବ୍ରତ ପାଳନ କରିବା ସହ ସନ୍ଧ୍ୟାରେ ଆକାଶ ଦୀପ ଉଠାଇ ନୈବେଦ୍ୟ ଅର୍ପଣ କରିଥାନ୍ତି । କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ହଜାର ହଜାର ହବିଷ୍ୟାଳିଙ୍କ ସମାଗମ ହୋଇଥାଏ ।

ପ୍ରାତଃରୁ ଉଠି ମହିଳାମାନେ ମହୋଦଧି ଓ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ତୁଳସୀ ମୂଳରେ ରାଇଦାମୋଦର ପୂଜା କରିଥାନ୍ତି । କାର୍ତ୍ତିକରେ ତୁଳସୀ ପୂଜାର ରହିଛି ସ୍ୱତନ୍ତ୍ର ମାହାତ୍ମ୍ୟ । ତୁଳସୀ ଚଉରା ମୂଳରେ ପଞ୍ଚବର୍ଣ୍ଣ ମୁରୁଜ ପକାଇ ଧୂପ, ଦୀପ, ଅକ୍ଷତ ପ୍ରଦାନ ସ୍ୱରୂପ ହିବଷ୍ୟାଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଏ ଅବସରରେ ସୂର୍ଯ୍ୟ ପୂଜା ମଧ୍ୟ କରାଯାଏ । ଏହି ମାସରେ କାର୍ତ୍ତିକ ମାହାତ୍ମ୍ୟ ପଠନ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ଶ୍ରୀମନ୍ଦିରରେ କାର୍ତ୍ତିକ ମାସରେ ମହାପ୍ରଭୁ ରତ୍ନସିଂହାସନ ଉପରେ ରାଧା ଦାମୋଦର ବେଶରେ ଦର୍ଶନ ଦେଇଥାନ୍ତି । କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ହବିଷ୍ୟାଳିମାନେ ବ୍ରତ ଧାରଣ କରି ନିଷ୍ଠାର ସହ ପାଳନ କରିଥାନ୍ତି । ପୂର୍ଣ୍ଣିମାରେ ପବିତ୍ର ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇ ଡଙ୍ଗା ଭସାଇ ବ୍ରତ ସମାପନ କରାଯାଏ ।

ହେମନ୍ତର ମେଘମୁକ୍ତ ଆକାଶ ତଳେ ଧରଣୀରାଣୀ, ପାର୍ବତୀ ନନ୍ଦନ 'କାର୍ତ୍ତିକେୟ'ଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା କୁମାର ପୂର୍ଣ୍ଣିମାରେ କରାଯାଏ । କାର୍ତ୍ତିକ, ଏକ ଧର୍ମ ମାସ ରୂପେ ପରିଚିତ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ । କାର୍ତ୍ତିକ ପୂର୍ଣ୍ଣିମା ପୂର୍ବର ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି । କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି ।

ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି । ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ । ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି । କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ନିଜର ବିଶ୍ୱାସ ସହିତ ଏହି ମାସରେ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି ।

ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ଅନ୍ତିମ ସମୟରେ ମୋକ୍ଷ ପ୍ରାପ୍ତ ହୁଏ । କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଯାଏ । ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ । କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ ଆଚରଣ କରିଥାନ୍ତି । ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ପାଳନ କରାଯାଏ । ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ଧାରଣା ଆସେ ଯେ, ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି । ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ କରାଯାଏ ।

ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି । କାର୍ତ୍ତିକ ମାସରେ ଥିବା ସମସ୍ତ ଧର୍ମ ବା ରୀତିନୀତିକୁ କଠୋର ଭାବରେ ପାଳନ କରିବା ଜଣେ ବ୍ୟକ୍ତି ପକ୍ଷରେ ପ୍ରାୟ ସମ୍ଭବ ନୁହେଁ । ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି । କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଛନ୍ତି । ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, କେନାଲ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି । ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି । ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି । ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ ।

ସ୍ୱାମୀଙ୍କୁ ହରାଇ ଥିବା ସ୍ତ୍ରୀଲୋକମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଇଥାଏ । ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ବିଭିନ୍ନ ଦେବାଳୟ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ, କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ବରପ୍ରାପ୍ତ ଜଳନ୍ଧରର କୌଣସି ପ୍ରକାରେ ପରାଜିତ କରିପାରିନଥିଲେ ।

ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ । କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ । ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପର ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ । କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ ।

ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍‌ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନଙ୍କୁ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ । ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ କଲେ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ଇଚ୍ଛା ପୂରଣ କରିଥିଲେ । ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ମଧ୍ୟ ପ୍ରଚଳିତ । ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ବିଭିନ୍ନ ଜଳସ୍ରୋତରେ ଭସାଇଥାନ୍ତି । ଏହି ପରମ୍ପରା ମଧ୍ୟ ଧର୍ମୀୟ ଭାବନା ସହ ଜଡିତ ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର, ମୋ-୯୪୩୭୨୫୭୧୨୩

# ପରୋପକାର

ସୃଷ୍ଟିର ବୈଚିତ୍ର୍ୟ ସ୍ରଷ୍ଟାଙ୍କର ଅନନ୍ତ ମହିମାର ଦ୍ୟୋତକ । ତାଙ୍କର ସୃଷ୍ଟିରେ ପଶୁ, ପକ୍ଷୀ, କୀଟ ପତଙ୍ଗ ଓ ମନୁଷ୍ୟ ଆଦି ବହୁପ୍ରାଣୀ ଅଛନ୍ତି । ମନୁଷ୍ୟ ସମାଜ ମଧ୍ୟ ଏଥିରୁ ଭିନ୍ନ ନୁହେଁ । ସ୍ୱଚ୍ଛଳ, ପ୍ରତିଷ୍ଠାଶାଳୀ, ନୀରୋଗ ଲୋକମାନଙ୍କ ସହିତ ଅସହାୟ, ପୀଡିତ, ରୁଗ୍ଣ ଓ ଯନ୍ତ୍ରଣା ଜର୍ଜରିତ ଅନେକ ଲୋକ ଆମ ସମାଜରେ ଅଛନ୍ତି । ସେମାନଙ୍କ କଷ୍ଟ ଅପନୋଦନ ମନୁଷ୍ୟର କର୍ତ୍ତବ୍ୟ । ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବା ପାଇଁ ମହାପୁରୁଷମାନେ ଉପଦେଶ ଦେଇ କହିଛନ୍ତି,

*'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ'*

ଉଦାତ ମନ୍ତ୍ର । ଏହି ଚିନ୍ତାଧାରାରେ ଅନୁପ୍ରାଣିତ ବ୍ୟକ୍ତିବିଶେଷ ଲୋକକଲ୍ୟାଣରେ ବ୍ରତୀ ଅଟନ୍ତି । ସେମାନଙ୍କ ହୃଦୟରେ ପରମେଶ୍ୱର ପରୋପକାର ରୂପକ ଦିବ୍ୟଗୁଣ ରଖିଛନ୍ତି । ପରୋପକାର ସାଧନ ମନୁଷ୍ୟର ଏକ ସାମାଜିକ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ସମ୍ପାଦନରେ ଯେଉଁ ବ୍ୟକ୍ତି ଯେତେ ଯଶସ୍ୱୀ ସେ ସମାଜରେ ସେତିକି ସମ୍ମାନର ଅଧିକାରୀ ହୋଇଥାଏ ।

ଅମୃତବାଣୀ

ସାମ୍ପ୍ରତିକ ସମାଜ କ୍ରମଶଃ କଳୁଷିତ ଓ ଅବକ୍ଷୟ ହେବାରେ ଲାଗିଛି । ମଣିଷର ଚରିତ୍ର ଧୀରେ ଧୀରେ ପରିବର୍ତ୍ତିତ ହେଉଛି । ହତାଶ, ନୈରାଶ୍ୟ ମଣିଷ ମୁହଁରେ ହସ ଫୁଟାଇବା ପାଇଁ ପରୋପକାରର ଭୂମିକା ଉଲ୍ଲେଖନୀୟ । ପରୋପକାରକୁ ଭାରତୀୟ ସମାଜରେ ଉଚ୍ଚାସନ ପ୍ରଦାନ କରାଯାଇଛି । ପରୋପକାର ଦ୍ୱାରା ପୂଣ୍ୟାର୍ଜନ ହୁଏ ବୋଲି ଭାରତୀୟମାନଙ୍କର ଅଗାଧ ବିଶ୍ୱାସ । ମହର୍ଷି ବ୍ୟାସ ଦେବ ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ବ୍ୟକ୍ତ କରିଛନ୍ତି-

*'ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନ ଦ୍ୱୟମ୍, ପରୋପକାର ପୂଣ୍ୟାୟ ପାପାୟ ପରପୀଡନମ୍ ।'*

ଆମର ବାସଭୂମି ଧରିତ୍ରୀ ତା'ର ବକ୍ଷରେ ପ୍ରାଣୀ ଓ ଉଦ୍ଭିଦଙ୍କୁ ଧାରଣ କରି ମହୋପକାର କରୁଛି । ଭରଣ ପୋଷଣ ଓ ଜୀବନ ଧାରଣରେ ପୃଥିବୀ ପରି ପରୋପକାରୀଣୀ କେହି ନାହାଁନ୍ତି । ମଣିଷ ପ୍ରତି ପ୍ରକୃତି ସମ୍ବେଦନଶୀଳ ଓ ଉତ୍ସର୍ଗୀକୃତ ପ୍ରାଣ । ସୂର୍ଯ୍ୟ, ଚନ୍ଦ୍ର, ସାଗର, ସରିତ, ବନ, ପର୍ବତ, ବୃକ୍ଷଲତା ଓ ଋତୁଚକ୍ର ଆଦି ପୃଥିବୀବାସୀଙ୍କ ହିତରେ ସର୍ବଦା ନିଜକୁ ନିୟୋଜିତ କରିଛନ୍ତି । ପରୋପକାରର ଦୃଷ୍ଟାନ୍ତ ଦେବାକୁ ଯାଇ କବି ଭର୍ତ୍ତୃହରି ଲେଖିଛନ୍ତି:-

*'ପିବନ୍ତି ନଦ୍ୟାଃ ସ୍ୱୟମେବ ନାମ୍ଭଃ,*
*ସ୍ୱୟଂ ନ ଖାଦନ୍ତି ଫଳାନି ବୃକ୍ଷାଃ ।*
*ନାଦନ୍ତି ଶସ୍ୟଂ ଖଳୁବାରିବାହାବ,*
*ପରୋପକାରାୟ ସତ୍ୟଂ ବିଭୂତୟଃ ।'*



ନଦୀ ଅନନ୍ତ ଜଳରାଶି ହୃଦରେ ଧାରଣ କରି ପ୍ରଭାତରୁ ପ୍ରଦୋଷ ପର୍ଯ୍ୟନ୍ତ ଗତିଶୀଳ ହୋଇଥାଏ । ଏହାର କାରଣ ଅନ୍ୟର ହିତସାଧନ । ଖରା, ବର୍ଷା, ଶୀତ, କାକର, ଝଡ, ତୋଫାନ ସହ୍ୟକରି ବୃକ୍ଷ ଜନ୍ମ ଦେଇଥିବା ଫଳକୁ ନିଜେ ଭକ୍ଷଣ ନକରି ସମଗ୍ର ସମାଜକୁ ଅର୍ପଣ କରିବା ସହିତ କ୍ଳାନ୍ତ ବାଟୋଇକୁ ନିଜର ସୁଶୀତଳ ଛାୟା ପ୍ରଦାନ କରିଥାଏ ।

ମେଘ ପୃଥିବୀକୁ ଜଳଦାନ କରି ପ୍ରତ୍ୟୁପକାର ଆଶା ରଖି ନ ଥାଏ । ଗୋମାତା କୁଣ୍ଡା, ତୋରାଣୀ ଆମର ବଳି ପଡୁଥିବା ଖାଦ୍ୟ ଖାଇ ତା'ର ପ୍ରତିଦାନରେ ଅମୃତରୂପୀ ଦୁଗ୍ଧ ଦାନ କରି ସମାଜର ସକଳ ମନୁଷ୍ୟର ଉପକାର କରିଥାଏ । ତେଣୁ ପରୋପକାର ହିଁ ପୁଣ୍ୟ ଓ ଈଶ୍ୱର ଲାଭର ପ୍ରକୃତ ପନ୍ଥା। ଆମକୁ ସ୍ମରଣ ରଖିବାକୁ ହେବ - "Service to mankind is Service to God"

ସମସ୍ତେ ପରୋପକାରୀ ହୋଇପାରନ୍ତିନି। ପରୋପକାର ଭଳି ଦିବ୍ୟଗୁଣ ବହୁ ପୂଣ୍ୟବଳରୁ ମିଳିଥାଏ ।

ଉମାଶଙ୍କର ପ୍ରସାଦ,
ଖୋର୍ଦ୍ଧା,ମୋ-୬୩୭୦୬୭୫୫୬୨

# ଜାୱା ୪୨ ଏଫ୍‌ଜେ ଏବଂ ବିଏସଏ ଗୋଲ୍ଡ ଷ୍ଟାର ଉନ୍ମୋଚିତ




ଭୁବନେଶ୍ୱର,(ସବ୍ୟୁ): ଜାୱା ୟେଜଦି ମୋଟରସାଇକେଲ୍ ପକ୍ଷରୁ ଭୁବନେଶ୍ୱରରେ ୪୨ ଲାଇଫ୍’ ସିରିଜର ନୂତନ ୩୫୦ ଜାୱା ୪୨ ଏଫଜେର ଉନ୍ମୋଚନ କରାଯାଇଛି। ଏହି ଉନ୍ମୋଚନ ବ୍ରାଣ୍ଡ୍ ଆଇକନିକ୍ ବିଏସ୍ଏ ଗୋଲ୍ଡ ଷ୍ଟାର ୬୫୦ର ଶୁଭାରମ୍ଭ କରିବା ସହ ଓଡ଼ିଶାର ସର୍ବବୃହତ ସୋ’ରୁମକୁ ଉଦଘାଟନ କରିଛି। ଭୁବନେଶ୍ୱର ଖଣ୍ଡଗିରିରେ ଥିବା ଲକ୍ଷିତା ଅଟୋମୋବାଇଲସ୍ ନାମକ ଏହି ନୂଆ ସୋ’ରୁମରେ ଜାୱା, ୟେଜଦି ଓ ବିଏସଏ ମୋଟରସାଇକେଲର ସମ୍ପୂର୍ଣ୍ଣ ରେଞ୍ଜ ଉପଲବ୍ଧ ହେବ। କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥାରେଜା କହିଛନ୍ତି ଯେ, ବ୍ରିଟିଶ ଇଞ୍ଜିନିୟରିଂ ଉତ୍କର୍ଷତାରପ୍ରତିନିଧିତ୍ୱ କରୁଥିବା ବିଏସ୍ଏ ଗୋଲ୍ଡ ଷ୍ଟାର ୬୫୦ ଏବଂ ଆକର୍ଷଣୀୟ ଜାୱା ୩୫୦- ୪୨ ଏଫ୍‌ଜେକୁ ଭୁବନେଶ୍ୱର ଆଣିବା ପାଇଁ ଆମେ ଉତ୍ସାହିତ। ୨୦୨୪ ଜାୱା ୪୨ ଏଫଜେ ଡିଜାଇନ-କେନ୍ଦ୍ରିତ ମୋଟରସାଇକେଲ ଇଞ୍ଜିନିୟରିଂ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତକରୁଥିବା ବେଳେ ଏହାର ମୂଲ୍ୟ, ଦମଦାର ପ୍ରଦର୍ଶନ, ଶକ୍ତି ଏବଂ ନିର୍ମାଣ ଶୈଳୀର ଆଧୁନିକତାର ସୀମାକୁ ଆଗକୁ ବଢ଼ାଉଛି। ଏହିଶୁଭାରମ୍ଭ ସହିତ ଓଡ଼ିଶାରେ ଆମର ବୃହତମ ସୋ’ରୁମ ସର୍ବୋଚ୍ଚ ବିକ୍ରୟ ଏବଂ ସେବା ପ୍ରଦାନ ମାଧ୍ୟମରେ ପ୍ରିମିୟମ୍ ଗ୍ରାହକ ଅନୁଭୂତିପ୍ରଦାନ କରିବାକୁ ଆମର ସମର୍ପଣକୁ ପ୍ରତିଫଳିତ କରୁଛି। ଏକଦା ବିଶ୍ୱର ସର୍ବବୃହତମୋଟରସାଇକେଲ ନିର୍ମାତା ତଥା ବ୍ରିଟିଶ ଶିଳ୍ପ ଐତିହ୍ୟର ସ୍ତମ୍ଭ ଥିବା ବର୍ମିଂହାମ ସ୍ମଲ୍ ଆର୍ମସ କମ୍ପାନି (ବିଏସଏ)ର ୧୮୬୧ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହାର ପ୍ରଶଂସକ ଗହଣରେ ଆଦୃତ ଲାଭ କରିଛି ।

# ହିଣ୍ଡାଲକୋ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଶରଧାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ହିଣ୍ଡାଲକୋ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ହିଣ୍ଡାଲକୋ ଶାଖା ମୁଖ୍ୟ ଦେବାଶିଷ ମଲ୍ଲିକ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ସୁରେନ୍ଦ୍ର କୁମାର ଚୋବେ, ବିଦ୍ୟାଳୟ ପ୍ରଧାନଶିକ୍ଷୟତୟୀ ରୀନା ନାଏକ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର ଓ ସୁକାନ୍ତ କୁମାର ମହାପାତ୍ର ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିଥିଲେ । ଶିବିରରେ ମୋଟ ୨୮୪ଜଣ ହିତାଧିକାରୀ ସାମିଲ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଡାକ୍ତର ସୁବ୍ରତ ଚାଟାର୍ଜୀଙ୍କ ନେତୃତ୍ୱରେ ଡା. ତ୍ରିଲୋଚନ ବାରିକ, ଡା. ପଦ୍ମାଳୟା ମିଶ୍ର, ଡା. ହିମାଂଶୁ ନାୟକ ଓ ଡା. ଅନମୋଲ ମିଞ୍ଜ ବହୁବିଧ ରୋଗର ଚିକିତ୍ସା କରିବା ସହ ଆବଶ୍ୟକ ଔଷଧ ବିତରଣ କରିଥିଲେ । ଏଥିରେ ହିଣ୍ଡାଲକୋର ସତ୍ୟ ପଣ୍ଡା, ସିଏସ୍ଆର ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ମିଲନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଏମ୍‌ସିଏଲ୍‌ରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କମ୍ପାନୀର ବୈଷୟିକ ନିର୍ଦ୍ଦେଶକ ଯୁଗଳ କିଶୋର ବୋରା ଅଧ୍ୟକ୍ଷତା କରିଥିଲେ । ସେ କହିଥିଲେ ଯେ, ହିନ୍ଦୀ ଭାଷାକୁ ଦେଶର କୋଣ ଅନୁକୋଣରେ ବ୍ୟବହାର କରାଯାଉଛି। ଏହା ଭାରତୀୟତାର ପରିଚୟ ଅଟେ । ନିର୍ଦ୍ଦେଶକ ପ୍ରଦୀପ କୁମାର ବେହୁରା, ଅକ୍ଷୟ ଶ୍ରୀକାନ୍ତ ବାପଟ୍, ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷା ରଶ୍ମୀ ବେହୁରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମ୍ପାନୀର ଜିଏମ୍ ଶିଶିର କୁମାର ଗୟାସେନ୍ ସ୍ୱାଗତ ଭାଷଣ ଦେଇଥିଲେ। ରାଜଭାଷା ପକ୍ଷ ଅବସରରେ ଆୟୋଜିତ କୃତି ଛାତ୍ରଛାତ୍ରୀ, ଗୃହିଣୀମାନଙ୍କୁ ଏମ୍‌ସିଏଲ୍ ରାଜଭାଷା କାର୍ଯ୍ୟାନ୍ୱୟନ ପୁରସ୍କାର ସ୍ୱରୂପ ମନୋନୀତ କ୍ଷେତ୍ରୀୟ ଓ ମୁଖ୍ୟାଳୟ ବିଭାଗ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଅଖିଳ ଭାରତୀୟ ହାସ୍ୟ ସମ୍ମେଳନରେ ପଦ୍ମଶ୍ରୀ ସୁନୀଲ ଯୋଗୀ, ପ୍ରବୀଣ ଶୁକ୍ଳ, ରାଜେଶ ଅଗ୍ରୱାଲ, କୀର୍ତ୍ତି କାଲେ, ପ୍ରତୀକ ଗୁପ୍ତା ପ୍ରମୁଖ କବିତା ଆବୃତି କରିଥିଲେ ।

# ଯୁଧିଷ୍ଠିର ମିଶ୍ର ଆଇନ କଲେଜରେ ଶ୍ରାଦ୍ଧୋତ୍ସବ ପାଳିତ

ବଲାଙ୍ଗିର,(ସବ୍ୟୁ):ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ତଥା ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୪୩ତମ ଶ୍ରାଦ୍ଧ ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ କଲେଜ ସମ୍ମିଳନୀ କକ୍ଷରେ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ ଓ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ବରିଷ୍ଠ ଓକିଲ୍ ଅମରେନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ। କଲେଜ ପରିସରରେ ଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ମାରକୀ ବକ୍ତୃତାରେ ମୁଖ୍ୟବକ୍ତା ଶ୍ରୀ ନନ୍ଦ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ମିଶ୍ରଙ୍କ ସଂଘର୍ଷମୟ ଜୀବନ ଓ ବିଚାର ଉପରେ ଆଲୋଚନା କରିଥିଲେ। ସମ୍ପ୍ରତି ଲୋକଙ୍କୁ ଭୁଲ ତଥ୍ୟ ଦେଇ ସ୍ୱାଧୀନତା ସଂଗ୍ରାମ କାଳର ମହାମନୀଷୀଙ୍କୁ ବିସ୍ମୃତ କରିବାକୁ କିଛି ଲୋକ ଲାଗିଛନ୍ତି। ତେବେ ସେମାନେ କେବେବି ସଫଳ ହେବେନାହିଁ। ଭୁଲ ତଥ୍ୟ ଦେଇ କୌଣସି ମହାମନୀଷୀଙ୍କ ଗାରିମାକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ। ଏହା କଲେ ସମାଜର ଅଶେଷ ଅମଙ୍ଗଳ




ହେବ ବୋଲି ସେ କହିଥିଲେ। ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର ତତ୍କାଳୀନ ପାଟଣା ଷ୍ଟେଟର ଏକ ସାଧାରଣ ପରିବାରରୁ ରେଭେନ୍ସା କଲେଜରେ ପାଠ ପଢ଼ି ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ କରିବା ଏବଂ ବିହାର ପାଟନା ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ଛାତ୍ର ସଂଘର ସାଧାରଣ ସମ୍ପାଦକ ହୋଇଥିଲେ । ସେଠାରୁ ଫେରି ବଲାଙ୍ଗିରରେ କୃଷକ ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ। ଡ. ବିଆର ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ମନୋନୀତ ହୋଇଥିଲେ। ଏହା କମ୍ ଗୌରବର କଥା ନୁହେଁ । ଅନ୍ୟତମ ଅତିଥି ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ମିଶ୍ର ସ୍ୱର୍ଗତ ମିଶ୍ର ବିହାର ପାଟନା ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ବେଳେ ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ କରିବାରୁ ତାଙ୍କୁ କିଭଳି ଡିଗ୍ରୀ ସାର୍ଟିଫିକେଟ ଦିଆଯାଇନଥିଲା ଓ ପରବର୍ତ୍ତୀ ସମୟରେ ବିନା ସାର୍ଟିଫିକେଟରେ ତାଙ୍କୁ କିଭଳି ଓକିଲାତି କରିବାକୁ ଅନୁମତି ମିଳିଥିଲା ସୂଚନା ଦେଇଥିଲେ। ପ୍ରାରମ୍ଭରେ ଆଇନ୍ କଲେଜ ଆଲୁମ୍ନି ଆସୋସିଏଶନ୍ ସଭାପତି ବ୍ୟାସଦେବ ନନ୍ଦ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଶେଷରେ ଆଡଭୋକେଟ୍ ପ୍ରମୋଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇନ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ସହରର ବରିଷ୍ଠ ଆଡଭୋକେଟ୍, ବୁଦ୍ଧିଜୀବୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଙ୍ଗୋମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏରିଆ ସ୍ୱାସ୍ଥ୍ୟ କେନ୍ଦ୍ର ଦାବି

ବଙ୍ଗୋମୁଣ୍ଡା,(ସବ୍ୟୁ): କଣ୍ଟାବାଞ୍ଜି ଗସ୍ତରେ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗଙ୍କୁ ବଙ୍ଗୋମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏରିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବାକୁ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି । ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା ସହର ଏକ ଏପରି ସହର ଯାହା ରାଜ୍ୟର ତିନୋଟି ଜିଲ୍ଲାକୁ ସଂଯୋଗ କରିବା ସହ ଜିଲ୍ଲାର ତିନୋଟି ବ୍ଲକକୁ ମଧ୍ୟ ସିଧାସଳଖ ସଂଯୋଗ କରେ । ତେଣୁ ଅଞ୍ଚଳର ହଜାର ହଜାର ଲୋକ ନିଜ ଅନ୍ୟ ଆବଶ୍ୟକତା ସହ ସ୍ୱାସ୍ଥ୍ୟଗତ ସେବା ପାଇଁ ବଙ୍ଗୋମୁଣ୍ଡା ସହର ଉପରେ ନିର୍ଭର କରିଥାନ୍ତି । ବଙ୍ଗୋମୁଣ୍ଡା ବ୍ଲକ ମୁଖ୍ୟାଳୟ ହୋଇଥିବା ସତ୍ତ୍ୱେ ଏତେ ବଡ ଅଞ୍ଚଳ ପାଇଁ ବଙ୍ଗୋମୁଣ୍ଡାରେ କେବଳ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଅଛି । ଯାହା ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ କୌଣସି ମତେ ପର୍ଯ୍ୟାପ୍ତ ନୁହେଁ । ତେଣୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଙ୍ଗୋମୁଣ୍ଡା ପାଇଁ ଏକ ଉନ୍ନତ ଏରିଆ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଯଥାଶୀଘ୍ର ଅନୁମତି ଦେଇ କାର୍ଯ୍ୟକ୍ଷମ କରାଇବେ ବୋଲି ଅନୁରୋଧ କରାଯାଇଛି । ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ, ସମ୍ପାଦକ ହୁଲେଶ୍ୱର ହଂସ, କୋଷାଧକ୍ଷ ଦୀପକ ଯାଦବ ସହ ଅନ୍ୟ ମାନେ ସାମିଲ ଥିଲେ ।

# ବରିଷ୍ଠ ନାଗରିକ ସଂଗଠନର ସାଧାରଣ ଅଧିବେଶନ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବରିଷ୍ଠ ନାଗରିକ ସଂଗଠନର ତୃତୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକ ସଂଗଠନର ସଭାପତି ଈଶ୍ୱର ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଥାନାଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ସଂଗଠନର ସାଧାରଣ ସମ୍ପାଦକ ଭାରତ ଭୂଷଣ ଚଲାନ, ଜିଲ୍ଲା କୋଷାଧକ୍ଷ ସନ୍ତୋଷ ଦାଶ, ଉପଦେଷ୍ଟା ଅଭିମନ୍ୟୁ ପଣ୍ଡା, ବରିଷ୍ଠ ଓକିଲ ତଥା ସିଟିଜେନ ଫୋରମ ସଭାପତି ଅଶୋକ କୁମାର ପାତ୍ର, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂହଦେଓ, ଉପଦେଷ୍ଟା ବିଜୟ ବେହେରା, ଉପଦେଷ୍ଟା, ରାଧେଶ୍ୟାମ ପଣ୍ଡା, ଶ୍ରୀବସ୍ତ ମେହେର, କୋଷାଧକ୍ଷ ଦିଲୀପ ମେହେର, ସମ୍ପାଦକ ଭୁବନେଶ୍ୱର ସାହୁ, ଉପ ସମ୍ପାଦକ ବିଦ୍ୟାଧର ପ୍ରଧାନୀ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ଜୁନାଗଡ଼ ବ୍ଲକର ଶତାଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ଅତିଥି ମାନେ ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକ ମାନଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଅଶୋକ କୁମାର ପାତ୍ର ବରିଷ୍ଠ ନାଗରିକ ମାନଙ୍କୁ ମିଳୁଥିବା ସେବା ଓ ଏହାର ଉପଯୋଗ ଉପରେ ବରିଷ୍ଠ ନାଗରିକ ମାନଙ୍କୁ ଅବଗତ କରିଥିଲେ । ବରିଷ୍ଠ ନାଗରିକ ମାନଙ୍କୁ କଳାହାଣ୍ଡି ଏସପିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବରିଷ୍ଠ ନାଗରିକ କାର୍ଡ ପ୍ରଦାନ କରାଯାଇଥିଲା । ସଭା ପରିଚାଳନା ବିଦ୍ୟାଧର ପ୍ରଧାନୀ କରିଥିବା ବେଳେ ଧନ୍ୟବାଦ ଅର୍ପଣ ସମ୍ପାଦକ ଭୁବନେଶ୍ୱର ସାହୁ କରିଥିଲେ ।

**AFFIDAVIT**

By vertue of an affidavit no- (6010) sworn before Executive Magistrate, **Basudevpur** dated **4th October 2024**. I Mataji Moharana Address **Vill- Kamragan, Po- Guagadia, Ps- Basudevpur, Dist- Bhadrak, Odisha,** declare that I have changed my Name/ surname from Sabitri Das to Mataji Moharana. Henceforth, she shall be known as **Mataji Moharana** for all purposes.

**Sd/- Mataji Moharana**

L- 81

**DIRECTORATE OF SOIL CONSERVATION & WATERSHED DEVELOPMENT**
**(KRUSHI BHABAN, BHUBANESWAR, ODISHA)**
**E-mail: iwmporissa@gmail.com**
**TENDER CALL NOTICE**
**No. DSCWD-ACCT-MV-0004-2023-19967 Date. 19.10.2024**

Sealed Tenders are invited from interested registered Travel Agencies, for providing vehicles on monthly/daily basis/long run basis for O/o the Director, Soil Conservation & WD.

The sealed tender documents, completed in all aspects along with all supporting documents should reach to the office of the undersigned through Speed Post/Registered Post/Courier Services within 06.11.2024,5.00 PM. The tender document may be downloaded from the Directorate website of DSCWD, web portal: **https://www.soilodisha.nic.in.** The Tender document must be submitted along with the EMD of **Rs. 50,000/-** and Tender Paper Cost of **Rs.1000/-** in shape of Demand Draft in favour of the Director, Soil Conservation & WD, Bhubaneswar. The authority reserves the right to accept or reject any tender without assigning any reasons thereof.

**Sd/- Director,**
**Soil Conservation & WD**

**OIPR : 01039/11/0001/2425**

O- 427

**Ph. : 06670-235504**
**E_mail: serwbpt@yahoo.com**

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS, CIRCLE, BHAWANIPATNA**
*************

**Bid identification No.:- BPT/Online-01/2024-25 Date-17.10.2024**
**NOTICE INVITING TENDERS FOR BUILDING WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of 4 nos. "E" type Quarter at Naktiguda of R.W.Division, Bhawanipatna for the year 2024-25.
2. No of Works : 01 No.
3. Location details : Kalahandi District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/-perset.
7. Other details

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 24.10.2024 11.00 A.M. | 07.11.2024 5.00 P.M. | 06.11.2024 | 08.11.2024 at 11.00 A.M. |

Further details can be seen from the web site "www.tendersorissa.gov.in"

**OIPR : 25102/11/0001/2425**

**Sd/- Chief Construction Enginee**
**Rural Works Circle, Bhawanipatna**

O- 406

**e-mail: rwdmohana@gmail.com**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISON, MOHANA**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 07/MOHANA/2024-25**

1. Name of the work : Road work
2. Total No. Work : 01 (One) No
3. Estimated Cost : Rs.75.63 Lakhs
4. Class of Contractor : As per annexure
5. Period of Completion : As per annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Rural Works Division, Mohana | Online Tender 07/MOHANA/2024-25 | 01 (One) No. of Road work | 25.10.2024 from 11.00 AM | 11.11.2024 upto 5.00 PM | 06.11.2024 upto 5.00 PM | 12.11.2024 at 11.00 AM | Will be Intimated later |

Further details can be seen from the Website www.tendersorissa.gov.in

**OIPR : 25148/11/0010/2425**

**Sd/- Superintending Engineer, Rural Works Division, Mohana**

O- 425

Ph. No. -0674-2301787 Fax No.- 0674-2300965 E.Mail I.D. -eerw_bbsr@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
**No:-Tender- Online - BBSR Divn. - 09 Date : 15.10.2024.**
**e-Procurement NOTICE**

1. Name of the work : Repair / renovation of Building work
2. Total No. of Projects : 01 No.
3. Class of Contractor
(As per Works Deptt. Office memorandum no. 12586 dt. 09.09.2022
a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
b) Upto Rs. 40.00 lakh : 'C Class (of Odisha PWD) or equivalent class of other licensing authorities.
c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual projects : Rs. 32.87 lakh
5. Time for completion : As per Annexure of TCN Column no. 06
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar. | Tender Online -BBSR Divn. - 09 | 24.10.2024 at 11.00 A.M. | 02.11.2024 up to 5.00 P.M | 04.11.2024 at 11.00 A.M. |

7. Further details can be seen from the Website **www.tendersorissa.gov.in**
8. Corrigendum if any / shall only be published in the above website.

**OIPR : 25189/11/0013/2425**

**Sd/- Superintending Engineer, Rural Works Division, BBSR**

B- 448

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER. BHUBANESWAR (RAB) DIVISION NO.V.BHUBANESWAR**
**Mail i.d. :- eernb5bbsr@gmail.com**
**INVITATION OF BIDS**
*****

**E-procurement Tender Call Notice No.08 of 2024-25**

**No. 6187 (Estg) Bhubaneswar** **Dated the 14th October- 2024**

The Superintending Engineer, Bhubaneswar (R&B) Division No.V, Bhubaneswar on behalf of the Governor of Odisha invites percentage rate bids in Single cover system for Civil works as detailed in the table given below.

| Sl. No | Name of the work | Approximate Estimated cost put | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **Construction of Paddy Procurement Centre at Kantabada, Bhubaneswar for the year 2024-25 in the District of Khordha** | Rs. 28.07 Lakhs | Rs. 29,000.00 Online | Rs 6,000.00 Online | "B" & "C" | 03 (Three) Calendar Months |
| 2. | **Construction of Paddy Procurement Centre at Kashipur, Bhubaneswar for the year 2024-25 in the District of Khordha** | Rs. 21.50 Lakhs | Rs. 22,000.00 Online | Rs 6,000.00 Online | "B" & "C" | 03 (One) Calendar Months |

**Terms & Conditions**
1. Date & Time of availability of bid document in the portal / online: - From 11:00 A.M of 23.10.2024 to 5.00 P.M of 05.11.2024
2. Last Date of online submission of bid document in the portal / online: - 5.30 P.M of 05.11.2024
3. Date of Opening: -11.30 AM of 06.11.2024,
4. Name and address of officer inviting Bid: - Superintending Engineer, Bhubaneswar (R&B) Division No. V, Bhubaneswar.
5. Further details can be seen from the e-procurement portal: https://tendersorissa.gov.in
6. Bid must be accompanied with bid security i.e.1% of the estimated cost as specified in column 4 and pledged in favour of the Superintending Engineer, Bhubaneswar(RSB) Division-V, Bhubaneswar in online mode.
7. Bids documents must be purchased on online mode as mentioned against the work in the table under Col.5. o
8. The exemption will be allowed for EMD as per OPWD Code.
9. The tender should be mandatorily accompanied with the attested Scan copies of the valid registration certificate, GST certificate, PAN card and other requisite documents as per DTCN.
10. The other details can be seen from the DTCN in https://tendersorissa.gov.in

**OIPR : 34178/11/0004/2425**

**Sd/- Superintending Engineer,**
**Bhubaneswar (R&B) Division No.V, Bhubaneswar**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଶାସନ...

ଏଥିପାଇଁ ବ୍ଲକସ୍ତରରେ ରଖାଯିବ ଓଡ୍ରାଫ, ଅଗ୍ନିଶମ ଟିମ । ଦରକାର ପଡ଼ିଲେ ଏନଡିଆରଏଫ୍ ଟିମ ମଧ୍ୟ ରଖାଯିବ । ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ସୋମବାର ଯାଞ୍ଚ କରିବେ ଜିଲ୍ଲାପାଳ । ବାତ୍ୟା ଆଶ୍ରୟସ୍ଥଳୀ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗର୍ଭବତୀଙ୍କୁ ନିକଟସ୍ଥ ହସ୍ପିଟାଲକୁ ଆଣିବାକୁ ନିର୍ଦ୍ଦେଶ ରହିଛି । ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଜିରୋ କାଜୁଆଲିଟି ଲକ୍ଷ୍ୟ ରଖିବା ସହ ପ୍ରସ୍ତୁତ ରହିବା । ଅଯଥା ଭୟଭୀତ ହେବାନି ବୋଲି ଏସଆରସି କହିଛନ୍ତି ।
ଏସ୍ଆରସି କହିଛନ୍ତି, ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ପୁରୀ, ଗଞ୍ଜାମ, ଜଗତସିଂହପୁର ଜିଲ୍ଲା ସବୁଠାରୁ ଅଧିକ ବର୍ଷା ହେବ । ଏହାଛଡ଼ା କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଗଜପତି, କନ୍ଧମାଳ, ବୌଦ୍ଧ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା ଲକ୍ଷ୍ୟ କରି ଆଜି(ରବିବାର)ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛ । ଯେଉଁମାନେ ମାଛ ଧରିବାକୁ ଯାଇଛନ୍ତି, ସେମାନେ ଯଥା ଶୀଘ୍ର ଫେରିଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍ଆରସି କହିଛନ୍ତି ।

### ୩୦୦୦...

ପ୍ରାର୍ଥନା କରନ୍ତୁ । ଓଡିଶା ବାହାରେ ଥିବା ସମୟରେ କିଛି ହବିଷ୍ୟାଳୀ ମା’ ମାନଙ୍କ ଅସୁବିଧା ସମ୍ପର୍କରେ ସୂଚନା ପାଇବା ପରେ ସେ ତୁରନ୍ତ ଏହାର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ସେ ପ୍ରକାଶ କରିଥିଲେ । ସେ ସବୁର ସମାଧାନ ହୋଇଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭକ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଉଛି । ତେଣୁ ଏହିସବୁକୁ ଦୃଷ୍ଟିରେ ରଖି ଅନେକ ସଂସ୍କାର ଆଣିବାକୁ ପଡିବ । ସବୁଠାରୁ ବଡ ସୁଧାର ହେଉଛି କିପରି ଭାବେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିହେବ । ଏହି ସଂସ୍କାର ପାଇଁ ଆମ ସେବାୟତମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ । ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କାର୍ଯ୍ୟରତ ଅଛନ୍ତି । କିନ୍ତୁ, ମୁଁ ଯେପରିଭାବେ କହିଛି ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ । ପୁରା ବର୍ଷରେ ବୋଧହୁଏ କାର୍ତ୍ତିକ ମାସରେ ସବୁଠାରୁ ଅଧିକ ଶ୍ରଦ୍ଧାଳୁ ମନ୍ଦିର ଭିତରେ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଆସିଥାନ୍ତି ।କାର୍ତ୍ତିକ ପୂର୍ଣ୍ଣମୀରେ ଅନୁଷ୍ଠିତ ହେଉଥିବା ସୁନା ବେଶ ଦିନ ବୋଧହୁଏ ମନ୍ଦିର ଭିତରେ ସବୁଠାରୁ ଅଧିକ ଭିଡ ହୋଇଥାଏ । ପ୍ରଭୁଙ୍କ କରୁଣାରୁ ସମସ୍ତ ଭକ୍ତ ଦର୍ଶନ କରନ୍ତି, ଏବଂ ଏଇଥର ମଧ୍ୟ ଆପଣମାନେ ସମସ୍ତେ ଶ୍ରୀ ଜୀଉଙ୍କ ଭଲଭାବେ ଦର୍ଶନ କରିବେ ବୋଲି ମୋର ଆଶା ବୋଲି ସେ କହିଥିଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କାର୍ତ୍ତିକ ବ୍ରତର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ବିଶ୍ୱାସ ଅଛି, କାଳିଆର ଡୋରୀ ନ ଲାଗିଲେ ଶ୍ରୀକ୍ଷେତ୍ର ଆସିବାର ସୁଯୋଗ ମିଳେନାହ । ପବିତ୍ର କାର୍ତ୍ତିକ ମାସରେ ପବିତ୍ର ଜଗନ୍ନାଥ ଧାମରେ ଆଜି ଆସିବାର ସୁଯୋଗ ମିଳିଥିବାରୁ ମୁଁ ପ୍ରଭୁଙ୍କ ପାଖରେ କୃତକୃତ୍ୟ । ଆମ ଓଡିଆ ସଂସ୍କୃତି ଓ ପରମ୍ପରାରେ କାର୍ତ୍ତିକ ମାସ ଏକ ପବିତ୍ର ଓ ଧାର୍ମିକ ମାସ ଭାବେ ଗଣା ଯାଏ । କାର୍ତ୍ତିକ ମାସ ପୂଣ୍ୟ ଅର୍ଜନର ମାସ ।କାର୍ତ୍ତିକ ବ୍ରତର ମହାତ୍ମ୍ୟ ସମ୍ପର୍କରେ କୁହାଯାଇଛି ଯେ ଯେତେ ଦର୍ଶନ, ଯେତେ ତୀର୍ଥ, ଯେତେ ଯାଗ ଯଜ୍ଞ ଇତ୍ୟାଦି ଅଛି ସେସବୁର ଧର୍ମକୁ ଠୁଳ କଲେ କାର୍ତ୍ତିକ ବ୍ରତ ସହିତ ସମାନ ହେବ ନାହିଁ । ଭଗବତ୍ ଗୀତାରେ ମଧ୍ୟ ଏ ବିଷୟରେ ବର୍ଣ୍ଣନା ଅଛି । ଶ୍ରୀକ୍ଷେତ୍ରରେ ଏହାର ସ୍ୱତନ୍ତ୍ର ପାଳନ ବିଧି ରହିଛି । ଏହି ମାସରେ ଆମ ମା ଓ ମାଉସୀ ମାନେ ନିଷ୍ଠାର ସହ ପ୍ରତ୍ୟୁଷରୁ ସ୍ନାନ କରି ବ୍ରତ ପାଳନ ଓ ପୂଜା କରିଥାନ୍ତି । କାର୍ତ୍ତିକ ମାସ ସାରା ସେମାନେ ରାଇ ଦାମୋଦରଙ୍କ ପୂଜା, ତୁଳସୀ ଚଉରା ପୂଜା ସହ ହବିଷ ପାଳନ କରିଥାନ୍ତି ।କାର୍ତ୍ତିକ ମାସରେ ବିଷ୍ଣୁଙ୍କର ପ୍ରଧାନ ଆରାଧନା ହେଉଛି ରାଇ ଦାମୋଦର ବ୍ରତ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଭାବେ ବୃନ୍ଦାବତୀ ନିବାସ ନାମରେ ଏକ ହବିଷ୍ୟାଳୀ ଭବନ କରାଯାଇଛି । ଚଳିତ ବର୍ଷ ବୃନ୍ଦାବତୀ ଭବନ ସହିତ ଅନ୍ୟ ତିନୋଟି କେନ୍ଦ୍ର ଯଥା - ଅକ୍ଷୟ ପାତ୍ର ପାଉଣ୍ଡେସନ, ବଗଲା ଧର୍ମଶାଳା, ମୋଚି ସାହି କଲ୍ୟାଣ ମଣ୍ଡପରେ ହବିଷ୍ୟାଳୀ ମା’ ମାନଙ୍କୁ ରଖାଯାଇଛି । ପୁରୀ ଜିଲ୍ଲା ପ୍ରଶାସନକୁ ମା’ ମାନଙ୍କର ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ମୁଁ ନିର୍ଦ୍ଦେଶ ଦେଇଛି । ଜଗନ୍ନାଥଙ୍କ କୃପାରୁ ଆମ ସରକାର ରାଜ୍ୟର ସମସ୍ତ ବର୍ଗର ଲୋକଙ୍କ ପାଇଁ କାର୍ଯ୍ୟକରୁଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର କଲ୍ୟାଣ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନା, ଚାଷୀମାନଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଏବଂ ଲୋକଙ୍କ ସୁଖଦୁଃଖ ବୁଝିବା ପାଇଁ ନିୟମିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଏ ସରକାର ଲୋକଙ୍କ ସରକାର, ମୁଖ୍ୟମନ୍ତ୍ରୀ ହେଉଛନ୍ତି ଲୋକଙ୍କର ସେବକ । ଏହି ସେବା ମନୋଭାବକୁ ଆପଣମାନେ ଆଶୀର୍ବାଦ ଦେବେ ବୋଲି ସେ ଆଶା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ପୁରୀ ସାଂସଦ ଡ. ସମ୍ବିତ ପାତ୍ର କହିଲେ ଯେ, ନାରୀର ଜୀବନ ସାଧାରଣ ନୁହେ । ନାରୀମାନେ ତାଙ୍କ ଜୀବନ କାଳ ମଧ୍ୟରେ ପରିବାର ପାଇଁ, ସମାଜ ପାଇଁ ଅନେକ ତ୍ୟାଗ କରିଥାନ୍ତି । ମହାପ୍ରଭୁଙ୍କ ନିକଟରେ ଆପଣମାନେ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରନ୍ତୁ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଶ୍ରୀ ସୁନିଲ ମହାନ୍ତି ଯୋଗଦେଇଥିଲେ । ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଡି.ଆଇ.ଜି. ଶ୍ରୀ ଚରଣ ସିଂ ମୀନା, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ଧରାପଡ଼ିଲା...

ଲେଖା ରହିବା ସହିତ ୯୮୮୨୨ ବିଶିଷ୍ଟ ନମ୍ବର ମଧ୍ୟ ଉଲ୍ଲେଖ ରହିଥିଲା । ପାରାଟି ଗୁପ୍ତଚର କାର୍ଯ୍ୟ ପାଇଁ ବ୍ୟବହାର ହୋଇଥିଲା । ତେବେ ପାରାଟିକୁ ବନ ବିଭାଗ ୨ ଦିନ ରଖିବା ପରେ ଛାଡି ଦେଇଥିବା ଜଣାପଡିଛି ।

### ଜର୍ମାନୀରେ...

ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମ ମୋହନ ନାୟିଡୁ କହିଛନ୍ତି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# କାଶ୍ମୀର ମାରାଥନ : ୨୧ କିମି ଦୌଡ଼ିଲେ ମୁଖ୍ୟମନ୍ତ୍ରୀ ଓମାର



ଜମ୍ମୁ: ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର କିଛି ଦିନ ପରେ ଓମାର ଅବଦୁଲ୍ଲା ରାସ୍ତାରେ ଦୌଡ଼ି ନିଜ ଫିଟନେସର ପ୍ରମାଣ ସମସ୍ତଙ୍କୁ ଦେଇଛନ୍ତି । କଶ୍ମୀର ମାରାଥନରେ ସେ ଭାଗ ନେଇ ବ୍ୟକ୍ତିଗତ ରେକର୍ଡ କରିଛନ୍ତି । ସେ ୨ ଘଣ୍ଟାରେ ୨୧ କିମି ବାଟ ଦୌଡ଼ିଛନ୍ତି ।

ନ୍ୟାଶନାଲ କନଫରେନ୍ସର ୫୪ ବର୍ଷୀୟ ଓମାର ଅବଦୁଲ୍ଲା ନିଜ ଏକ୍ସ ଆକାଉଣ୍ଟରେ ମାରାଥନ ସମ୍ପର୍କରେ ଅପଡେଟ ଦେବା ସହ ଦୌଡ଼ିବା ବେଳର ଭିଡିଓ ଜାରି କରିଛନ୍ତି । ସେ କହିଛନ୍ତି, ମୁଁ ମୋ ଉପରେ ବେଶ ସନ୍ତୁଷ୍ଟ ଅଛି । ମୁଁ କଶ୍ମୀର ହାଫ ମାରଥାନ ଶେଷ କରିଛି । ମୁଁ ହାରାହାରି ୫ ମିନିଟ ୫୪ ସେକେଣ୍ଡରେ ଗୋଟିଏ ଲେଖାଏଁ କିମି ଅତିକ୍ରମ କରିଛି । ଏପରି ଭାବେ ମୁଁ ୨୧ କିମି ବାଟ ଦୌଡ଼ିଛି । ମୁଁ ମୋ ଜୀବନରେ କେବେ ହେଲେ ୧୩ କିମିରୁ ଅଧିକ ବାଟ ଦୌଡ଼ି ନଥିଲି । ସେହିପରି ୧୩ କିମି ବାଟ ମୁଁ କେବଳ ଥରେ ହିଁ ଦୌଡ଼ିଥିଲି । ମୁଁ କେବଳ ଅନ୍ୟମାନଙ୍କ ଠାରୁ ପ୍ରେରଣା ପାଇ ଆଗକୁ ବଢ଼ିଥିଲି । ଦୌଡ଼ିବା ବେଳେ କେବଳ ଗୋଟିଏ କଦଳୀ ଓ କିଛି ଖଜୁରୀ ଖାଇ ଆଗକୁ ଚାଲିଥିଲି । ସବୁଠାରୁ ବଡ଼ କଥା ହେଲା, ପରିବାର ଲୋକଙ୍କ ସହ ମୋ ଘରକୁ ଅତିକ୍ରମ କରିବା ଓ ଅନ୍ୟମାନେ ମୋ ପାଇଁ ତାଳି ମାରିବା ।

ଡାଲ ଲେକ ଦେଇ ଓମାର ଅବଦୁଲା ଅନ୍ୟମାନଙ୍କ ସହ ମାରାଥନରେ ସାମିଲ ହୋଇଥିଲେ । ଏହି ସମୟରେ ଅନେକ ଲୋକ ତାଙ୍କ ସହ ସେଲଫି ନେଇଥିଲେ । କିଛି ସାମ୍ବାଦିକ ମଧ୍ୟ ତାଙ୍କର ଇଣ୍ଟରଭ୍ୟୁ ନେବାକୁ ବି ଚେଷ୍ଟା କରିଥିଲେ ।

# ଶରଦ ପାଓ୍ୱାରଙ୍କ ଶରଣରେ କଂଗ୍ରେସ,ଉଦ୍ଧବ ସେନା



ମୁମ୍ବାଇ: ମହା ବିକାଶ ଅଘାଡି(ଏମଭିଏ)ରେ ସିଟ ଶେୟାରିଂକୁ ନେଇ ବିବାଦ ତେଜିବାରେ ଲାଗିଛି । ବିବାଦର ସାମାଧାନ ପାଇଁ ଦକ୍ଷିଣ ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ଏମଭିଏ ନେତାମାନେ ଦୀର୍ଘ ୯ ଘଣ୍ଟା କାଳ ବୈଠକ କରିଥିଲେ । ହେଲେ ଏଯାଏ କୌଣସି ସମାଧାନର ରାସ୍ତା ବାହାରି ପାରି ନାହିଁ । ବିଶେଷ କରି ମେଣ୍ଟରେ ଥିବା କଂଗ୍ରେସ ଓ ଉଦ୍ଧବ ଠାକରେଙ୍କ ଶିବସେନା ମଧ୍ୟରେ ବିର୍ଦ୍ଧଭା ରିଜନରେ ଥିବା କିଛି ଆସନକୁ ନେଇ ତିକ୍ତତା ଲାଗି ରହିଛି ।

ବିବାଦର ସମାଧାନ ପାଇଁ ଏବେ ଉଭୟ କଂଗ୍ରେସ ଓ ଶିବସେନା(ୟୁବିଟି) ଶରଦ ପାଓ୍ୱାରଙ୍କ ପାଖରେ ପହଞ୍ଚିଛନ୍ତି । ସେ ବିବାଦରେ ମଧ୍ୟସ୍ଥତା କରି ସମାଧାନର ରାସ୍ତା ବାହାର କରନ୍ତୁ ବୋଲି ଉଭୟ ଦଳ ଚାହୁଁଛନ୍ତି ।

ଉଦ୍ଧବ ସେନାର ଅନୀଲ ପରବ ଓ ଆଦିତ୍ୟ ଠାକରେ ମୁମ୍ବାଇର ଓ୍ୱାଇ ଚୌହାନ କେନ୍ଦ୍ରରେ ଶରଦ ପାଓ୍ୱାରଙ୍କୁ ଭେଟିଛନ୍ତି । ସେହିପରି କଂଗ୍ରେସର ବରିଷ୍ଠ ନେତାମାନେ ମଧ୍ୟ ଶରଦ ପାଓ୍ୱାରଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି ।

ଲୋକସଭା ନିର୍ବାଚନ ବେଳେ ଉଦ୍ଧବ ଠାକରେଙ୍କ ଶିବସେନା ନିଜର ରମଟେକ ଓ ଅମରାବତୀ ଆସନ କଂଗ୍ରେସକୁ ଦେଇଥିଲା । ଏବେ ଦଳ ମେଣ୍ଟରେ ସବୁଠାରୁ ଅଧିକ ବିଧାନସଭା ଆସନ ଚାହୁଁଛି ।

ବିର୍ଦ୍ଧଭା ରିଜନରେ ଉଦ୍ଧବ ସେନା ୧୨ଟି ଆସନ ଦାବି କରିଛି । ଏହି ରିଜନରେ ଏମଭିଏର କୌଣସି ବିଧାୟକ ନଥିବାରୁ ଦଳ ଏପରି ଦାବି ଉପସ୍ଥାପନ କରିଛି ।

ତେବେ କଂଗ୍ରେସ ନାଶିକ ଓ୍ୱେଷ୍ଟ ଆସନ ଚାହୁଁଛି । ହେଲେ ଏହି ଆସନ ଶିବସେନା ଛାଡ଼ିବାକୁ ନାରାଜ । କାରଣ ଦଳ ଏଠାରେ ସୁଧାକର ବଡଗୁଜରଙ୍କୁ ପ୍ରାର୍ଥୀ କରିବ ବୋଲି ନିଷ୍ପତ୍ତି ନେଇ ସାରିଛି ।

ବୈଠକ ବେଳେ କଂଗ୍ରେସର ନାନା ପାଟୋଲେ ନାଶିକ ଓ୍ୱେଷ୍ଟ ଆସନ ପାଇଁ ଜିଦ କରିଥିଲେ । ଏକଥା ଶୁଣିବା ପରେ ସଞ୍ଜୟ ରାଉତ ବୈଠକ ଅଧାରୁ ଉଠି ଚାଲି ଆସିଥିଲେ । ଏହାକୁ ନେଇ ତିକ୍ତତା ବଢ଼ିଥିବା ବେଳେ ଶରଦ ପାଓ୍ୱାର ସାମାଧନର ରାସ୍ତା ବାହାର କରିପାରିବେ ବୋଲି କଂଗ୍ରେସ ଓ ଉଦ୍ଧବ ସେନା ଆଶା ରଖିଛନ୍ତି ।

# ଇସ୍ରାଏଲ ଆକ୍ରମଣରେ ହିଜବୁଲ ସେଣ୍ଟ୍ରାଲ କମାଣ୍ଡ ସେଣ୍ଟର ଧ୍ୱଂସ



ବେରୁଟ: ଇସ୍ରାଏଲ ରବିବାର ଲେବାନନ ରାଜଧାନୀ ବେରୁଟରେ ଥିବା ହିଜବୁଲ କମାଣ୍ଡ ସେଣ୍ଟର ଓ ଅଣ୍ଡରଗ୍ରାଉଣ୍ଡ ଅସ୍ତ୍ରଶସ୍ତ୍ର ନିର୍ମାଣ କାରଖାନା ଉପରେ ଭୀଷଣ ଆକ୍ରମଣ କରିଛି । ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) ବିମାନ ଆକ୍ରମଣ ପୂର୍ବରୁ ଲୋକଙ୍କୁ ଅଞ୍ଚଳ ଖାଲି କରି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲା ବୋଲି କହିଛି । ଏ ନେଇ ସେନା ଏକ ବୟାନ ଜାରି କରିଛି । ଏଥିରେ ଇସ୍ରାଏଲ ବାୟୁସେନା ବେରୁଟରେ ହିଜବୁଲ୍ଲା ଗୁଇନ୍ଦା ମୁଖ୍ୟାଳୟର ଏକ କମାଣ୍ଡ ସେଣ୍ଟର ଓ ଏକ ଅଣ୍ଡରଗ୍ରାଉଣ୍ଡ ଓ୍ୱାର୍କସପ ଉପରେ ଆକ୍ରମଣ କରିଥିବା କହିଛି ।

ଗୁଇନ୍ଦା ସୂଚନା ଆଧାରରେ ଏହି ଆକ୍ରମଣ କରାଯାଇଥିବା ଆଇଡିଏଫ କହିଥିବା ବେଳେ ଲେବାନନ ସରକାରୀ ଗଣମାଧ୍ୟମ ରବିବାର ସକାଳେ ହାରେଟ ହରେକରେ ୨ ଓ ହଦାଥରେ ଏକ ଇସ୍ରାଏଲୀ ଆକ୍ରମଣ ହୋଇଥିବା କହିଛି । ଏହି ସବୁ ଆକ୍ରମଣ ହିଜବୁଲର ଦକ୍ଷିଣ ବେରୁଟ ଗଡ ଦହିୟାହରେ ହୋଇଛି । ଇସ୍ରାଏଲ ସେନା ଦକ୍ଷିଣ ଲେବାନନରେ ଅଲଗା ଅଲଗା ଆକ୍ରମଣ କରିଛି । ଏଥିରେ ହିଜବୁଲର ୩ ମୁଖ୍ୟ କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି ।

ମୃତ ଆତଙ୍କବାଦୀମାନଙ୍କୁ ହିଜବୁଲ ଦକ୍ଷିଣ ମୋର୍ଚ୍ଚାର ବରିଷ୍ଠ ସଦସ୍ୟ ଅଲ-ହଜ ଅବାସ ସଲାମେହ, ଅସ୍ତ୍ର ନିର୍ମାଣ ୟୁନିଟରେ କାମ କରୁଥିବା ଅହମଦ ଅଲ୍ଲୀ ହୁସେନ ରୂପେ ଚିହ୍ନଟ କରାଯାଇଛି । ଜାତୀୟ ଗଣମାଧ ସୂତ୍ର ଅନୁସାରେ ଯୁଦ୍ଧ ବିମାନମାନେ ନାବତିୟେହ ସହର ଉପରେ ୭ ଥର ଆକ୍ରମଣ କରିଛନ୍ତି । ଯେଉଁଥିରେ ଏକ ଆବାସିକ ଭବନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଉଦ୍ଧାରକାରୀ ଦଳ ଧ୍ୱଂସସ୍ତୁପ ତଳେ ଜୀବିତ ପିଲା ଓ ଲୋକଙ୍କ ସନ୍ଧାନ କରୁଛନ୍ତି । ଏନଏନଏ ଅନୁସାରେ ଇସ୍ରାଏଲୀ ସେନା ମେସ୍ ଅଲ-ଜବଲର ତରାସେ ଅଞ୍ଚଳକୁ ଧ୍ୱଂସସ୍ତୁପରେ ପରିଣତ କରିଛନ୍ତି । କୁହାଯାଉଛି ଏହି ଆକ୍ରମଣ ଅତ୍ୟାଧିକ ବିସ୍ଫୋରକ ଦ୍ୱାରା କରାଯାଇଥିଲା । ସେପଟେ ରବିବାର ଲେବାନନ ପକ୍ଷରୁ ଇସ୍ରାଏଲ ଉପରକୁ ୩୦ଟି ରକେଟ୍ ମାଡ଼ କରାଯାଇଛି । ଏଥିରୁ କେତେକକୁ ଏୟାର ଡିଫେନ୍ସ ସିଷ୍ଟମ ରୋକି ଦେଇଥିବା ବେଳେ ଆଉ କେତେକ ଅନ୍ୟ କ୍ଷେତ୍ରରେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ତେବେ ଏହି ଆକ୍ରମଣରେ ଇସ୍ରାଏଲରେ କେହି ମୃତାହତ ହୋଇ ନାହାନ୍ତି ।

# ବାତ୍ୟାର ନାମକରଣ ମହିଳାଙ୍କ ନାଁରେ କାହିଁକି !



ନୂଆଦିଲ୍ଲୀ : ସାଇକ୍ଲୋନ୍ ବା ବାତ୍ୟା । ଦେଶ ଅନୁଯାୟୀ ବଦଳିଯାଏ ବାତ୍ୟାର ନାଁ । କେଉଁଠି ଚକ୍ରବାତି ତ ଆଉ କେଉଁଛି ସାଇକ୍ଲୋନ୍ କିମ୍ବା ଟାଇଫୁନ । ଦୁନିଆରେ ୧୦୦ରୁ ଅଧିକ ବାତ୍ୟା ଆସିଥାଏ । ଏଥି ମଧ୍ୟରୁ କିଛି ବାତ୍ୟାର ତୀବ୍ରତା କମ୍ ରହିଥାଏ । ଯାହା ଦିନେ କି ଦୁଇ ଦିନ ହୋଇ ସେହି ସମୁଦ୍ରରେ ହିଁ ଶେଷ ହୋଇଯାଏ । ତେବେ ଅଧିକ ତୀବ୍ରତାର ବାତ୍ୟା ସବୁକିଛି ନଷ୍ଟ କରିଦିଏ । ନିକଟରେ ଆସିପାରେ ବାତ୍ୟା 'ଦାନା' । ପୁଣି ସୃଷ୍ଟି କରିପାରେ ବିପର୍ଯ୍ୟୟ । ଅନେକ ସମୟରେ ବାତ୍ୟାର ନାଁ ମହିଳାଙ୍କ ନାମରେ ଦିଆଯାଇଥାଏ । କିନ୍ତୁ ଏପରି କାହିଁକି ?

ମହିଳା କି ପରୁଷ ନାମରେ ନାମିତ ସାଇକ୍ଲୋନର ତୀବ୍ରତାରେ କୌଣସି ପରିବର୍ତ୍ତନ ହୋଇନଥାଏ । କିନ୍ତୁ ସମସ୍ତଙ୍କର ଧାରଣା ବଦଳିଯାଇଥାଏ । ମହିଳା ନାମରେ ନାମିତ ସାଇକ୍ଲୋନନର ବିପଦକୁ ପ୍ରାୟତଃ କମ୍ କରି ଅଙ୍କା ଯାଇଥାଏ । କାହିଁକି ନା ମହିଳାମାନେ ଉଷ୍ମ ଏବଂ ଯତ୍ନଶୀଳ ବୋଲି ଧାରଣା ରହିଛି । ଏଥିପାଇଁ ଲୋକମାନେ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତିନି । ଯେଉଁ କାରଣରୁ ଅଧିକ ବିନାଶ ହୋଇଥାଏ । ଏହା ଅଧ୍ୟୟନରୁ ସଠିକ୍ ପ୍ରମାଣିତ ହୋଇଛି ।

ରିସର୍ଚ୍ଚ ଅନୁଯାୟୀ ମହିଳାଙ୍କ ନାଁରେ ନାମିତ ହୋଇଥିବା ସାଇକ୍ଲୋନ ଅଧିକ ପ୍ରଭାବଶାଳୀ ହୋଇଥାଏ । ଏହା ପୁରୁଷ ନାଁ ଦିଆଯାଇଥିବା ବାତ୍ୟାଠାରୁ ବେଶ୍ ଅଧିକ ପ୍ରଭାବ ପକାଇଥାଏ । ୨୦୧୪ରେ ପ୍ରୋସିଡିଙ୍ଗସ୍ ଅଫ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସ ଅଫ୍ ଆମେରିକାର ସାଇକ୍ଲୋନର ପୁରୁଷ ଏବଂ ମହିଳା ଆଧାରିତ ନାମକୁ ନେଇ ରିସର୍ଚ୍ଚ କରିଥିଲେ । ଏଥିରେ ଗତ ୬୦ ବର୍ଷରେ ହୋଇଥିବା ସାଇକ୍ଲୋନର ଅଧ୍ୟୟନ କରାଯାଇଥିଲା । ଆମେରିକାରେ ପୁରୁଷମାନଙ୍କ ନାମରେ ନାମିତ ସାଇକ୍ଲୋନର ହାରାହାରି ୧୫.୧୫ ପ୍ରତିଶତ ମୃତ୍ୟୁ ହୋଇଥିଲା । କିନ୍ତୁ ମହିଳାଙ୍କ ନାମରେ ନାମିତ ଏହି ସାଇକ୍ଲୋନରେ ହାରାହାରି ୪୧.୮୪ ପ୍ରତିଶତ ମୃତ୍ୟୁ ହୋଇଥିଲା ।

ବାସ୍ତବରେ ସାଇକ୍ଲୋନର ନାମକରଣ ୧୯୪୫ ପୂର୍ବରୁ ନଥିଲା । ଯେଉଁଥିପାଇଁ ପାଣିପାଗ ବିଜ୍ଞାନୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଯେତେବେଳେ ସେ କୌଣସି ସାଇକ୍ଲୋନ ବିଷୟରେ ତଥ୍ୟ ରଖୁଥିଲେ, ସେତେବେଳେ ସାଇକ୍ଲୋନର ବର୍ଷ ଲେଖିବାକୁ ପଡୁଥିଲା । ଯଦି ବର୍ଷ ଲେଖିବାରେ ସାମାନ୍ୟ ତ୍ରୁଟି ହେଉଥିଲା ତେବେ ସବୁକିଛି ବଦଳି ଯାଇଥିଲା । ଏହି ସମସ୍ୟାର ମୁକାବିଲା ପାଇଁ ୧୯୪୫ ପରଠାରୁ ବିଶ୍ୱ ପାଣିପାଗ ସଂଗଠନ ସାଇକ୍ଲୋନର ନାମ ଦେବା ପାଇଁ ନିଷ୍ପତ୍ତି ନେଇଥିଲା ଏବଂ ସେହି ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆସିଥିବା ସମସ୍ତ ସାଇକ୍ଲୋନର ନାଁ ଦିଆଯାଉଛି ।

ଏବେ ପ୍ରଶ୍ନ ଆସୁଛି କିଏ କରିଥାଏ ସାଇକ୍ଲୋନର ନାମକରଣ ? ବିଭିନ୍ନ ଦେଶର ପାଣିପାଗ ବିଭାଗ ଦ୍ୱାରା ସାଇକ୍ଲୋନର ନାଁ ସ୍ଥିର କରିବାକୁ ବିଭିନ୍ନ କମିଟି ରହିଛି । ଏହି କମିଟିଗୁଡିକ ପୃଥିବୀର ବିଭିନ୍ନ ସ୍ଥାନରେ ହେଉଥିବା ସାଇକ୍ଲୋନ୍ ଉପରେ ନଜର ରଖିଥାଏ । ବିଶ୍ୱର ପାଣିପାଗ ବିଭାଗ ଅଧିକାଂଶ ବାତ୍ୟାର ନାମକରଣ କରି ସମାଲୋଚନାର ସମ୍ମୁଖୀନ ହୋଇଛି ।

## ଗାଜାରେ ଇସ୍ରାଏଲର ଆକ୍ରମଣ
# ମୃତ୍ୟୁ ସଂଖ୍ୟା ୪୦ ହଜାର ଟପିଲା

ଜେରୁଜେଲମ: ହମାସ ମୁଖ୍ୟ ୟାହିୟା ସିନଓ୍ୱାରଙ୍କ ମୃତ୍ୟୁ ପରେ ଇସ୍ରାଏଲ ସେନା ଦ୍ୱାରା ଗାଜା ଉପରେ ଆକ୍ରମଣ ବୃଦ୍ଧି ପାଉଛି । ଇସ୍ରାଏଲ ଆକ୍ରମଣରେ ତିନି ଶିଶୁଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ୍ୟୁ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଶନିବାର ଦିନ ହୋଇଥିବା ଆକ୍ରମଣରେ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି ।

ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୬୨ଜଣଙ୍କର ମୃତ୍ୟୁ ହୋଇଛି । ୩୦୦ରୁ ଅଧିକ ଲୋକ ଆହତ ହୋଇଥିବା ଖବର ମିଳିଛି । ଆକ୍ରମଣ ସମୟରେ ବହୁ ଲୋକେ ବିଲ୍ଡିଂର ଆବର୍ଜନା ତଳେ ଜୀବନ୍ତ ପୋତି ହୋଇ ରହିଥିବାର ଆଶଙ୍କା ରହିଛି । ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରା ନ ଗଲେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଇସ୍ରାଏଲର ଜବାଲିଆ ଶରଣାର୍ଥୀ ଶିବିର ଉପରେ ହୋଇଥିବା ଆକ୍ରମଣରେ ଶହ ଶହ ଲୋକ ଆହତ ହୋଇଛନ୍ତି । ଅନେକ ଲୋକ ଆବର୍ଜନା ତଳେ ପୋତି ହୋଇଯାଇଛନ୍ତି । ଏଭଳି ପରିସ୍ଥିତିରେ ପାଲେଷ୍ଟାଇନ ମୃତକଙ୍କ ସଂଖ୍ୟା ୪୦ ହଜାର ଟପି ପ୍ରାୟ ୪୨ ହଜାରରେ ପହଞ୍ଚିବାର ଆଶଙ୍କା ରହିଛି । ଇସ୍ରାଏଲ୍ ସେନ୍ୟବାହିନୀ ଜବାଲିଆ ଶିବିରରେ ବୋମା ମାଡ଼ କରିଥିଲେ । ଇସ୍ରାଏଲ ସୀମାରେ ହମାସ ଆକ୍ରମଣ ପରେ ଗାଜା ଷ୍ଟ୍ରିପରେ ଏକ ବଡ଼ ଧରଣର ସାମରିକ ଅପରେସନ ଆରମ୍ଭ ହୋଇଥିଲା ।

ହମାସ ପରିଚାଳିତ ଗାଜା ସରକାରଙ୍କ ମିଡିଆ କାର୍ଯ୍ୟାଳୟ କହିଛି ମୃତ୍ୟୁ ସଂଖ୍ୟା ବିବାରେ ଲାଗିଛି । ବହୁ ଲୋକ ଭଙ୍ଗାକୋଠା ତଳେ ପୋତି ହୋଇ ଯାଇଛନ୍ତି । ଏଥିରେ ବହୁ ସଂଖ୍ୟକ ଶିଶୁ ଏବଂ ମହିଳା ମଧ୍ୟ ଅଛନ୍ତି । ତେବେ ଇସ୍ରାଏଲ ଏ ବାବଦରେ ଏପର୍ଯ୍ୟନ୍ତ କେଣସି ମନ୍ତବ୍ୟ ଦେଇନାହିଁ । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଇସ୍ରାଏଲ ସେନା ପ୍ରତିଦିନ ଦଶହଜାର ଘରକୁ ଟାର୍ଗେଟ କରି ନଷ୍ଟ କରୁଛି । ଏହା ବ୍ୟତୀତ ବିସ୍ଫୋରକ ସାମଗ୍ରୀ ବିଲ୍ଡିଂରେ ରଖାଯାଉଛି ଏବଂ ସେଗୁଡିକୁ ଉଡ଼ାଇ ଦିଆଯାଉଛି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଯୋଗାଯୋଗ ଏବଂ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଛି ଯେଉଁଥିପାଇଁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଉପୁଜୁଛି । ସୂଚନାଯୋଗ୍ୟ,ଗତ ଗୁରୁବାର ଦିନ ଇସ୍ରାଏଲ ହମାସର ନେତା ୟାହିୟା ସିନଓ୍ୱାରଙ୍କୁ ହତ୍ୟା କରିଥିଲା । ଏହା ହମାସ ଦ୍ୱାରା ଶୁକ୍ରବାର ଅର୍ଥାତ୍ ୧୮ ଅକ୍ଟୋବରରେ ନିଶ୍ଚିତ କରାଯାଇଥିଲା । ଏହା ବ୍ୟତୀତ ସେଠାରେ ଥିବା ଉଗ୍ରବାଦୀ ସଂଗଠନ ଏହାର ପୁରୁଣା ଆଭିମୁଖ୍ୟ ଗ୍ରହଣ କରି କହିଛି ଯେ ଗାଜାରେ ଅସ୍ତ୍ରବିରତି ନ ହେବା ପର୍ଯ୍ୟନ୍ତ ଏବଂ ଇସ୍ରାଏଲ୍ ସେନ୍ୟ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ବନ୍ଧକ ରଖାଯାଇଥିବା ଲୋକଙ୍କୁ ମୁକ୍ତ କରାଯିବ ନାହିଁ ।

# ଏକ ଲକ୍ଷ ଲୋକଙ୍କୁ ରାଜନୀତିକୁ ଆଣିବୁ : ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବାରଣାସୀରେ ୬୭୦୦ କୋଟି ଟଙ୍କାର ୨୩ଟି ପ୍ରକଳ୍ପର ଉନ୍ମୋଚନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଆମେ ଏକ ଲକ୍ଷ ଲୋକଙ୍କୁ ରାଜନୀତିକୁ ଆଣିବୁ ଯେଉଁମାନଙ୍କର କୌଣସି ରାଜନୈତିକ ପରିବାର ସହିତ କୌଣସି ସମ୍ପର୍କ ନାହିଁ । ବଂଶବାଦ ରାଜନୀତିର ମାନସିକତାକୁ ଦୂର କରିବା ପାଇଁ ସେ ବାରଣାସୀରେ ଏକ ଅଭିଯାନ ଆରମ୍ଭ କରିଥିଲେ ।

ତୃତୀୟ ପାଳିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ଦ୍ୱିତୀୟ ବାରଣାସୀ ଗସ୍ତ ଥିଲା । ଏହି ଗସ୍ତ ସମୟରେ ସେ ଆର୍ ଜେ ଶଙ୍କରାଇ ହସ୍ପିଟାଲକୁ ଉଦଘାଟନ କରିବା ସହ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶଙ୍କର ବିଜୟେନ୍ଦ୍ରଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ ରାମ ମନ୍ଦିର ନିର୍ମାଣ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ଯେଉଁମାନେ ଏହାକୁ ଅସମ୍ଭବ ବୋଲି ଦାବି କରୁଥିଲେ ସେମାନେ ଭୁଲ ପ୍ରମାଣିତ ହୋଇଛନ୍ତି । ଆମେ କହିଥିଲୁ ଯେ ଅଯୋଧ୍ୟାରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ ହେବ ଏବଂ ତାହା ସାକାର ହୋଇଛି ଓ ଆଜି ଲକ୍ଷ ଲକ୍ଷ ଲୋକ ଅଯୋଧ୍ୟାରେ ରାମଲଲାଙ୍କ ଦର୍ଶନ ଦେଖିବାକୁ ଯାଉଛନ୍ତି ।

# ପାଣି ପାଇଁ ଲେବାନନରେ ହାହାକାର !



ନୂଆଦିଲ୍ଲୀ: ପାଣି ପାଇଁ ଲେବାନନରେ ହାହାକାର । ବୁନ୍ଦାଏ ପାଇଁ ମାଇଲ ମାଇଲ ଦୂର ଯାଉଛନ୍ତି ଲେବାନନ ନାଗରିକ । ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ଦକ୍ଷିଣ-ପୂର୍ବ ଲେବାନନର ଶୈବା ସହର ଉପକଣ୍ଠରେ ଥିବା ଏକ ଜଳ ପ୍ରକଳ୍ପ ନଷ୍ଟ ହୋଇଯିବା ପରେ ମହାଦଶା ଭୋଗୁଛନ୍ତି ଏଠାକାର ନାଗରିକ । ଶୈବା ମହାନଗର ନିଗମ ଜିନହୁଆ ନ୍ୟୁଜ୍ ଏଜେନ୍ସିକୁ କହିଛି ଯେ ଶନିବାର ଇସ୍ରାଏଲର ଏକ ଯୁଦ୍ଧ ବିମାନ 'ଅଲ-ମାଗାରା' ଜଳ ପ୍ରକଳ୍ପ ଉପରେ ମିଶାଇଲ ମାଡ଼ କରିଥିଲା ।

ଏହି ପ୍ରକଳ୍ପ ଦକ୍ଷିଣ ଲେବାନନର ଅଲ-ଆରକୋବ, ହାସବାୟା ଏବଂ ମାର୍ଜିୟୋନ୍ ଅଞ୍ଚଳର ଗାଁ ଏବଂ ସହରକୁ ପାନୀୟ ଜଳ ଯୋଗାଇଥାଏ । ସୂତ୍ରରୁ ପ୍ରକାଶ ଯେ, ଏହି ଆକ୍ରମଣ ପ୍ରକଳ୍ପର ମୁଖ୍ୟ ନିର୍ଗମନପଥରେ ମିଶାଇଲ ମାଡ଼ ହୋଇଥିଲା । ଯେଉଁଥିପାଇଁ ଗ୍ରାମଗୁଡିକୁ ଯୋଗାଇ ଦିଆଯାଉଥିବା ଜଳ ପ୍ରବାହିତ ହେବାକୁ ଲାଗିଲା । ଏହି ସମୟରେ, ଦକ୍ଷିଣ ଲେବାନନ୍ ଓ୍ୱାଟର ଏଷ୍ଟାବ୍ଲିସମେଣ୍ଟ ଶନିବାର କହିଛି ଯେ ଇସ୍ରାଏଲର ମିଶାଇଲ ମାଡ଼ରେ ଏହି ପ୍ରକଳ୍ପ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି ।

ଅଲ-ଆରକୋବ ଏବଂ ହସବାୟା ପୌରସଂସ୍ଥା ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ ପାନୀୟ ଜଳ ପ୍ରକଳ୍ପ ଉପରେ ଇସ୍ରାଏଲର ଆକ୍ରମଣ ହେତୁ ହୋଇଥିବା କ୍ଷୟକ୍ଷତିର ତୁରନ୍ତ ମରାମତି ପାଇଁ ସରକାରୀ ଏଜେନ୍ସି, ଆନ୍ତର୍ଜାତୀୟ ଅନୁଷ୍ଠାନ ଅନୁରୋଧ କରୁଛୁ । ଇସ୍ରାଏଲ ସେନା ଏହି ଆକ୍ରମଣ ଉପରେ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହାଁନ୍ତି । ଶନିବାର ନିଜେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଏକ ବିବୃତ୍ତିରେ କହିଛି ଯେ ସଠିକ୍ ତଥ୍ୟ ଉପରେ ଆଧାର କରି ଏହାର ବାୟୁସେନା ମୁଖ୍ୟାଳୟ ଉପରେ ଆକ୍ରମଣ କରିଛି । ଏଥିରେ କୁହାଯାଇଛି ଯେ ବେରୁଟର ମଧ୍ୟଭାଗରେ ଥିବା ଆବାସିକ ଅଟ୍ଟାଳିକା ତଳେ ହେଜବୁଲଙ୍କ ଅସ୍ତ୍ରଶସ୍ତ୍ର ଭଣ୍ଡାର ଏହି ଅଞ୍ଚଳର ଜନସଂଖ୍ୟାକୁ ବିପଦରେ ପକାଇଛି । ସେପ୍ଟେମ୍ବର ୨୩ ଠାରୁ, ଇସ୍ରାଏଲ୍ ସୈନ୍ୟମାନେ ଲେବାନନ୍ ଉପରେ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କରିଆସୁଛନ୍ତି ।

# ମନ୍ଦିରରେ ମୂର୍ତ୍ତି ଭଙ୍ଗାକୁ ନେଇ ଭାଗଲପୁରରେ ଉତ୍ତେଜନା

ଭାଗଲପୁର: ଝାଡ଼ଖଣ୍ଡକୁ ଲାଗି ରହିଥିବା ବିହାରର ଭାଗଲପୁର ଜିଲ୍ଲାର ସାନହୋଲା ବଜାର ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ଏଠାରେ ଥିବା ରାମ ଜାନକୀ ମନ୍ଦିରରେ ଥିବା ବିଗ୍ରହ ଭଙ୍ଗାରୁଜା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ମୂର୍ତ୍ତିଭଙ୍ଗା ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତକୁ ଗିରଫ କରିଛି । କିନ୍ତୁ ଉତ୍ତ୍ୟକ୍ତ ଜନତା ରାସ୍ତାରେ ଟ୍ରାଫିକ୍ ଜାମ ସୃଷ୍ଟି କରିବା ସହ ଥାନା ଉପରକୁ ପଥର ମାଡ଼ କରିଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା । ଏହି ଘଟଣାରେ ୭ ଜଣଙ୍କୁ ଅଟକ ରଖାଯାଇଛି ।

ଭାଗଲପୁରର ସାନହୋଲା ଥାନା ଅଞ୍ଚଳରେ ଥିବା ରାମ ସୀତା ଓ ରାଧାକୃଷ୍ଣ ମନ୍ଦିରରେ ରବିବାର ଦୁର୍ବୃତ୍ତମାନେ ଗ୍ରିଲ୍ ଗେଟ୍ ଭାଙ୍ଗି ଭଗବାନ ରାମଙ୍କ ମୂର୍ତ୍ତି ଭଙ୍ଗାରୁଜା କରିଥିଲେ । ଏହି ଖବର ପ୍ରଚାରିତ ହେବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଏହି ସମୟରେ ଉତ୍ତ୍ୟକ୍ତ ଜନତା ପୋଲିସ ଉପରକୁ ପଥର ଫିଙ୍ଗିବା ଆରମ୍ଭ କରିଥିଲେ ।

ପୋଲିସର ସୂଚନା ଅନୁସାରେ ଭାଗଲପୁରର ସାନହୋଲା ଥାନା ଅଞ୍ଚଳରେ ପୋଖରୀ ନିକଟରେ ଥିବା ରାମ ସୀତା ଓ ରାଧାକୃଷ୍ଣ ମନ୍ଦିରରେ ଏହି ଘଟଣା ଘଟିଛି । ରବିବାର ଅସାମାଜିକ ତତ୍ତ୍ୱ ମାନେ ଗ୍ରିଲ୍ ଗେଟ୍ ଭାଙ୍ଗି ଭଗବାନ ରାମଙ୍କ ମୂର୍ତ୍ତି ଭଙ୍ଗାରୁଜା କରିଥିଲେ । ଏହି ଖବର ପ୍ରଚାରିତ ହେବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ତେବେ ଉତ୍ତ୍ୟକ୍ତ ଜନତା ପୋଲିସ ଉପରକୁ ପଥର ଫିଙ୍ଗିବା ଆରମ୍ଭ କରିଥିଲେ । ପୋଲିସ ଫାଙ୍କା ଗୁଳି ଚଳାଇଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣକୁ ଆସି ପାରିନଥିଲା । ଏହାପରେ ଘଟଣାସ୍ଥଳକୁ ଅଧିକ ସଂଖ୍ୟକ ପୋଲିସ ପଠାଯାଇଛି ।

# ବିକଶିତ ହେବ ଜାତୀୟ ଜଳମାର୍ଗ-୫




ଭୁବନେଶ୍ୱର,(ଏଜେନ୍ସି) : ଜାତୀୟ ଜଳମାର୍ଗ-୫ ତାଳଚେରରୁ ପାରାଦୀପ ଏବଂ ଧାମରା ଷ୍ଟ୍ରେଚ୍ ଆଗକୁ ବଢିବାକୁ ଯାଉଛି । ସେହିପରି ଖୁବ୍ ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ କହିଛନ୍ତି । ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପରିବହନ ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟ କରି ଜଳ ପରିବହନ କ୍ଷେତ୍ରର ସବୁଜକରଣ ଉପରେ ବିଶେଷ ଧ୍ୟାନ ଦେଇ ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ କହିଛନ୍ତି, ଆଇଆଇଟି ଚେନ୍ନାଇ ସହଯୋଗରେ ପରିବହନ, ବନ୍ଦର ଏବଂ ଜଳପଥ ମନ୍ତ୍ରଣାଳୟ ଏବଂ ଭାରତର ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଜଳପଥରେ ଥିବା କ୍ରସ୍ ଷ୍ଟ୍ରକଚରର ବିସ୍ତୃତ ଡିଜାଇନ୍, ବ୍ୟୟବରାଦ ଏବଂ ଇଞ୍ଜିନିୟରିଂ ସହିତ ଡିଆରପିର ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଏହି ପ୍ରକଳ୍ପର କାର୍ଯ୍ୟକାରିତା ରାଜ୍ୟ ସରକାର, ପରିବହନ ମନ୍ତ୍ରଣାଳୟ ଏବଂ କୋଲ ଇଣ୍ଡିଆ ଲିମିଟେଡ୍ ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ନେଇ ଗଠିତ ଏସପିଭି ଅଧୀନରେ କରାଯିବ ବୋଲି ସେ କହିଛନ୍ତି ।

ସେମିନାରରେ, ଜାତୀୟ ଜଳମାର୍ଗ-୫ ର ବିକାଶ ସହିତ, ପୂର୍ବ ତଟ କେନାଲ ସିଷ୍ଟମର ପ୍ରାରମ୍ଭିକ ବିକାଶ ଏବଂ ଜାତୀୟ ଜଳମାର୍ଗ-୧ ସହିତ ଏହାର ସଂଯୋଗ, ରାଜ୍ୟରେ ସବୁଜ ପରିବହନ ମୋଡ୍ ଏବଂ ଅର୍ଥନୀତି ପାଇଁ ଆଭ୍ୟନ୍ତରୀଣ ନାଭିଗେସନର ଲାଭ ପାଇବାକୁ ଗୁରୁତ୍ୱ ଦିଆଯାଇଥିଲା । ନୌସେନା ସ୍ଥାପତ୍ୟ ଏବଂ ସାମୁଦ୍ରିକ ଇଞ୍ଜିନିୟର ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଆର.ପି. ଗୋକରନ୍, ଆଇଆଇଟି ଖଡଗପୁର ପ୍ରଫେସର କେଶବ ଦେବ, ଭାରତୀୟ ସାମୁଦ୍ରିକ ବିଶ୍ୱବିଦ୍ୟାଳୟର ଅନ୍ୟ ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଯେଉଁମାନେ ଏହି ସମ୍ମିଳନୀର ବିଷୟବସ୍ତୁ ଉପରେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ ।

# ଭାରତରେ କେତୋଟି ଲାଇଟ ହାଉସ ଅଛି ଜାଣନ୍ତି କି?



ନୂଆଦିଲ୍ଲୀ: ଦେଶର ସାମୁଦ୍ରିକ ଇତିହାସରେ ଲାଇଟ୍ ହାଉସଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଜାହାଜକୁ ସଠିକ ଦିଗ ଦେଖାଇବା ପାଇଁ ଏହାର ବ୍ୟବହାର କାହିଁ କେଉଁ କାଳରୁ ଚାଲିଆସୁଛି । ସମୁଦ୍ର କୂଳରେ ଜାହାଜଗୁଡିକୁ ମାର୍ଗଦର୍ଶନ କରିବା ପାଇଁ ଲାଇଟହାଉସ୍ ନିର୍ମାଣ କରାଯାଉଥିଲା । ରାତିରେ ଏଥିରେ ଆଲୁଅ ଜଳୁଥିବାରୁ ଜାହାଜର କ୍ୟାପଟେନ ଏହାକୁ ଦେଖି ସଠିକ ମାର୍ଗ ନିର୍ଦ୍ଧାରଣ କରିପାରୁଥିଲେ । ତେବେ ବର୍ତ୍ତମାନ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଜିପିଆରଏସ ଆସିବା ପରେ ଏହାର ବ୍ୟବହାର ଯଥେଷ୍ଟ ହ୍ରାସ ପାଇଛି ।

ଏଭଳି ସ୍ଥିତିରେ ଏବେ ଲାଇଟ ହାଉସଗୁଡିକୁ ଆଧୁନିକୀକରଣ କରାଯାଇ ପର୍ଯ୍ୟଟନ ପାଇଁ ବ୍ୟବହାର କରାଯାଉଛି । ବାସ୍ତବରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ପୁରୀରେ ଆୟୋଜିତ ହେଉଥିବା ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବରେ କହିଛନ୍ତି ଯେ ଗୁଜରାଟ ଠାରୁ ଆରମ୍ଭ କରି ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଦେଶର ୭ ହଜାର ୫୦୦ କିଲୋମିଟର ଲମ୍ୱା ଉପକୂଳ କ୍ଷେତ୍ରରେ ୨ଶହରୁ ଅଧିକ ଲାଇଟ୍ ହାଉସ ରହିଛି । ଏସବୁ ଶତାଧିକ ବର୍ଷ ପୁରୁଣା । ଶହ ଶହ ବର୍ଷ ଧରି ଏହି ଲାଇଟ୍ ହାଉସଗୁଡ଼ିକ ଭାରତର ସାମୁଦ୍ରିକ ବାଣିଜ୍ୟକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛନ୍ତି ।

ଏସବୁ ଲାଇଟ୍ ହାଉସରେ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି । ସେ କହିଛନ୍ତି ଯେ ସରକାର ଲାଇଟ ହାଉସଗୁଡ଼ିକର ଆଧୁନିକୀକରଣ କରାଯାଇଛି, ସେଗୁଡ଼ିକର ଆକର୍ଷଣ ବୃଦ୍ଧି କରାଯାଇଛି । ଯାହାଫଳରେ ଗତ ୧୦ ବର୍ଷ ମଧ୍ୟରେ ଲାଇଟ୍ ହାଉସ୍ ଦେଖିବା ଲାଗି ୧୬ ଲକ୍ଷ ପର୍ଯ୍ୟଟକଙ୍କ ଆଗମନ ହୋଇଛି । ଏହାକୁ ୫୦ ଲକ୍ଷ ପର୍ଯ୍ୟନ୍ତ ବଢ଼ାଇବା ଲାଗି ନୂଆ ଯୋଜନା ଓ ବ୍ୟବସ୍ଥା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଲାଇଟ୍ ହାଉସ୍ ପର୍ଯ୍ୟଟନ ଦ୍ୱାରା ଲକ୍ଷାଧିକ ଯୁବବର୍ଗଙ୍କୁ ନିଯୁକ୍ତି ମିଳିପାରିବ ଏବଂ ଏହାଦ୍ୱାରା ଉପକୂଳବର୍ତ୍ତୀ ରାଜ୍ୟ ଓ ଦେଶର ଅର୍ଥବ୍ୟବସ୍ଥା ସୁଦୃଢ଼ ହେବ ।

## ଏସସିବି ଡିଏଭି ପ୍ଲବିକ୍ ସ୍କୁଲରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

କଟକ, (ସ୍ୱପ୍ର): କଟକ ଜିଲ୍ଲା ଶିକ୍ଷା ମଣ୍ଡଳ ଆନୁକୁଲ୍ୟରେ ଓଏମ୍ପି ସ୍ଥିତ ଏସସିବି ଡିଏଭି ପ୍ଲବିକ୍ ସ୍କୁଲ ଠାରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରୁ ୫୦୫ଟି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ୧୪ ଟି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମାନେ ଯୋଗ ଦେଇଥିଲେ । ସରକାରଙ୍କ ଶିକ୍ଷାନୀତି ଏବଂ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ମଣ୍ଡଳର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ୍ ଶିନ୍ଦେ ସମ୍ମିଳନୀରେ ଅଧ୍ୟକ୍ଷତା କରି ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ ନିମନ୍ତେ ପ୍ରତି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଜଣେ ଜଣେ ଛାତ୍ର ବା ଛାତ୍ରୀଙ୍କୁ ଅଧିଗ୍ରହଣ କରିବା ଏବଂ ସେମାନଙ୍କ ଶିକ୍ଷଣ ପ୍ରଗତିକୁ ସୁନିଶ୍ଚିତ କରିବା ପାଇଁ କଟକ ଜିଲ୍ଲାର ଅଭିନବ ଯୋଜନା ମେରିଟ୍ ଲୋଗୋ ଉନ୍ମୋଚନ କରି ଛାତ୍ରଛାତ୍ରୀ ମାନଙ୍କୁ ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ବିଭିନ୍ନ ପରୀକ୍ଷା ସହିତ ଛାତ୍ର ଛାତ୍ରୀ ମାନେ ସଂପୃକ୍ତି ହୋଇପାରିବେ ସେ ସମ୍ବନ୍ଧରେ ପ୍ରଧାନ ଶିକ୍ଷକ ଶିକ୍ଷତ୍ରୀ ମାନକୁ ମାର୍ଗ ଦର୍ଶନ କରିଥିଲେ। ଅନ୍ୟମନଙ୍କ ମଧ୍ୟରେ ବୋର୍ଡର ସହ ସମ୍ପାଦକ ଅନୁସ୍ମିତା ସ୍ୱାଇଁ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ନିରଞ୍ଜନ ସାହୁ ଯୋଗଦେଇ ବିଦ୍ୟାଳୟ ସ୍ତରର ଶିକ୍ଷା ପଦ୍ଧତିରେ ଅନେକ




ସଂଶୋଧନ କରାଯାଇଛି। ଆଧୁନିକ କମ୍ପ୍ୟୁଟର ଯୁଗରେ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ବୃଦ୍ଧି ପାଇଁ ଯେଉଁ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି ସେହି ପାଠ୍ୟକ୍ରମକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାକୁ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀମାନେ ଚେଷ୍ଟିତ ହୁଅନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ସନ୍ତୋଷ କୁମାର୍ ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାଏ, ଡିଏଭି ଏସସିବି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଯୋଗଦେଇ ପ୍ରଧାନ ଶିକ୍ଷକମାନେ ବିଦ୍ୟାଳୟ ଓ ଛାତ୍ର ଛାତ୍ରୀଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୋ ସ୍କୁଲ ଅଭିଯାନର ନୋଡାଲ ଅଧିକାରୀ ବିଭୁଦତ୍ତ ବେହେରା ଏବଂ ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଶେଷରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦେବ ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ଭାବ୍ୟ ବାତ୍ୟାକୁ ନେଇ ଆଳୁ ମୂଲ୍ୟ ବୃଦ୍ଧି

ସାକ୍ଷୀଗୋପାଳ ,(ସବ୍ୟୁ) : ପାଣିପାଗ ବିଭାଗ ତରଫରୁ ବାତ୍ୟା ସୂଚନା ଘୋଷଣା ପରେ ସାକ୍ଷୀଗୋପାଳ ଅଞ୍ଚଳରେ ହଠାତ ଆଳୁ ମୂଲ୍ୟ ବୃଦ୍ଧି ପାଇଛି। ଶନିବାର ସକାଳ ପର୍ଯ୍ୟନ୍ତ ଆଳୁ କିଲୋ ଗ୍ରାମ ପ୍ରତି ୩୦ ଟଙ୍କାରେ ବିକ୍ରି ହେଉଥିଲା। । ଅପରାହ୍ନ ଓ ସନ୍ଧ୍ୟାରେ ସାମାନ୍ୟ ବର୍ଷା ହୋଇଗଲା । ବର୍ଷା ପରେ ହଠାତ ଆଳୁ କିଲୋ ଗ୍ରାମ ପ୍ରତି ୫ ଟଙ୍କା ବୃଦ୍ଧି ହୋଇଗଲା । ଫଳରେ ଆଳୁ କିଲୋ ଗ୍ରାମ ପ୍ରତି ୩୫ ଟଙ୍କା ମୂଲ୍ୟରେ ବିକ୍ରି ଆରମ୍ଭ ହୋଇଗଲା । ପାର୍ଶ୍ୱରେ ଉପସ୍ଥିତ ରହି ମା ଙ୍କର ଏହି ଭସାଣି ଯାତ୍ରାକୁ ଉପଭୋଗ କରିଥିଲେ ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଆର୍ଟିଷ୍ଟ୍ରି ଶୋ

ଭୁବନେଶ୍ୱର (ସବ୍ୟୁ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଏହାର ସହିଦନଗର ସ୍ଥିତ ଶୋରୁମ୍‌ରେ ଆର୍ଟିଷ୍ଟ୍ରି ଶୋ ଖୋଲାଯାଇଛି । କାଦମ୍ବିନି ପତ୍ରିକାର ସଂପାଦିକା ଡ. ଇତିରାଣୀ ସାମନ୍ତ ଏହି ଶୋ କୁ ଉଦ୍‌ଘାଟନ କରିଥିଲେ । ମାଲାବାରର ମ୍ୟାନେଜମେଣ୍ଟ ଟିମ୍ ସଦସ୍ୟ ଏବଂ ଗ୍ରାହକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ପ୍ରଦର୍ଶନୀ ଅକ୍ଟୋବର ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଧରଣର ପାରମ୍ପରିକ ଓ



ସମସାମୟିକ ଡିଜାଇନ୍‌ର ଗହଣା ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି । ଏଥି ମଧ୍ୟରେ ମାଇନ୍ ଡାଏମଣ୍ଡ ଜୁଏଲାରୀ, ଏରା ଅନ୍‌କଟ୍ ଡାଏମଣ୍ଡ, ପ୍ରେସିୟା ଜେମ୍ ଷ୍ଟୋନ୍ ଜୁଏଲାରୀ, ଏଥେନିକ୍ସ ଜୁଏଲାରୀ ଏବଂ ଭାଇରାଜ୍ ରୟାଲ ପୋଲ୍‌କି ଜୁଏଲାରୀ ସମେତ ଆକର୍ଷଣୀୟ ଗହଣା ଗ୍ରାହକଙ୍କୁ ଆକୃଷ୍ଟ କରୁଛି । ପ୍ରତ୍ୟେକ ୫୦ହଜାର ଟଙ୍କାର କ୍ରୟ ଉପରେ ଗ୍ରାହକଙ୍କୁ ସୁନା ଅଳଙ୍କାର ସହିତ ୨୦୦ ମିଲିଗ୍ରାମ୍ ସ୍ୱର୍ଣ୍ଣ ମୁଦ୍ରା, ଷ୍ଟଡେଡ୍, ଅନ୍‌କଟ୍ କିମ୍ବା ପୋଲକି ଜୁଏଲାରୀ ସହିତ ୩୦୦ ମିଲି ଗ୍ରାମ ସ୍ୱର୍ଣ୍ଣ ମୁଦ୍ରା ଏବଂ ଡାଏମଣ୍ଡ ଜୁଏଲାରୀ ସହିତ ୪୦୦ ମିଲିଗ୍ରାମ୍ ସ୍ୱର୍ଣ୍ଣ ମୁଦ୍ରା ମିଳିବ । ଏହି ସୁବିଧା ନଭେମ୍ବର ୩ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ଅଛି । ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ୍ ଏମ୍.ପି ଅହମ୍ମଦ କହିଛନ୍ତି, ଭୁବନେଶ୍ୱର ଶୋ ରୁମ୍‌ରେ ଆର୍ଟିଷ୍ଟ୍ରି ଶୋ ର ଶୁଭାରମ୍ଭ ହେବା ଦ୍ୱାରା ଆମେ ଆନନ୍ଦିତ । ଉତ୍ତମ ମାନ ସୁଦ୍ଧତା ଏବଂ ସୁଲଭ ମୂଲ୍ୟ ଦେବା ପାଇଁ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପ୍ରତିଶ୍ରୁତି ବଦ୍ଧ । ରାଜଧାନୀର ଅଳଙ୍କାର କ୍ରେତାମାନେ ଆମ ଅଳଙ୍କାର କିଣି ଆତ୍ମସନ୍ତୋଷ ଲାଭ କରିବେ ବୋଲି ଶ୍ରୀ ଅହମ୍ମଦ କହିଛନ୍ତି ।

## ଜିଲ୍ଲାର ଖାଦ୍ୟ ଯୋଗାଣ ଓ ଧାନ କ୍ରୟ ପ୍ରକ୍ରିୟା ଶୃଙ୍ଖଳିତ ନିମନ୍ତେ ମନ୍ତ୍ରୀଙ୍କ ସମୀକ୍ଷା

କଟକ,(ସବ୍ୟୁ) : ଜିଲ୍ଲାରେ ଖାଦ୍ୟ ଯୋଗାଣ ଓ ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ, କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଧାନ କ୍ରୟର ସହାୟକ ମୂଲ୍ୟ ବୃଦ୍ଧି ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ ଭାବେ ବିବେଚିତ କରି କୃଷକ ମାନଙ୍କର ସମସ୍ତ ସୁବିଧା ନିମନ୍ତେ ଆଗାମୀ ଦିନମାନଙ୍କରେ ଧାନ ମଣ୍ଡି ଗୁଡିକର ଭିତ୍ତିଭୂମିର ଉନ୍ନତିକରଣ କରାଯିବ । ଏଥିପାଇଁ ସରକାରଙ୍କ ପକ୍ଷରୁ ୫୬୦କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ସମୀକ୍ଷା ବୈଠକରେ ମନ୍ତ୍ରୀ ସୂଚନା ପ୍ରଦାନ କରିଥଲେ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନେ ଜାଗ୍ରତ ରହିବାକୁ ସେ ପରାମର୍ଶ ଦେଇଥିଲେ । ବିଭାଗର ସ୍ୱଚ୍ଛତା ଅବଲୋମ୍ବନ ନିମନ୍ତେ ଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟାକୁ ସୁଦୃଢ଼ କରାଯିବା ସହ ବଣ୍ଟନ ଓ ଧାନ କ୍ରୟ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ ତଥା ଆସାଧୁ ବେପାରୀଙ୍କ କବଳରୁ ଚାଷୀମାନେ ମୁକ୍ତ,ଧାନ ଉଠାଣିର ୪୮ଘଣ୍ଟା ମଧ୍ୟରେ କୃଷକ ମାନଂକ ଜମାଖାତାରେ ସିଧା ସଳଖ ଅର୍ଥ ପ୍ରଦାନ, ମଣ୍ଡିରୁ ମିଲ ପର୍ଯ୍ୟନ୍ତ ପରିବହନ ସମୟରେ ଜି ପି ଏସ ବ୍ୟବସ୍ଥା କରାଯିବା ସମ୍ବନ୍ଧରେ ମନ୍ତ୍ରୀ ଆଲୋଚନା କରି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥଲେ । ୪୦୦୦ ମଣ୍ଡି ମଧ୍ୟରୁ ଆବଶ୍ୟକ ହେଉଥିବା ପ୍ରାୟତଃ ୭୦୦ ପାଖାପାଖି ମଣ୍ଡି ଗୁଡ଼ିକର ସାମାନ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ନେଇ ସୂଚନା ଦେବା ସହ ଧାନ କ୍ରୟ ଓ ଧାନ ଉଠାଣ ସମୟରେ ଯେପରି କୌଣସି ଚାଷୀ ବାଦ ପଡିବେ ନାହିଁ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନର ସହ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ମାସଠାରୁ ଉଭୟ ଚାଉଳ ଓ ଗହମ ଏକ ସଙ୍ଗେ ମିଳିବା ସହ, ଟୋକେନ୍ ବ୍ୟବସ୍ଥା, ଡିଲର୍ ମାନଙ୍କ ସମସ୍ୟା ତଥା ଘରେ ଘରେ



ବଣ୍ଟନ ବ୍ୟବସ୍ଥା,ମଣ୍ଡି ମାନଙ୍କରେ କୃଷକ ମାନଙ୍କ ପାଇଁ ପାନୀୟ ଜଳ ତଥା ସମସ୍ତ ମୌଳିକ ବ୍ୟବସ୍ଥା ଆଦିର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସମସ୍ତ କାର୍ଯ୍ୟ ସମାଧାନ କରାଯିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେଛଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତଛତ୍ରୟ ଭାଉସାହେବ ଶିନ୍ଦେ ଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା,ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର– କଟକ ବିଧାୟକ ଶ୍ ସୌଭିକ ବିଶ୍ୱାଳ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବାରବାଟି–କଟକ ବିଧାୟିକା, ଇଂ ସୋଫିଆ ଫିଁଦସ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ଜିଲ୍ଲାରେ ଧାନ କ୍ରୟ ଓ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ ସହ ଧାନମଣ୍ଡି ମାନଙ୍କରେ ସୁବ୍ୟବସ୍ଥା, ଚାଷୀ ମାନଙ୍କର ସମସ୍ତ ସୁବିଧା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସମ୍ବନ୍ଧରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେଛମୁଖ୍ୟ ଜିଲ୍ଲା ଯୋଗାଣ ଅଧକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲ୍ଲାର ଖାଦ୍ୟ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରି ସହ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀ ସଂଖ୍ୟା ୧୭ଲକ୍ଷ ୯୧ ହଜାର ଥିବା ବେଳେ ଆବେଦନ କରିଥିବା ୨ ଲକ୍ଷ ୮୭ ହଜାର ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରି ଏହି ଯୋଜନାରେ ସାମିଲ କରାଯିବା ନେଇ ମଧ ସୂଚନା ଦେଇଥିଲେଛବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ଧନ୍ୟବାଦ ଅର୍ପଣ କରିଥିଲେଛଖାଦ୍ୟ ଯୋଗାଣ ବିଭାଗର ଅଧିକାରୀ କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡି ଆର ସି ଏସ, ଏ ଆର ସି ଏସ, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ମାନେ ଆଜିର ଏହି ସମୀକ୍ଷା ବୈଠକ ଆଲୋଚନାରେ ଅଂଶଗ୍ରହଣ କରିଥଲେ ।

## ଓଏଏସ ପରୀକ୍ଷାରେ ରଶ୍ମିତାଙ୍କ ସଫଳତା

ଦଶପଲ୍ଲା(ସବ୍ୟୁ): ପ୍ରକାଶ ପାଇଛି ୨୦୨୨ ଓଏଏସ ପରୀକ୍ଷାଫଳ ଛ ଓଡିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ପ୍ରଶାସନିକ ସେବା ବା ଓଏଏସ –୨୦୨୨ ପରୀକ୍ଷାରେ ରାଜ୍ୟରେ ୬୮୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଦଶପଲ୍ଲା ର ଝିଅ ରଶ୍ମିତା ସାହୁ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ଛ ଏହି ପରୀକ୍ଷାରେ ସେ ୨୯୩ ସ୍ଥାନରେ ରହି ଏହି କୃତିତ୍ୱ ହାସଲ କରିଛନ୍ତି ଛ ପିତା ସ୍ୱର୍ଗତ ରଘୁନାଥ ସାହୁ ଓ ମାତା ବାସନ୍ତୀ ସାହୁ ଙ୍କ ସେ ଏକ ମାତ୍ର କନ୍ୟା ଅଟନ୍ତି । ସେ ଦଶପଲ୍ଲା ଦୁର୍ଗବାଜାର କଲୋନୀରେ ତାଙ୍କ ପିତାମାତାଙ୍କ ସହ ରହି ଆସୁଥିଲେ । ଦଶପଲ୍ଲା ଆର ଏମ ଜେ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ମାଟ୍ରିକ ପାସ କରିବା ପରେ ନୟାଗଡ଼ ୟୁନିଟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ରହି ୩ ପାଠପଢ଼ା ଶେଷ କରିଥିଲେ ।ପରେ ଓଏଏସ ପାଇଁ ଭୁବନେଶ୍ୱର ରେ ରହି ଏକ ଘରୋଇ କୋଚିଂ ସେଣ୍ଟର ରେ କୋଚିଂ ନେଇଥିଲେ। ଏହି ସଫଳତା ପାଇବା ପରେ ତାଙ୍କ ପରିବାର ରେ ଆନନ୍ଦ ଦେଖାଦେଇଥିବା ବେଳେ ତାଙ୍କୁ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ, ସହପାଠୀ ଓ ଦଶପଲ୍ଲା ର ବିଶିଷ୍ଟ ବ୍ୟକ୍ତି ମାନେ ଶୁଭେଚ୍ଛା ଜଣାଇଛନ୍ତି । ଏହାସହ ଦଶପଲ୍ଲା ବ୍ଲକ ବାଣୀଗୋ । ପଶୁ ଚିକିତ୍ସକ ଭାବେ କାର୍ଯ୍ୟରତ ଥିବା ସକିତା ଗୌଡ଼ ଓଏଏସ ପରୀକ୍ଷା ର ୧୦୯ ତମ ସ୍ଥାନରେ ରହି କୃତିତ୍ୱ ଲାଭ କରିଛନ୍ତି

## ଅଭ୍ୟୁଦୟ ଜିନ୍ଦଲ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କଲେ

ଭୁବନେଶ୍ୱର, (ସବ୍ୟୁ): ୧୦୦ ବର୍ଷ ପୁରାତନ ଅଗ୍ରଣୀ ସଂସ୍ଥା, ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଗତକାଲି ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲଙ୍କୁ ଏହାର ବାର୍ଷିକ ପୂର୍ଣ୍ଣାଙ୍ଗ ଅଧିବେଶନରେ ଆଇସିସିର ନୂତନ ସଭାପତି ଭାବରେ ଘୋଷଣା କରିଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ, ପୀୟୁଷ ଗୋୟଲ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ୨୦୦ରୁ ଅଧିକ ଶିଳ୍ପପତି, ସରକାରୀ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଆଇସିସି ପ୍ରଖ୍ୟାତ ଅଭିନେତ୍ରୀ, ପଦ୍ମଭୂଷଣ ଶ୍ରୀମତୀଶର୍ମିଳା ଟାଗୋରଙ୍କୁ ସମ୍ମାନିତ କରିଥିଲା । ଭାରତୀୟ ଚଳଚ୍ଚିତ୍ରଜଗତ ଏବଂ ମନୋରଞ୍ଜନ ଶିଳ୍ପକୁ ତାଙ୍କର ଅସାଧାରଣ ଅବଦାନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲା।




ଭାରତର ଭବିଷ୍ୟତ ଗଠନରେ ଯୁବ ନେତୃତ୍ୱର ଗୁରୁତ୍ୱଉପରେ ଆଲୋକପାତ କରି ମନ୍ତ୍ରୀ ପୀୟୂଷ ଗୋୟଲ ଷ୍ଟାର୍ଟଅପ୍ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବା, ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପୋଷଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇସିସିର ସଭାପତି ଭାବେ ତାଙ୍କ ନିଯୁକ୍ତି ଅବସରରେ ଅଭ୍ୟୁଦୟ ଜିନ୍ଦଲ ଆଇସିସିର ଭବିଷ୍ୟତ ପାଇଁ ତାଙ୍କ ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି କହିଥିଲେ, 'ପ୍ରାୟ ଏକ ଶତାବ୍ଦୀ ଧରି ଭାରତର ଆର୍ଥିକ ପରିଦୃଶ୍ୟକୁ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସଂସ୍ଥା, ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ନେତୃତ୍ୱଅବସର ପାଇ ମୁଁ ଅତ୍ୟନ୍ତ କୃତଜ୍ଞ । ଆର୍ଥିକ ଅଭିବୃଦ୍ଧି ଏବଂ ନବସୃଜନ ପାଇଁ ଉତପ୍ରେରକ ଭାବେ ଆଇସିସିର ଭୂମିକାକୁ ସୁଦୃଢ଼ କରିବା ହେଉଛି ମୋର ଦୂରଦୃଷ୍ଟି। ବିଭିନ୍ନ ସେକ୍ଟରଗୁଡିକରେ ମୋର ଅଭିଜ୍ଞତାରୁ ଅଙ୍କନ କରି, ମୁଁ ସଷ୍ଟେନେବଲ ବ୍ୟବସାୟିକ ଅଭ୍ୟାସ ତଥାଅ'ର୍ଭୁଚ୍ଛ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାକୁ ଏବଂ ବିଶ୍ୱ ଶିଳ୍ପରେ ଭାରତୀୟ ଶିଳ୍ପକୁ ସଶକ୍ତ କରୁଥିବା ନୀତିଗୁଡିକ ପାଇଁ ଓକିଲାତି କରିବାକୁ ଲକ୍ଷ୍ୟ ରଖିଛି । ମିଳିତ ଭାବେ, ଆମେ ୨୦୪୭ ସୁଦ୍ଧା ୩୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଭାରତର ଟାର୍ଗେଟକୁ ସମର୍ଥନ କରୁଥିବା ଏକ ଶକ୍ତିଶାଳୀ, ଅଧିକ ସ୍ଥିର ଅର୍ଥନୀତି ଗଠନ କରିବୁ।' ଏହି ଅଧିବେଶନରେ ଆଇସିସିରେ ଅନ୍ୟାନ୍ୟ ନୂତନ ନେତୃବୃନ୍ଦଙ୍କର ମଧ୍ୟ ଆଗମନ ହୋଇଥିଲା । ବ୍ରିଜଭୂଷଣ ଅଗ୍ରୱାଲ ଆଇସିସିର ବରିଷ୍ଠ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପାର୍ଥିବ ବିକ୍ରମ ନିଓଟିଆ ଆଇସିସିର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନିଓଟିଆ ଆଇସିସିର ରଣନୈତିକ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

## ପୂର୍ବତନ ଲୋକସମ୍ପର୍କ ଅଧିକାରୀଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ): ରବିବାର କଳିଙ୍ଗ ବିହାର ସ୍ଥିତ ବାସଭବନରେ ଓଡିଶାର ପୂର୍ବତନ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଦିଲ୍ଲିପ କୁମାର ମହାନ୍ତିଙ୍କ ର ୬୭ବର୍ଷ ବୟସରେ ହୃଦଘାତରେ ଦେହାନ୍ତ ହୋଇଯାଇ ଅଛିଛ ସ୍ୱର୍ଗତଃ ମହାନ୍ତି ୧୯୫୭ ମସିହାରେ କଟକ ଜିଲ୍ଲାର ସୁନ୍ଦରଗାଁ ଠାରେ ଜନ୍ମ ଗ୍ରହଣ କରିଥିଲେ । ସେ ପ୍ରଥମେ ବୌଦ୍ଧ ଜିଲ୍ଲାର ଉପ ସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ସେ ଆଠଗଡ଼,ନୟାଗଡ଼ ଜିଲ୍ଲାରେ କାର୍ଯ୍ୟ କରିବା ସହିତ ଖୋର୍ଦ୍ଧା ଜିଲ୍ଲାର ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ ଟା ସେ ଜଣେ ମେଳାପି , ନିଷ୍ଠାବାନ ଓ ଦକ୍ଷ ପ୍ରଶାସନିକ ଅଧିକାରୀ ଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ ସମ୍ପୂର୍ଣ୍ଣ କରାଯାଇଥିଲା । ମୃତ୍ୟୁ ସମୟରେ ତାଙ୍କର ଧର୍ମପତ୍ନୀ ଓ ଦୁଇ ଝିଅ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନୟାଗଡ଼ ର ବିଧାୟକ ଅରୁଣ କୁମାର ସାହୁ, ଖୋର୍ଦ୍ଧା ର ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ପୂର୍ବତନ ମନ୍ତ୍ରୀପଞ୍ଚାନନ କାନୁନଗୋ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କର ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି ।

## ଭାଗବତ ଓଡ଼ିଆଜାତିର ମହାନ ଗ୍ରନ୍ଥ



ଭୁବନେଶ୍ୱର (ସବ୍ୟୁ): ଶ୍ରୀକ୍ଷେତ୍ର ଭାଗବତମହାସଂଘ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ବାର୍ଷିକ ଅଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର କହିଲେ ଯେ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଆମ ଓଡ଼ିଆ ଜାତିର ମହାନ ଗ୍ରନ୍ଥ । ଏହା ସମସ୍ତେ ନିୟମିତ ପାଠ କରିବା ଉଚିତ୍ । ଏହା ଆମର ଜୀବନ ବେଦ ଅଟେ । କେନ୍ଦ୍ରାପଡ଼ା ସିଦ୍ଧ ବଳଦେବଜୀଉ ମନ୍ଦିର ପରିସରସ୍ଥ ରୋହିଣୀ ମଣ୍ଡପରେ ଡକ୍ଟର ଆରତି କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ବକ୍ତା ଭାବେ ହୃଷୀକେଶ ରଥ, ସମ୍ମାନିତ ବକ୍ତା ଭାବେ ବସନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପର୍ଶୁରାମ ଦ୍ୱିବେଦୀ ଓ ଅଧ୍ୟାପକ ଭଗବାନ ପତ୍ରୀ, ଶିଶିର କୁମାର ମହାପାତ୍ର, ବିରଜ । ପ୍ରସାଦ ଶତପଥୀ ଆଦି ଯୋଗଦାନ କରି ନିଜସ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶଙ୍ଖ ହୁଳହୁଳି ହରିବୋଲ ମାଧ୍ୟମରେ ଭାଗବତ ପୂଜନ ଓ ବନ୍ଦାପନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସବିତା ହାତୀ ,କଳ୍ପନା ମିଶ୍ର, ଶୈଳବାଳା ପରିଡା, ନିଶିଗନ୍ଧା ପଟ୍ଟନାୟକ ସୁରପ୍ରିୟା ଦାଶ, ନିହାରିକା ସ୍ୱାଇଁ,ମଧୁଛନ୍ଦା ଦାସ,ଶୁଭସ୍ମିତା ପଟ୍ଟନାୟକ, ସୁମନ୍ତ ହାତୀ, ଶୁଭେନ୍ଦୁ ପରିଡା ଆଦି ପରିଚାଳନ କରିଥିଲେଛ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧର୍ମ–ଅର୍ଥ–କାମ–ମୋକ୍ଷ ପ୍ରାପ୍ତି ପାଇଁ ପ୍ରତ୍ୟେକ ବ୍ୟକ୍ତି ନିୟମିତ ଭାବରେ ପାଠ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାମନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୪

## ଭାରତକୁ ଏକ ବିଶ୍ୱ ଏଆଇ ପାୱାରହାଉସ ଭାବରେ ପ୍ରତିଷ୍ଠା କରିବାକୁ ଯାଉଛି

ଭୁବନେଶ୍ୱର (ସବ୍ୟୁ): ଆର୍ଟିଫିସିଆଲ ଇଟେଲିଜେନ୍ସ (ଏଆଇ) କେବଳ ଚର୍ଚ୍ଚାର ବିଷୟ ପାଲଟିନାହିଁ, ବରଂ ଏହା ସାଇବର ସିକ୍ୟୁରିଟି, ସେମିକଣ୍ଡକ୍ଟର, ବ୍ରଡକାଷ୍ଟିଂ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ସମେତ ଅନେକ କ୍ଷେତ୍ରରେ ପ୍ରୟୋଗ କରାଯାଉଥିବା ଟେକ୍ନୋଲୋଜିର ଏକ ଅନ୍ତର୍ନିହିତ ଅଂଶ ପାଲଟିଛି । ଏସଏପି ଅନୁଯାୟୀ, ୯୬ ପ୍ରତିଶତ ଭାରତୀୟ ମଧ୍ୟମ ବଜାର ସଂସ୍ଥା ଜେନେରେଟିଭ୍ ଏଆଇକୁ ପସନ୍ଦ କରୁଥିବା ବେଳେ ବିଶ୍ୱସ୍ତରରେ ଏହା ୯୧ ପ୍ରତିଶତ ରହିଛି। ଏହି ପରିପ୍ରେକ୍ଷୀରେ ଭାରତ ବିଶ୍ୱର ଏଆଇ ପାୱାରହାଉସ୍ ଭାବେ ଉଭା ହେବାକୁ ପ୍ରସ୍ତୁତ ରହିଛି। ଭାରତ ସରକାର ସମସ୍ତଙ୍କ ପାଇଁ ଏଆଇ ଏବଂ ଜାତୀୟ ଏଆଇ ରଣନୀତି ପରି ବଡ ପଦକ୍ଷେପ ମଧ୍ୟ ନେଉଛନ୍ତି । ଯାହା ସାମାଜିକ ଲାଭ ପାଇଁ ଏଆଇକୁ ବ୍ୟବହାର କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦର୍ଶାଏ । ଗତ କିଛି ବର୍ଷ ମଧ୍ୟରେ ଆର୍ଟିଫିସିଆଲ ଇଟେଲିଜେନ୍ସ କ୍ଷେତ୍ରରେ ଭାରତ ଉଦ୍ଭାବନ, ବ୍ୟାପକ ଏବଂ କାର୍ଯ୍ୟକାରିତାର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇଛି । ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଅଷ୍ଟମ ସଂସ୍କରଣ ଭାରତକୁ ଏଆଇର ଏକ ବିଶ୍ୱସ୍ତରୀୟ ମୂଳହୁଆ ଭାବରେ ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରୁଛି ଏବଂ ଶିଳ୍ପଗୁଡ଼ିକରେ ଏହାର ଜବରଦସ୍ତ ପ୍ରଭାବ ରହିଛି । ଚଳିତ ବର୍ଷର ଥିମ୍ ଭବିଷ୍ୟତ ଏବେଦ୍ଧ୩୯ ସହିତ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୪ ଅନୁସନ୍ଧାନ କରିବ ଯେ ଏଆଇ କିପରି ଏକ ପ୍ରେରକ ଶକ୍ତିରେ ପରିଣତ ହୋଇଛି ଯାହା ଆଜି ଆମ ବିଶ୍ୱକୁ ଆକାର ଦେଉଛି, ସାରା ବିଶ୍ୱର ନେତା, ଦୂରଦର୍ଶୀ ଏବଂ ଉଦ୍ଭାବକମାନଙ୍କୁ ଏକାଠି କରୁଛି। ମାନ୍ୟବର ଯୋଗାଯୋଗ ମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ନିକଟରେ ଉନ୍ମୋଚନ କରିଥିବା ବୈଷୟିକ ବିକାଶର କେନ୍ଦ୍ରରେ ଭାରତ କିପରି ଠିଆ ହୋଇଛି ତାହା ଉପରେ ଚଳିତ ବର୍ଷର ବିଷୟବସ୍ତୁ ଆଲୋକପାତ କରିଛି । ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ଉତ୍ପାଦନ ଭଳି କ୍ଷେତ୍ରରେ ଏଆଇର ବ୍ୟବହାର ବୃଦ୍ଧି ପାଉଥିବାରୁ ଆଇଏମସି ୨୦୨୪ ଏହି ଡିଜିଟାଲ ଏବଂ ବୈଷୟିକ ବିକାଶରେ ଭାରତର ଭୂମିକାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତମ ସୁଯୋଗ ପ୍ରଦାନ କରିବ । ଇଣ୍ଡିଆ ମୋବାଇଲ ୍ କଂଗ୍ରେସର ପରବର୍ତି ସଂସ୍କରଣରେ ଆଲୋଚନାର ପରିସରକୁ ବ୍ୟାପକ କରିବା ଏବଂ ଏଆଇ ଉପରେ ଅଧିକ ଗୁରୁତ୍ୱ ଦେବାକୁ




ଚେଷ୍ଟା କରାଯିବା। ଚଳିତ ବର୍ଷ ଅକ୍ଟୋବର ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ଆଇଏମ୍‌ସି ୨୦୨୪ ଆୟୋଜନ କରିବାକୁ ପ୍ରସ୍ତାବ ରହିଛି, ଯେଉଁଥିରେ ୪୦୦ରୁ ଅଧିକ କମ୍ପାନି ୯୦୦ରୁ ଅଧିକ ବ୍ୟବହାର ମାମଲା ପ୍ରଦର୍ଶନ କରିବେ ଏବଂ ୬୦୦ରୁ ଅଧିକ ଅନ୍ତର୍ଜାତୀୟ ଏବଂ ଘରୋଇ ବକ୍ତାଙ୍କ ସହ ୧୦୦ରୁ ଅଧିକ ଅଧିବେଶନ ଆୟୋଜନ କରିବେ। ଏହି ଅଧିବେଶନଗୁଡ଼ିକ ମଧ୍ୟରୁ ଅଧିକାଂଶ ନେଟୱାର୍କ ଏବଂ ଚିପ୍ସେଷ୍ଟ, ନୈତିକ ଏଆଇ, ଏଆଇ ଫର୍ ଗୁଡ୍ ବିଷୟଉପରେ ଧ୍ୟାନ ଦେବ ଏବଂ ଏହା ମଧ୍ୟ ପ୍ରଦର୍ଶନ କରିବ ଯେ ଆର୍ଟିଫିସିଆଲ ଇଟେଲିଜେନ୍ସ କେବଳ ନୂତନ ଚିନ୍ତାଧାରା ଏବଂ ବିଭିନ୍ନ ଶିଳ୍ପରେ ବିପ୍ଳବ ଆଣିବା ପଛରେ ଏକ ପ୍ରେରକ ଶକ୍ତି ନୁହେଁ, ବରଂ ପ୍ରଭାବଶାଳୀ ଏବଂ ବାସ୍ତବ ସମାଧାନ ପ୍ରଦାନ କରୁଥିବା ବିଦ୍ୟମାନ ଆହ୍ୱାନର ସମାଧାନ ପାଇଁ ଏହା ଏକ ବ୍ୟବହାରିକ ଉପକରଣ ମଧ୍ୟ ଅଟେ । ଶିଳ୍ପ ଅଂଶଗ୍ରହଣ ବ୍ୟତୀତ ଆଇଏମସି ୨୦୨୪ରେ ୧୫ରୁ ଅଧିକ ମନ୍ତ୍ରଣାଳୟ ଅଂଶଗ୍ରହଣ କରି ସେମାନଙ୍କ ବୁଥ୍ ସ୍ଥାପନ କରିବେ ଏବଂ ଏଆଇକୁ ସେମାନଙ୍କ ବିଭାଗରେ କିପରି ସମନ୍ୱିତ କରାଯାଉଛି ତାହା ପ୍ରଦର୍ଶିତ କରିବେ ବୋଲି ଆଶା କରାଯାଉଛି। ଏହା ସହିତ ଇଣ୍ଡିଆ ମୋବାଇଲ କଂଗ୍ରେସର ଫ୍ଲାଗସିପ୍ ଷ୍ଟାର୍ଟଅପ୍ ପ୍ରୋଗ୍ରାମ ଆସ୍ପାୟାର ଏଆଇ ଏବଂ ଜେନ୍ ଏଆଇ ଭିତ୍ତିକ ଷ୍ଟାର୍ଟଅପ୍ ଉପରେ ମଧ୍ୟ ଧ୍ୟାନ ଦେବ ଯେଉଁଠାରେ ବିଭିନ୍ନ ଶିଳ୍ପରେ ଏଆଇ ଆଧାରିତ ଆପ୍ଲିକେସନ୍ ଉପରେ ଧ୍ୟାନ ଦେଉଥିବା ୧୪୦ରୁ ଅଧିକ ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିବେ। ଏହା ଉଦ୍ୟୋଗୀ ଏବଂ ନିବେଶକଙ୍କ ମଧ୍ୟରେ ଯୋଗାଯୋଗକୁ ସହଜ କରିବ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ସେମାନଙ୍କର ଉଦ୍ଭାବନପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ । ଏହି ପଦକ୍ଷେପ ଭାରତରେ ଏଆଇ ଏବଂ ଅନ୍ୟାନ୍ୟ ଇକୋସିଷ୍ଟମର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ଏବଂ ଏକ ବିଶ୍ୱସ୍ତରୀୟ ନେତୃତ୍ୱ ଭାବରେ ଟେକ୍ନୋଲୋଜିରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଏଆଇ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ଏହି ଫୋରମରେ ୫ଜି/୬ଜି ମାମଲା, ଖୋଲା ଏପିଆଇ, ସ୍ୱୟଂଶାସିତ ନେଟୱାର୍କ, ଡାଟା ସେଟ୍‌ର, କ୍ଲାଉଡ କମ୍ପ୍ୟୁଟିଂ, ଇଣ୍ଡଷ୍ଟ୍ରି ୪.୦, ନେକ୍ସଟ ଜେନ ଡିଭାଇସ, ନେଟୱାର୍କ ଏବଂ ସାଇବର ସିକ୍ୟୁରିଟି, ରୋବୋଟିକ୍ସ ଇତ୍ୟାଦି ବିଷୟରେ ଆଲୋଚନା କରାଯିବ । ଆଇଏମସି ୨୦୨୪ ଆଜି ଏବଂ ଆଗାମୀ ବର୍ଷଗୁଡ଼ିକରେ ଶିଳ୍ପଉପରେ ଏଆଇ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାଗୁଡିକର ପରିବର୍ତ୍ତନକାରୀ ପ୍ରଭାବ ପ୍ରଦର୍ଶନ କରିବ ।

## ଓଡିଶା ସିନେ ୱାର୍କର୍ସ ଆସୋସିଏସନ୍‌ର ୧୦ମ ସିନେ ଆୱାର୍ଡ ଉତ୍ସବ



ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଜୟଦେବ ଭବନ ଠାରେ ଓଡିଶା ସିନେ ୱାର୍କର୍ସ ଆସୋସିଏସନର ୧୦ମ ସିନେ ଆୱାର୍ଡ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁମ୍ବାଇ ସିନେ ୱାର୍କର୍ସ ଆସୋସିଏସନର ସଭାପତି ସୁରେଶ ଶ୍ୟାମଲାଲ ଗୁପ୍ତା, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସିନେ କଳାକାର ଅଶ୍ରୁମୋଚନ ମହାନ୍ତି, ସଂଘର ଉପଦେଷ୍ଟା ଶ୍ୟାମା ପ୍ରସାଦ ମିଶ୍ର, ଡଃ ରଜନୀ ରଞ୍ଜନ, ପ୍ରଶାନ୍ତ ପାଢ଼ୀ, ପୁଷ୍ପା ପଣ୍ଡା, ପିଙ୍କି ପ୍ରଧାନ, ଡଃ ବନ୍ଦନା ହରିଚନ୍ଦନ, ସଭାପତି ବବି ମିଶ୍ର ମିଶ୍ର, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଓଡିଶାର ବିଭିନ୍ନ କୋଣରୁ ଆସିଥିବା ୧୦୦ ଜଣ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ତାସହିତ ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ରେବତୀ ଓ ଦୁର୍ଗାର ପ୍ରଯୋଜକ ତଥା କଳାକାରଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା । ପ୍ରଯୋଜକ ରମେଶ ବାରିକ, ପ୍ରିତମ, ଅଭିନେତ୍ରୀ ଶୀତଲ ପାତ୍ର, ଅନନ୍ୟା, ଶକ୍ତି ବରାଳ, ଅଭିଷେକ ଗିରି, ଉପସ୍ଥାପକ କେପି ପ୍ରମୁଖଙ୍କୁ ଉତ୍ସବରେ ସମ୍ମାନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ବେଙ୍ଗାଲୁରୁ ଟେଷ୍ଟ**

# ନ୍ୟୁଜିଲାଣ୍ଡର ସହଜ ବିଜୟ

ବେଙ୍ଗାଲୁରୁ,୨୦।୧୦ (ଏଜେନ୍ସି): ବେଙ୍ଗାଲୁରୁ ଟେଷ୍ଟକୁ ନ୍ୟୁଜିଲାଣ୍ଡ ହାତେଇ ନେଇଛି । ସଂଘର୍ଷ ସତ୍ତ୍ୱେ ଭାରତ ହାତରୁ ମ୍ୟାଚ ଖସି ଯାଇଛି । ଫଳରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୧-୦ରେ ଶୃଙ୍ଖଳା ଆଗୁଆ ହୋଇଛି । ବର୍ଷା ବାଧକ ଏହି ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ଭାରତ ୧୦୭ ରନ୍‌ର ଟାର୍ଗେଟ୍ ଦେଇଥିଲା । ଯାହାକୁ ସହଜରେ ହାସଲ କରିନେଇଛି ନ୍ୟୁଜିଲାଣ୍ଡ । ୮ ୱିକେଟ୍‌ରେ ନ୍ୟୁଜିଲାଣ୍ଡ ଏହି ମ୍ୟାଚ ଜିତିଛି । ଭାରତ ପ୍ରଥମ ଇନିଂସରେ ୪୬ ରନ୍ ଜିତିଥିବା ବେଳେ ନ୍ୟୁଜିଲାଣ୍ଡ ୪୦୨ ରନ୍ କରି ବଡ଼ ଅଗ୍ରଣୀ ହାସଲ କରିଥିଲା । ଦ୍ୱିତୀୟ ପାଳିରେ ଭାରତ ୪୬୨ରନ୍ କରି ନ୍ୟୁଜିଲାଣ୍ଡ ସମ୍ମୁଖରେ ୧୦୭ ରନ୍‌ର ଟାର୍ଗେଟ୍ ସେଟ କରିଥିଲା । ଏହି ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୧୧୦/୨ ରନ୍ କରି ହାସଲ କରିନେଇଛି ।

ଗତ ୧୬ ତାରିଖରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ଆରମ୍ଭ ହୋଇଥିଲା । ପ୍ରବଳ ବର୍ଷା କାରଣରୁ ପ୍ରଥମ ଦିନର ଖେଳ ସମ୍ପୂର୍ଣ୍ଣରୂପେ ଧୋଇ ଯାଇଥିଲା । ଏହାପରେ ଦ୍ୱିତୀୟ ଦିନରେ ମ୍ୟାଚ ଆରମ୍ଭ ହୋଇଥିବା ବେଳେ ଟସ୍ ଜିତି ରୋହିତ ଶର୍ମା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ତାଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା । ପ୍ରଥମ ଇନିଂସରେ ଦଳ ସବୁଠାରୁ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା । ମାତ୍ର ୪୬ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା ଟିମ୍ ଇଣ୍ଡିଆ । ଦଳର ୫ ଜଣ ଖେଳାଳି ଖାତା ଖୋଲିପାରିନଥିଲେ । ଏହାପରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଜଗିରଖି ଖେଳିବା ସହ ବଡ଼ ସ୍କୋର କରିଥିଲା । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୪୦୨ ରନ୍ କରିଥିଲା । ଦଳ ପକ୍ଷରୁ ରଚିନ ରବିନ୍ଦ୍ର ୧୩୪ ରନ୍‌ର ଶତକୀୟ ଇନିଂସ ଖେଳିଥିଲେ । ଦେବନ କନୱେ ୯୧ ରନ୍ କରିଥିଲେ । ଏହାପରେ ଦ୍ୱିତୀୟ ଇନିଂସରେ ଭାରତ ଲଢ଼ିଥିଲା । ଦିନିକିଆ ମ୍ୟାଚ ଭଳି ଭାରତୀୟ ବ୍ୟାଟର ଖେଳିଥିଲେ । ୪୦୨ ରନ୍‌ର ସ୍କୋରକୁ ପୂରଣ କରିବା ସହ ବଡ଼ ଟାର୍ଗେଟ୍ ଦେବା ପାଇଁ ଭାରତ ଲାଗି କଷ୍ଟକର ଥିଲା । ଟିମ୍ ଇଣ୍ଡିଆ ଦ୍ୱିତୀୟ ଇନିଂସରେ ୪୬୨ ରନ୍ କରିଥିଲା । ସର୍ଫରାଜ ଖାନ୍ ୧୫୦ ରନ କରିଥିଲେ । ରିଷଭ ପନ୍ତ ୯୯, ବିରାଟ କୋହଲି ୭୦, ରୋହିତ ଶର୍ମା ୫୨, ଯଶସ୍ୱୀ ଜୟସ୍ୱାଲ ୩୫, ଅଶ୍ୱିନ ୧୫, ରାହୁଲ ୧୨, ଜାଡେଜା ୫ ଓ କୁଲଦୀପ ଅପରାଜିତ ୬ ରନ୍ କରିଥିଲେ ।



## ୧୯୮୮ରେ ନ୍ୟୁଜିଲାଣ୍ଡ ଭାରତ ମାଟିରେ ଜିତିଥିଲା

ଦୀର୍ଘ ୩୬ ବର୍ଷ ପରେ ନ୍ୟୁଜିଲାଣ୍ଡ ଦଳ ଭାରତ ମାଟିରେ ଟେଷ୍ଟ ମ୍ୟାଚ ଜିତିଛି । ଭାରତକୁ କୌଣସି ଟେଷ୍ଟ ମ୍ୟାଚରେ ଭାରତ ମାଟିରେ ହରାଇ ନୂଆ ରେକର୍ଡ କରିଛି ଭ୍ରମଣକାରୀ ଦଳ । ବେଙ୍ଗାଲୁରୁରେ ଖେଳାଯାଇଥିବା ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ବିଜୟୀ ହୋଇ ଏକାଧିକ ରେକର୍ଡ କରିଛି । ଭାରତକୁ ପରାଜିତ କରି ନ୍ୟୁଜିଲାଣ୍ଡ ୧୯୮୮ ପରେ ପ୍ରଥମଥର ପାଇଁ କୌଣସି ଟେଷ୍ଟ ମ୍ୟାଚରେ ଭାରତରେ ଜିତିଛି । ୧୯୮୮ରେ ନ୍ୟୁଜିଲାଣ୍ଡ ଯେତେବେଳେ ବିଜୟୀ ହୋଇଥିଲା ସେତେବେଳେ ଦଳରେ ଥିବା ପ୍ରାୟ ଅଧିକାଂଶ ଖେଳାଳି ଜନ୍ମ ହୋଇନଥିଲେ । କେବଳ ଏଜାଜ ପଟେଲ ମାସକର ହୋଇଥିଲେ । ତାଙ୍କୁ ଛାଡି ଦେଲେ ବିଜୟୀ ଦଳର କୌଣସି ସଦସ୍ୟ ଜନ୍ମ ହୋଇନଥିଲେ । ଭାରତ ମାଟିରେ ନ୍ୟୁଜିଲାଣ୍ଡକୁ କେବଳ ୩ ଜଣ ଅଧିନାୟକ ଜିତାଇବାକୁ ସକ୍ଷମ ହୋଇଥିଲେ । ୧୯୬୮ରେ ଗ୍ରାହାମ୍ ଡୋୱୋଲିଙ୍ଗଙ୍କ ଦଳ ନାଗପୁରରେ ପ୍ରଥମ ବିଜୟ ହାସଲ କରିଥିଲା । ଏହାର ୨୦ ବର୍ଷ ପରେ ଅର୍ଥାତ୍ ୧୯୮୮ରେ ଜନ ରାଇଟଙ୍କ ନ୍ୟୁଜିଲାଣ୍ଡ ଦଳ ମୁମ୍ବାଇରେ ଐତିହାସିକ ବିଜୟ ହାସଲ କରିଥିଲା । ଏହି କ୍ଲବରେ ଏବେ ଟମ୍ ଲାଥମ ଯୋଡି ହୋଇଛନ୍ତି । ତାଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ୩୬ ବର୍ଷ ପରେ ବିଜୟର ସ୍ୱାଦ ଚାଖିଛି । ଘରୋଇ ମାଟିରେ ଭାରତ ସବୁ ବେଳେ ନିଜର ଦବଦବା ଦେଖାଇ ଆସିଥିଲା । ବେଙ୍ଗାଲୁରୁରେ ନ୍ୟୁଜିଲାଣ୍ଡ ଦଳ ଭାରତକୁ ଚିତପଟାଙ୍ଗ କରିଦେଇଛି । ପ୍ରଥମ ଇନିଂସ ବିପର୍ଯ୍ୟୟ ପରେ ଭାରତ ଦ୍ୱିତୀୟ ଇନିଂସରେ ସ୍ଥିତି ସୁଧାରି ଥିଲା । ହେଲେ ପରାଜୟକୁ ଏଡାଇ ପାରିନାହିଁ । ଦୀର୍ଘ ୬୯ ବର୍ଷର ଇତିହାସ ମଧ୍ୟରେ ନ୍ୟୁଜିଲାଣ୍ଡ ଭାରତରେ ତୃତୀୟ ବିଜୟ ହାସଲ କରିଛି ।

## ରିଷଭଙ୍କ ମନୋବଳ ବଢ଼ାଇଲେ ବାନ୍ଧବୀ ଇଶା

ବେଙ୍ଗାଲୁରୁ ଟେଷ୍ଟରେ ୧୦୫ ବଲ୍‌ରେ ୯୯ ରନ୍ କରି ଆଉଟ୍ ହେବାପରେ ରିଷଭ ପନ୍ତଙ୍କ ମନୋବଳ ଭାଙ୍ଗି ଯାଇଥିଲା । କେବଳ ଗୋଟିଏ ରନ୍ ପାଇଁ ସେ ଶତକରୁ ବଞ୍ଚିତ ହୋଇଥିଲେ । ପନ୍ତଙ୍କ ବାନ୍ଧବୀ ଇଶା ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ ସେୟାର କରିଛନ୍ତି ଯାହା ଖୁବ୍ ଭାଇରାଲ ହୋଇଛି । ଇଶା ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରୀରେ ପନ୍ତଙ୍କ ଫଟୋ ସେୟାର କରିଥିଲେ । ଏହାସହ ସେ ଲେଖିଥିଲେ ଗୋଲ୍ଡେନ୍ ବଏ ଓ ନଜର ନଲାଗିବା ପାଇଁ ଏକ ଇମୋଜୀ ରଖିଥିଲେ । ଇଶାଙ୍କର ଏହା ପ୍ରଥମ ପୋଷ୍ଟ ନୁହେଁ, ପୂର୍ବରୁ ମଧ୍ୟ ପନ୍ତଙ୍କ ସୋସିଆଲ ମିଡିଆରେ ଅନେକ ଫଟୋ ସେୟାର କରିଛନ୍ତି । ଭାରତୀୟ ଟେଷ୍ଟ କ୍ରିକେଟ୍‌ରେ ୧୨ ବର୍ଷ ପରେ ୱିକେଟ୍ କିପରଙ୍କ ସହ ଏପରି ଘଟିଥିଲା । ୯୯ ରନ୍ କରି ପନ୍ତ ଆଉଟ୍ ହୋଇଥିଲେ । ୨୦୧୨ରେ ମଧ୍ୟ ଧୋନୀ ୯୯ ରନ୍‌ରେ ଆଉଟ୍ ହୋଇଥିଲେ ।



## ଭାବନ୍ତୁ ନାହିଁ ଯେ ସବୁ କିଛି ସରିଗଲା: ରୋହିତ

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସର ସେହି ୩ ଘଣ୍ଟା ଭୁଲି ଯାଆନ୍ତୁ । ୪୬ ରନ୍‌ରେ ଅଲ୍‌ଆଉଟ୍ ହେବା ଦଳର ଖେଳାଳିଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇବା ଉଚିତ ନୁହେଁ । ଗୋଟିଏ ଇନିଂସ ଆଧାରରେ ଖେଳାଳିଙ୍କ ବିଷୟରେ କୌଣସି ନିର୍ଣ୍ଣୟ ନେବା ଅନୁଚିତ । ଦଳ ଦ୍ୱିତୀୟ ଇନିଂସରେ ଦମ୍‌ଦାର ପ୍ରଦର୍ଶନ କରି ୪୬୨ ରନ୍ କରିଥିଲା । ଗୋଟିଏ ଖରାପ ସେସନ ଦଳର କ୍ଷମତା ସ୍ଥିର କରିନଥାଏ । ଏଭଳି କହିଛନ୍ତି ଅଧିନାୟକ ରୋହିତ ଶର୍ମା । ସତ କହିବାକୁ ଗଲେ ମୁଁ ଏହି ଟେଷ୍ଟ ମ୍ୟାଚ ଉପରେ ଅଧିକ ଧ୍ୟାନ ଦେବାକୁ ଚାହୁଁ ନାହିଁ । କାରଣ ଦଳରେ ସର୍ବଦା ସକରାତ୍ମକ ମାହୋଲ ବଜାଇ ରଖିବା ଜରୁରୀ । ଦ୍ୱିତୀୟ ଇନିଂସରେ ଭଲ ବ୍ୟାଟିଂ କରି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାର ବାଟ ଖୋଲିଥିଲେ । ଆମେ ଟେଷ୍ଟ ହାରିଲେ ହେଁ ମୋତେ ଲାଗୁଛି । ମ୍ୟାଚରେ ବହୁତ କିଛି ସକରାତ୍ମକ ଦିଗ ଶିଖିବାକୁ ପାଇବେ । ଏତଦ୍ ବ୍ୟତୀତ ରୋହିତ ଭୁଲ ସ୍ୱୀକାର କରିଛନ୍ତି । ଟସ୍ ପରେ ପ୍ରଥମେ ବ୍ୟାଟିଂ କରିବାର ନଥିଲା ବୋଲି ରୋହିତ କହିଛନ୍ତି । ଆଗାମୀ ମ୍ୟାଚକୁ ନେଇ ଚିନ୍ତିତ ହେବା ଆବଶ୍ୟକତା ନାହିଁ । ଛୋଟ ଛୋଟ ତ୍ରୁଟି କରିଛୁ ତାହାର ପରିଣାମ ଭୋଗିବାକୁ ପଡିଲା । ଏହାର ଅର୍ଥ ନୁହେଁ ଯେ ସବୁ କିଛି ଶେଷ ହୋଇଗଲା । ଆମେ ପୂର୍ବରୁ ମଧ୍ୟ ଏପରି ମ୍ୟାଚ ହାରିଛୁ, ପ୍ରତ୍ୟାବର୍ତ୍ତନ କରୁଛି । ଏଥିପାଇଁ ଆମେ ଅଧିକ ଚିନ୍ତା ନକରି ୨୪ରୁ ପୁନେରେ ଆରମ୍ଭ ହେବାକୁଥିବା ଦ୍ୱିତୀୟ ଟେଷ୍ଟ ଉପରେ ଧ୍ୟାନ ଦେଉଛୁ ।



## ଦ୍ୱିତୀୟ ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆର ପରିବର୍ତ୍ତନ

ନୂଆଦିଲ୍ଲୀ,୨୦।୧୦ (ଏଜେନ୍ସି): ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ତାରକା ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ଦଳରେ ସାମିଲ କରାଯାଇଛି । ୱାଶିଂଟନ ସୁନ୍ଦର ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମ୍ୟାଚ ପାଇଁ ଦଳରେ ସାମିଲ ହୋଇଛନ୍ତି । ବେଙ୍ଗାଲୁରୁ ଟେଷ୍ଟ ହାରିବାର କିଛି ଘଣ୍ଟା ପରେ ହାରିବାର କିଛି ଘଣ୍ଟା ପରେ ସୁନ୍ଦରଙ୍କୁ ଭାରତୀୟ ଦଳରେ ସାମିଲ କରାଯିବାର ଖବର ସାମ୍ନାକୁ ଆସିଛି । ବିସିସିଆଇ ପକ୍ଷରୁ ଟ୍ୱିଟରରେ ଏଭଳି ସୂଚନା ଦିଆଯାଇଛି । ୨୦୨୧ରେ ୱାଶିଂଟନ ସୁନ୍ଦର ଇଂଲଣ୍ଡ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ । ଏପର୍ଯ୍ୟନ୍ତ ଭାରତ ପାଇଁ ୪ଟି ଟେଷ୍ଟ ଖେଳିଛନ୍ତି । ୬ଟି ଇନିଂସରେ ୨୬୫ ରନ୍ କରିଥିବା ବେଳେ ଏଥିରେ ୩ଟି ଅର୍ଦ୍ଧଶତକ ରହିଛି । ଟେଷ୍ଟରେ ସେ ୯୬ ରନ୍‌ର ସର୍ବୋଚ୍ଚ ଇନିଂସ ଖେଳିଛନ୍ତି । ୬ ୱିକେଟ୍ ମଧ୍ୟ ଅକ୍ତିଆର କରିଛନ୍ତି ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ ବୁମରା, ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ, ବିରାଟ୍ କୋହଲି, ଲୋକେଶ ରାହୁଲ, ସର୍ଫରାଜ ଖାନ୍, ରିଷଭ ପନ୍ତ, ଧ୍ରୁବ ଜୁରେଲ, ରବି ଚନ୍ଦ୍ରନ ଅଶ୍ୱୀନ, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଆକାଶଦୀପ ଓ ୱାଶିଂଟନ ସୁନ୍ଦର ।



## ୫ଟି କାରଣ ଯୋଗୁଁ ହାରିଲା ଟିମ୍ ଇଣ୍ଡିଆ

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ୮ ୱିକେଟ୍‌ରେ ପରାଜିତ ହୋଇଛି । ଭାରତ ୫ଟି ଭୁଲ ଯୋଗୁଁ ଏକ ନିଶ୍ଚିତ ବିଜୟ ସୁଯୋଗ ହାତଛଡା କରିଥିଲା ।

୧- ଟସ୍: ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ପୂର୍ବଦିନ ବର୍ଷା ହୋଇଥିଲା । ଏବଂ ପିଚକୁ କଭର କରି ରଖାଯାଇଥିଲା । ଅଂଶିକ ଓଦା ଥିବା ପିଚର ଫାଇଦା ନ୍ୟୁଜିଲାଣ୍ଡ ବୋଲର ଉଠାଇଥିଲେ ।




୨- ୩ ସ୍ପିନର ଖେଳାଇବା: ଭାରତୀୟ ଦଳ ୩ ସ୍ପିନର ସହିତ ପଡିଆକୁ ଓହ୍ଲାଇଥିବା ବେଳେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କ ଉପରେ ଭରଷା ରଖିଥିଲା । ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଓ ରୋହିତଙ୍କ ନିଷ୍ପତ୍ତି ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଥିଲା ।

୩- ଆକାଶଦୀପଙ୍କ ନଖେଳାଇବା: ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଭାରତର ପ୍ରମୁଖ



ଦ୍ରୁତ ବୋଲର । ତେବେ ଆକାଶଦୀପଙ୍କ ୱିକେଟ୍ ନେବା ଦକ୍ଷତା ସମସ୍ତଙ୍କୁ ପ୍ରଭାବିତ କରିଛି । ସିରାଜ ୱିକେଟ୍ ନହାସଲ କରିନପାରିବା ଭାରତକୁ ହରଡଘଣାରେ ପକାଇଥିଲା ।

୪- ରାହୁଲ ଫ୍ଲପ୍: ବାରମ୍ବାର ଫ୍ଲପ୍ ହେବା ସତ୍ତ୍ୱେ ଲୋକଶ ରାହୁଲଙ୍କ ସୁଯୋଗ ଦେବା ଟିମ୍ ଇଣ୍ଡିଆକୁ ଅସୁବିଧାରେ ପକାଇଛି । ୨୦୨୧ ପରେ ଟେଷ୍ଟ କ୍ରିକେଟ୍‌ରେ ସେଭଳି ଖାସ୍ ପ୍ରଦର୍ଶନ କରିନାହାନ୍ତି । ବେଙ୍ଗାଲୁରୁ ଟେଷ୍ଟରେ ସେ ୦ ଓ ୧୨ ରନ୍ କରିଥିଲେ ।

୫- ସିରାଜ ୱିକେଟ୍ ହାସଲ କରିନପାରିବା: ଗୁରୁତ୍ୱପୂର୍ଣ୍ଣ ସମୟରେ ହାସଲ କରିନପାରିବା ମହମ୍ମଦ ସିରାଜଙ୍କ ବଡ ଦୁର୍ବଳାତା ଭାରତ ପରିଗଣିତ ହୋଇଛି । ସେ ଚଳିତ ବର୍ଷ ୧୬ଟି ଇନିଂସରେ ୧୯ଟି ୱିକେଟ୍ ନେଇଛନ୍ତି । ଅକ୍ଷର ପଟେଲ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପରେ ସିରାଜଙ୍କ ୱିକେଟ୍ ନେବା ଷ୍ଟ୍ରାଇକରେଟ ନିରାଶଜନକ ରହିଛି ।

## ୫ ଜଣଙ୍କୁ ସ୍ପୋର୍ଟ୍ସ ଲଗଅନ ପୁରସ୍କାର

ଭୁବନେଶ୍ୱର,୨୦।୧୦ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ଟେନିସ ସେଣ୍ଟର୍ ଅଡିଟୋରିୟମ ଠାରେ ସ୍ପୋର୍ଟ୍ସ ଲଗଅନ୍ ପୁରସ୍କାର ୨୦୨୪ ପ୍ରଦାନ ଉତ୍ସବ ବହୁ ଆଡ଼ମ୍ବରରେ ଶେଷ ହୋଇଛି । ୫ଟି ବର୍ଗରେ ସ୍ପୋର୍ଟ୍ସ ଲଗଅନ ପୁରସ୍କାର ପ୍ରଦାନ କରାଯାଉଛି । ସେହି ପୁରସ୍କାର ମଧ୍ୟରୁ ଗୋଟିଏ ହେଉଛି କୁମୁଦିନୀ ମିଶ୍ର କ୍ରୀଡା ପ୍ରତିଭା ପୁରସ୍କାର । ଏହି ପୁରସ୍କାର ଗ୍ରହଣ କରିଚନ୍ତି ସନ୍ତରଣର ଭବିଷ୍ୟତ ମୋଷ୍ଟ ଟ୍ୟାଲେଣ୍ଟଡ ସୁଇମର୍ ମନତା ମିଶ୍ର । ଏହି ପୁରସ୍କାର ବାବଦକୁ ୧୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି ।




ସେହିପରି ସ୍ପୋର୍ଟ୍ସ ଲଗଅନ ଉଦିୟମାନ କ୍ରୀଡାବିତ ଭାବେ ପୁରସ୍କାର ଗ୍ରହଣ କଲେ ପାରାଆଥଲେଟ ସୁଚିତ୍ରା ପରିଡ଼ା । ସୁଚିତ୍ରା ୱିଲ ଚେୟାରରେ ବସି ଓଡିଶା ପାଇଛ ଅନେକ ଜାତୀୟ ଏବଂ ଆନ୍ତର୍ଜାତୀୟ ପ୍ରତିଯୋଗତା ରେ ପଦକ ଜିଣିଛନ୍ତି ।୨୦୨୩ ଓ ୨୪ ବର୍ଷର ସ୍ପୋର୍ଟସ ଲଗଅନ ଶ୍ରେଷ୍ଠ କ୍ରୀଡାବିତ ପୁରସ୍କାର ପାଇଲେ ଆଲିମ୍ପିଆନ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ବିଜେତା କିଶୋର ଜେନା । ସେ ଅନୁପସ୍ଥିତ ଥିବା ହେତୁ ତାଙ୍କ ବାପା କିଶୋର ଜେନା ପୁରସ୍କାର ଗ୍ରହଣ କରିଥିଲେ । ସ୍ପୋର୍ଟ୍ସ ଲଗଅନ କୋଚ୍ ପୁରସ୍କାର ପାଇଲେ ଶୁଭେନ୍ଦୁ ପଣ୍ଡା । ଓଡିଶା ଫୁଟବଲ ର ଚିତ୍ର ବଦଳାଇ ଥିବା ଏବଂ ଭାରତୀୟ ଜୁନିଅର ଫୁଟବଲ୍ ଦଳର କୋଚ୍ ଭାବେ ସଫଳତା ଆଣିଛନ୍ତି । ସ୍ପୋର୍ଟ୍ସ ଲଗଅନ ପ୍ଲେୟାର ଅଫ ଦି ବାଏଗନ୍ ଏରା ପୁରସ୍କାର ପାଇବେ ଓଡିଶାର ପୂର୍ବତନ ଭଲିବଲ ଖେଳାଳି ଦୁଃଖୀଶ୍ୟାମ ମଲ୍ଲିକ । ସେହି ପୁରସ୍କାର ଗ୍ରହଣ କଲେ ଝିଅ ଆଶା ମଲ୍ଲିକ । ଏହି ୪କ୍ରୀଡାବିତଙ୍କୁ ୨୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସ୍ପୋର୍ଟସ ଲଗଅନ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ର ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା (IPS) SNM ଗ୍ରୁପର ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନୁଗୁଳ ସୁକିନ୍ଦା ରେଳବାଇ ଲିମିଟେଡ ଏମ ଡି ଦିଲ୍ଲୀପ ସାମନ୍ତରାୟ, ସମାଜ ସେବୀ କୁମୁଦିନୀ ମିଶ୍ର ଏବଂ ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସରେ ରେସିଡେଣ୍ଟ୍ ଏଡ଼ିଟର ଶିବ ମହାନ୍ତି ଏବଂ କ୍ରୀଡା ସାମ୍ବାଦିକ ତନ୍ମୟ ଦାସ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ୨୦୧୨ମସିହାରୁ ସ୍ପୋର୍ଟ୍ସ ଲଗଅନ ପୁରସ୍କାର ପ୍ରଦାନ କରାଯାଇ ଆସୁଥିଲା । କରୋନା ଆସିବା ବର୍ଷ ଠାରୁ ପ୍ରାୟ ୪ବର୍ଷ ପୁରସ୍କାର ପ୍ରଦାନ ବନ୍ଦ ରହିଥିଲା । ଦୀର୍ଘ ୪ବର୍ଷ ବ୍ୟବଧାନ ପରେ ପୁଣି ଥରେ ଏହି ବର୍ଷ ସ୍ପୋର୍ଟସ ଲଗଅନ ପୁରସ୍କାର ପ୍ରଦାନ କରାଯାଇଥିଲା ।

**ରଣଜୀ ଟକ୍କର**

## ଜମ୍ମୁ-କାଶ୍ମୀର ୧୯୩ ରନ୍‌ରେ ଅଗ୍ରଣୀ

ଭୁବନେଶ୍ୱର,୨୦।୧୦ (ସବ୍ୟୁ): ଚଳିତ ରଣଜୀ ଋତୁର ଏଲିଟ୍ ଗ୍ରୁପ୍ ଏ ମୁକାବିଲାରେ ତୃତୀୟ ଦିନ ଖେଳ ଶେଷ ସୁଧା ଘରୋଇ ଓଡ଼ିଶା ବିପକ୍ଷରେ ଜମ୍ମୁ-କାଶ୍ମୀର ୧୯୩ ରନ୍‌ର ଅଗ୍ରଣୀ ହାସଲ କରିଛି । ଷ୍ଟମ୍ପଅପସାରଣ ବେଳକୁ ଜମ୍ମୁ-କାଶ୍ମୀର ୪ ୱିକେଟ୍ ହରାଇ ୧୯୫ ରନ୍ କରିଛି । ଅବଦୁଲ ସମଦ ୭୦ ଓ ସାହିଲ ଲୋତ୍ରା ୨୧ ରନ୍ କରି ଅପରାଜିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶୁଭମ ଖଜୁରିଆ ୪୩ ଓ ପୁନ୍ଦିର ୪୦ ରନ୍ କରିଥିଲେ । ଓଡ଼ିଶା ପକ୍ଷରୁ କାର୍ତ୍ତିକ ବିଶ୍ୱାଳ ଦୁଇଟି ନେଇଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୁମିତ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ । ପୂର୍ବରୁ ଜମ୍ମୁ-କାଶ୍ମୀର ୨୭୦ ରନ୍ କରିଥିଲା । ଜବାବରେ ଓଡ଼ିଶା ଗୋବିନ୍ଦ ପୋଦ୍ଦାରଙ୍କ ଶତକ ସହାୟତାରେ ୨୭୨ ରନ୍ କରି ଦୁଇ ରନ୍‌ର ଇନିଂସ ଅଗ୍ରଣୀ ହାସଲ କରିଥିଲା । ଆଉ ଗୋଟିଏ ଦିନ ଖେଳ ବାକିଥିବାରୁ ମ୍ୟାଚ ଡ୍ର ଆଡେ ଗତି କରିବ ବୋଲି ଆଶା କରାଯାଉଛି ।

**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି